

ଯା ଦେବୀ ସର୍ବଭୂତେଷୁ............


ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ❑ ଶନିବାର ୧୩ ସେପ୍ଟେମ୍ବର ୨୦୨୫ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SATURDAY 13 September 2025

Vol.No. 36 ■ No.243 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ସଂଗ୍ରହ କରନ୍ତୁ
ବାର୍ଷିକ ସଂଖ୍ୟା
ସାଗରିକା
ଏବେଠାରୁ
ଡିଜିଟାଲ୍ ଫର୍ମାଟରେ ଉପଲବ୍ଧ...
website : sagarika.in.net


## ଭାରତକୁ ଭୟ କରୁଛି ଆମେରିକା: ମୋହନ ଭାଗବତ



ନୂଆଦିଲ୍ଲୀ,୧୨/୯ : ଟାରିଫକୁ ନେଇ ଗୋଟିଏ ପଟେ ଆମେରିକା, ଅନ୍ୟପଟେ ଭାରତ ଓ ବିରୋଧ କରୁଥିବା ଅନ୍ୟାନ୍ୟ ଦେଶ । ଏହା ମଧ୍ୟରେ ଭାରତ ଓ ଚୀନ ଉପରେ ଅଧିକ ଟାରିଫ ଲାଗୁ ପାଇଁ ୟୁରୋପୀୟ ସଂଘ ପରେ ଜି-ସେଭେନ ଦେଶଙ୍କୁ ଉସୁକାଉଛି ଆମେରିକା । ନୂଆଦିଲ୍ଲୀ ଓ ବେଜିଂ ଉପରେ ୫୦ % ପରେ ଆହୁରି ଅଧିକ ରପ୍ତାନି ଶୁଳ୍କ ଲଗାଇବାକୁ ଚାପ ପକାଉଥିବା ସୂଚନା ମିଳିଛି । ଆଜି କାନାଡ଼ା, ଫ୍ରାନ୍ସ, ଜାପାନ, ଇଟାଲୀ, ବ୍ରିଟେନ, ଜର୍ମାନୀ ସହ ଆମେରିକା କରିବ ଭର୍ଚୁଆଲ ବୈଠକ । ସେପଟେ ସର୍ଜିଓ ଗୋରଙ୍କ ଏକ ବଡ ବୟାନ ସାମ୍ନାକୁ ଆସିଛି । ନୂଆଦିଲ୍ଲୀରେ ଗଣମାଧ୍ୟମ ସହ କଥାବାର୍ତ୍ତା ସମୟରେ ସର୍ଜିଓ ଗୋର୍ କହିଛନ୍ତି ଯେ ଆମେରିକା ଚାହୁଁଛି, ଭାରତୀୟ ବଜାର ଆମେରିକୀୟ ଅଶୋଧିତ ତୈଳ, ପେଟ୍ରୋଲିୟମ୍ ଉତ୍ପାଦ ଓ ତରଳ ପ୍ରାକୃତିକ ଗ୍ୟାସ୍ ପାଇଁ ଖୋଲା ରହୁ । ଦୁଇ ଦେଶ ଶକ୍ତି କ୍ଷେତ୍ରରେ ଏକ ବଡ଼ ସହଭାଗିତା ଦେଖୁଛନ୍ତି ଓ ବାଣିଜ୍ୟିକ ଚୁକ୍ତି ବହୁତ ଦୂରରେ ନାହିଁ । ବାଣିଜ୍ୟ ବ୍ୟାପାର ସମସ୍ୟାର ସମାଧାନ ପାଇଁ ଉଦ୍ୟମ ଜାରି ରହିଛି । କିନ୍ତୁ ରୁଷଠାରୁ ଭାରତ ତୈଳ କିଣିବା ବନ୍ଦ କରିବା ଏକ କଷ୍ଟକର ବ୍ୟାପାର । ଏଥିସହ ସେ ଏକଥାକୁ ମଧ୍ୟ ଇଙ୍ଗିତ କରିଛନ୍ତି ମନ ବଦଳାଇ କ୍ୱାଡ୍ ସମ୍ମିଳନୀରେ ଯୋଗ ଦେବାକୁ ଭାରତ ଆସିପାରନ୍ତି ଆମେରିକା ରାଷ୍ଟ୍ରପତି । ଏସସିଓ ସମ୍ମିଳନୀରେ ଭାରତ, ଚୀନ ଓ ରୁଷକୁ ଗୋଟିଏ ମଞ୍ଚରେ ଏକାଠି ଦେଖିବା ପରେ ଭାରତ ଗସ୍ତ ବାତିଲ ନେଇ ସୂଚନା ମିଳିଥିଲା । ସେପଟେ ଆମେରିକାର ଏଭଳି ଟାରିଫକୁ ନେଇ ମୁହଁ ଖୋଲିଛନ୍ତି ଆରଏସଏସ ମୁଖ୍ୟ ମୋହନ ଭାଗବତ । ସେ ଆମେରିକାର ନାମ ନ ନେଇ ଟାର୍ଗେଟ କରିଛନ୍ତି ଏବଂ କହିଛନ୍ତି ଯେ ଭାରତ ଉପରେ ଶୁଳ୍କ ଲଗାଯାଇଥିଲା କାରଣ ସେମାନେ ଭୟ କରନ୍ତି ଯେ ଯଦି ଭାରତ ଶକ୍ତିଶାଳୀ ହୁଏ ତେବେ ସେମାନଙ୍କର କଣ ହେବ । ମୋହନ ଭାଗବତ ଶୁକ୍ରବାର ନାଗପୁରରେ ଏକ ବ୍ରହ୍ମାକୁମାରୀ କାର୍ଯ୍ୟକ୍ରମରେ ଭାଷଣ ଦେଇ ଏହା କହିଥିଲେ । ଆରଏସଏସ ମୁଖ୍ୟ କହିଛନ୍ତି ଯେ କିଛି ଦେଶ ଭାରତର ପ୍ରଗତିକୁ ଭୟ କରନ୍ତି । ସେଥିପାଇଁ ସେମାନେ ଏହା ଉପରେ ଆର୍ଥିକ ଚାପ ପକାଇବା ଭଳି ପଦକ୍ଷେପ ନିଅନ୍ତି । ଏପରି ପଦକ୍ଷେପ କେବଳ ସ୍ୱାର୍ଥପର ଚିନ୍ତାଧାରାର ପରିଣାମ । ଭାଗବତ କହିଛନ୍ତି ଯେ ଯଦି ଆମ ଭିତରେ କୌଣସି ଶତ୍ରୁ ନାହିଁ, ତେବେ ବାହାରେ କେହି ଆମର ଶତ୍ରୁ ନୁହଁନ୍ତି ।

## ୧୫ତମ ଉପ ରାଷ୍ଟ୍ରପତି ଭାବେ ଶପଥ ନେଲେ ସିପି ରାଧାକ୍ରିଷ୍ଣନ: ନଜର ଆସିଲେ ଧନଖଡ଼



ନୂଆଦିଲ୍ଲୀ,୧୨/୯ : ଶୁକ୍ରବାର ଦେଶର ୧୫ତମ ଉପ ରାଷ୍ଟ୍ରପତି ଭାବେ ଶପଥ ନେଇଛନ୍ତି ସିପି ରାଧାକ୍ରିଷ୍ଣନ । ରାଷ୍ଟ୍ରପତି ଭବନରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ତାଙ୍କୁ ପଦ ଓ ଗୋପନୀୟତାର ଶପଥ ପାଠ କରାଇଛନ୍ତି । ନିକଟରେ ଅନୁଷ୍ଠିତ ଉପ ରାଷ୍ଟ୍ରପତି ନିର୍ବାଚନରେ ଏନଡିଏରୁ ପ୍ରାର୍ଥୀ ହୋଇଥିବା ରାଧାକ୍ରିଷ୍ଣନ ୧୫୧ ଖଣ୍ଡ ଭୋଟରେ ବିରୋଧୀ ମେଣ୍ଟର ପ୍ରାର୍ଥୀ ଜଷ୍ଟିସ ସୁଦାର୍ଶନ ରେଡ୍ଡୀଙ୍କୁ ପରାସ୍ତ କରିଥିଲେ । ରାଧାକ୍ରିଷ୍ଣନଙ୍କୁ ୪୫୨ ଓ ଜଷ୍ଟିସ ରେଡ୍ଡୀଙ୍କୁ ୩୦୦ ଖଣ୍ଡ ଭୋଟ ମିଳିଥିଲା । ସେପ୍ଟେମ୍ବର ୯ରେ ଉପ ରାଷ୍ଟ୍ରପତି ନିର୍ବାଚନ ଜିତିଥିବା ରାଧାକ୍ରିଷ୍ଣନ ଆଜି ବିଧିବଦ୍ଧ ଭାବେ ଶପଥ ଗ୍ରହଣ କରିଛନ୍ତି । ଶପଥ ପାଠ ଉତ୍ସବରେ ପୂର୍ବତନ ଉପ ରାଷ୍ଟ୍ରପତି ଜଗଦୀପ ଧନଖଡ଼ଙ୍କୁ ଦେଖିବାକୁ ମିଳିଛି । କାର୍ଯ୍ୟକାଳ ପୂରଣ ହେବା ଆଗରୁ ଧନଖଡ଼ ଉପ ରାଷ୍ଟ୍ରପତି ପଦରୁ ଇସ୍ତଫା ଦେଇଥିଲେ । ଇସ୍ତଫା ଦେବା ପରେ ସେ ସର୍ବସାଧାରଣରୁ ଦୂରେଇ ଯାଇଥିଲେ ।

▶▶ପୃଷ୍ଠା ୭

## ପିଏମ କିଷାନ ବଢ଼ିଲା ୬ ମାସ କେୱାଇସି ଅବଧି

ଭୁବନେଶ୍ୱର, ୧୨/୯ (ନି.ପ୍ର): ପିଏମ କିଷାନରୁ ବାଦ ପଡ଼ିଥିବା ଚାଷୀଙ୍କ ପାଇଁ ବଡ଼ ଖବର । ସାମିଲ ହେବାକୁ ସରକାର ଦେଲେ ବଡ଼ ସୁଯୋଗ । କ୍ୱୋଇସି ଅବଧିକୁ ଆଉ ୬ ମାସ ବଢ଼ାଇଲେ ସରକାର । ୮ ସେପ୍ଟେମ୍ବରରୁ ଆଉ ୬ ମାସ ବୃଦ୍ଧି କରିଛନ୍ତି ସରକାର । ସିଏମ କିଷାନ ପାଉଥିବା ହିତାଧିକାରୀ ପିଏମ କିଷାନରେ କ୍ୱୋଇସି ଅପଡେଟ କରି ସାମିଲ ହୋଇପାରିବେ ।

▶▶ପୃଷ୍ଠା ୭

## ଶ୍ରୀମନ୍ଦିରରେ ପୁଣି ଉଡ଼ିଲା ଡ୍ରୋନ୍

ପୁରୀ, ୧୨/୯ (ନି.ପ୍ର): ଶ୍ରୀମନ୍ଦିର ସୁରକ୍ଷା ପ୍ରତି ସୃଷ୍ଟି ହେଲାଣି ବିପଦ । ଶ୍ରୀମନ୍ଦିର ଓ ଏହାର ଆଖପାଖରେ କୌଣସି ଡ୍ରୋନ୍ ଉଡ଼ିବ ନାହିଁ ବୋଲି ନିୟମ ରହିଥିଲେ ବି ବାରମ୍ବାର ଏହାର ଉଲ୍ଲଂଘନ ହେଉଛି । ନିୟମ ନମାନି ବଡ଼ଦେଉଳ ଉପରେ ଡ୍ରୋନ୍ ଉଡ଼ାଉଛନ୍ତି ଦୁର୍ବୃତ୍ତ । କିନ୍ତୁ ଏହାକୁ ରୋକିବାକୁ ଯେମିତି ପଦକ୍ଷେପ ନିଆଯିବା କଥା ସେମିତି ହେଉନି । ୨୪ଘଣ୍ଟା ଭିତରେ ଦୁଇ ଦୁଇ ଥର ଡ୍ରୋନ୍ ଉଡ଼ାଇ ପୁରୀ ପୁଲିସକୁ ଖୋଲା ଚ୍ୟାଲେଞ୍ଜ ଦେଇଛନ୍ତି ଦୁର୍ବୃତ୍ତ । ଗୁରୁବାର ରାତିରେ ୧୫ ମିନିଟ୍ କାଳ ଡ୍ରୋନ୍ ଉଡ଼ାଇ ହାଇ ସିକ୍ୟୁରିଟି ଜୋନ୍‌କୁ ହାଇଜାକ୍ କଲେ । ନୀଳଚକ୍ର ଠାରୁ ସିଂହଦ୍ୱାର ଏବଂ ସିଂହଦ୍ୱାର ଠାରୁ ଉତ୍ତରଦ୍ୱାର ଭଳି ସମ୍ବେଦନଶୀଳ ସ୍ଥାନର ଏରିଏଲ ଭ୍ୟୁ କଏଦ କଲେ । ପୁଣି ସକାଳୁ ୧୦ ମିନିଟ୍ ଧରି ନୀଳଚକ୍ର ନିକଟରେ ଚକ୍କର କାଟିଥିଲା ଆଉ ଏକ ବେଆଇନ ଡ୍ରୋନ୍ । ଶ୍ରୀମନ୍ଦିର ଉପରେ ବେଆଇନ ଡ୍ରୋନ୍ ଉଡ଼ାଇବା ନୂଆ ନୁହେଁ ।

▶▶ପୃଷ୍ଠା ୭

## ମୋହନ ସରକାରଙ୍କ ମାଷ୍ଟରପ୍ଲାନ୍: ଝଲସି ଉଠିବ ମହାନଦୀ ତଟ



ଭୁବନେଶ୍ୱର, ୧୨/୯ (ନି.ପ୍ର): ଓଡ଼ିଶାର ଜୀବନରେଖା ମହାନଦୀକୁ ନେଇ ମାଷ୍ଟରପ୍ଲାନ ପ୍ରସ୍ତୁତ କରିଛନ୍ତି ମୋହନ ସରକାର । ଜରାଜୀର୍ଣ୍ଣ ଓ ଦୂଷିତ ହୋଇ ପଡ଼ି ରହିବନି ମହାନଦୀ ତଟ । ସୌନ୍ଦର୍ଯ୍ୟୀକରଣ ପାଇଁ ୨୪୦ କୋଟି ଟଙ୍କା ଖର୍ଚ୍ଚ କରିବେ ସରକାର । ୩ ବର୍ଷ ପରେ ଆଖି ଝଲସାଇ ଦେବ ମହାନଦୀର ତଟ । ବହୁ ପ୍ରତୀକ୍ଷିତ ମହାନଦୀ ନଦୀତଟ ବିକାଶ ଯୋଜନାରେ ମୋହର ମାରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ମାଝୀ । ଆଗାମୀ ୩ ବର୍ଷରେ ବଦଳିଯିବ ମହାନଦୀ ନଦୀତଟର କାୟାକଳ୍ପ । ସମ୍ବଲପୁର ମନ୍ଦଲିଆରୁ ଚଉଁରପୁର, ଭୁବନେଶ୍ୱର ପାଣ୍ଡରା ନିକଟ କୁଆଖାଇ ଓ କୁଶଭଦ୍ରା ନଦୀକୂଳ ଘାଟ ପାଇବ ନୂଆ ରୂପ । ମନ୍ଦଲିଆରୁ ଚଉଁରପୁର ନଦୀକୂଳର ନବକଳେବର ।ପାର୍କ, ଖୋଲା ଜିମ୍, ଘାଟର ଉନ୍ନତୀକରଣ, ଆରତି ଘାଟ । ଜଗିଂ ଓ ସେଲ୍‌ଫି ପଏଣ୍ଟ, ସ୍ନାନଘାଟ, ଥିମ୍ ପ୍ଲାଜା, ସପିଂ କମ୍ପ୍ଲେକ୍ସ, ଶୌଚାଳୟର ନିର୍ମାଣ ହେବ ।

▶▶ପୃଷ୍ଠା ୭

## ଅର୍ଚ୍ଚନା ନାଗଙ୍କ ଘର ସିଲ୍ କଲା ଇଡି: ସତ୍ୟବିହାର ସ୍ଥିତ ବିଲ୍ଡିଂ ହେଲା ସିଲ୍



ଭୁବନେଶ୍ୱର, ୧୨/୯ (ନି.ପ୍ର): ଅର୍ଚ୍ଚନା ନାଗଙ୍କ ଘର ଆଟାଚ୍ କଲା ଇଡି । ସତ୍ୟବିହାର ସ୍ଥିତ ଏ+୨ ବିଲ୍ଡିଂକୁ ସିଲ୍ କରିଛି ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ । ମନି ଲଣ୍ଡରିଂ ଆଇନ ୨୦୦୨ ଆଧାରରେ ଏହି ପଦକ୍ଷେପ ନେଇଛି ଇଡି । ସୂଚନା ମୁତାବକ, ଅର୍ଚ୍ଚନା ଓ ଅନ୍ୟମାନଙ୍କ ବିରୋଧରେ ଚଳଚ୍ଚିତ୍ର ପ୍ରଯୋଜକ ଅକ୍ଷୟ ପରିଜା ନୟାପଲ୍ଲୀ ଥାନାରେ ଏତଲା ଦେଇଥିଲେ । ଆଇପିସିର ବିଭିନ୍ନ ଦଫା ସହିତ ଆଇଟି ଆକ୍ଟରେ ପୁଲିସ ଅର୍ଚ୍ଚନା ଓ ଅନ୍ୟମାନଙ୍କ ବିରୋଧରେ ମାମଲା ରୁଜୁ କରିଥିଲା ।

▶▶ପୃଷ୍ଠା ୭

## ୩ଜଣ ସରକାରୀ ଅଧିକାରୀଙ୍କୁ ଗିରଫ କଲା ଭିଜିଲାନ୍ସ

ଭୁବନେଶ୍ୱର, ୧୨/୯ (ନି.ପ୍ର): ଲାଂଚ ଏବଂ ଦୁର୍ନୀତି ମାମଲାରେ ୩ଜଣ ସରକାରୀ ଅଧିକାରୀଙ୍କୁ ଭିଜିଲାନ୍ସ ଗିରଫ କରିଛି । ବାମରା ତହସିଲଦାର ଓଏଏସ୍ ଅଧିକାରୀ ଅଶ୍ୱିନୀ କୁମାର ପଣ୍ଡାଙ୍କୁ ଗିରଫ କରିଛି ଭିଜିଲାନ୍ସ । ଲ୍ୟାଣ୍ଡ ମ୍ୟୁଟେସନ କେସରେ ୧୫ହଜାର ଟଙ୍କା ଲାଂଚ ନେଉଥିବା ବେଳେ ଭିଜିଲାନ୍ସ ତାଙ୍କୁ ଗିରଫ କରିଛି । ସେହିଭଳି ଲେବର କାର୍ଡ ଇସ୍ୟୁ କରାଇ ଦେବାକୁ କହି ଗରିବ ଶ୍ରମିକ

▶▶ପୃଷ୍ଠା ୭

## ବିଜେଡିକୁ ଅଡୁଆ ହେଲେଣି ଅସନ୍ତୁଷ୍ଟ: ଭାସ୍କର, ହିମରିକାଙ୍କ ପରେ ଦଳକୁ ବାଏ ବାଏ କଲେ ପ୍ରଫୁଲ ମଲ୍ଲିକ



ଭୁବନେଶ୍ୱର, ୧୨/୯ (ନି.ପ୍ର): ବିଜେଡିରେ ଛୁଟିଲାଣି ଇସ୍ତଫାର ସୁଅ । ଭାସ୍କର ଓ ଲାଲ ବିହାରୀ ହିମରିକାଙ୍କ ପରେ ବରିଷ୍ଠ ନେତା ପ୍ରଫୁଲ୍ଲ ମଲ୍ଲିକ ବିଜେଡିକୁ ବାଏ ବାଏ କରିଛନ୍ତି । ଏପଟେ ପ୍ରଫୁଲ୍ଲଙ୍କୁ ନିଲମ୍ବନ କରିଛି ବିଜେଡି । ଯାହାକି ରାଜ୍ୟ ରାଜନୀତିରେ ଚର୍ଚ୍ଚାର ବିଷୟ ହୋଇଛି । ଅନ୍ୟପଟେ ରାୟଗଡ଼ାରେ ବିଜେଡି ପୌରାଧକ୍ଷଙ୍କ ବିରୋଧରେ ଅନାସ୍ଥା ଆଣିଛନ୍ତି ଭାସ୍କରଙ୍କ ଗୋଷ୍ଠୀ । ବିଜେଡିର ଆଭିମୁଖ୍ୟ, ନୀତି ଆଦର୍ଶକୁ ନେଇ ପ୍ରଶ୍ନବାଣରେ ଘାଇଲା କରିଥିଲେ ପ୍ରଫୁଲ୍ଲ ମଲିକ । ହେଲେ ଏହି ବୟାନ ତାଙ୍କୁ ମହଙ୍ଗା ପଡ଼ିଛି । ପ୍ରଫୁଲ୍ଲ ମଲ୍ଲିକଙ୍କୁ ଦଳ ବିରୋଧୀ କାର୍ଯ୍ୟ ପାଇଁ ବିଜେଡିରୁ ନିଲମ୍ବନ କରାଯାଇଛି । ବିଜେଡି ପକ୍ଷରୁ ଏନେଇ ପ୍ରେସ ରିଲିଜ ଜାରି କରାଯାଇଛି । ହେଲେ ଏହାକୁ ନେଇ ଦ୍ୱନ୍ଦ୍ୱ ଦେଖାଦେଇଛି । ନିଲମ୍ବନ ପୂର୍ବରୁ ବ୍ୟକ୍ତିଗତ କାରଣ ଦର୍ଶାଇ ଦଳର ପ୍ରାଥମିକ ସଦସ୍ୟରୁ ଇସ୍ତଫା ଦେଇଥିବା କହିଛନ୍ତି ପ୍ରଫୁଲ୍ଲ । ହେଲେ ପ୍ରଶ୍ନ ଉଠୁଛି, ପ୍ରଥମ ନିଷ୍ପତ୍ତି ନେଇଥିଲା କିଏ ? ପ୍ରଫୁଲ୍ଲ ମଲ୍ଲିକ ନା ବିଜେଡି ? ଦଳ ଛାଡ଼ିବା ପରେ ବିଜେଡି ନେତାଙ୍କ ଉପରେ ଜୋରଦାର ବର୍ଷିଛନ୍ତି ପ୍ରଫୁଲ୍ଲ । କହିଛନ୍ତି, ବିଜେଡିରେ ଆଦର୍ଶ ନାହିଁ । ଲୋକେ ଦଳ ଠାରୁ ଦୂରେଇଲେଣି । ଯାହାର ଜବାବ ରଖିଛି ବିଜେଡି । ବିଜେଡିକୁ ଏନ ଭାସ୍କର ରାଓ ବାଏ ବାଏ କରିବା ପରେ ରାୟଗଡ଼ାରେ ଦୋହଲିଲାଣି ବିଜେଡି ସଙ୍ଗଠନ । ରାୟଗଡ଼ା ପୌର ଉପାଧକ୍ଷଙ୍କ ବିରୋଧରେ ଅନାସ୍ଥା ଆଣିଛନ୍ତି, ବିଜେଡିର ୨୧ କାଉନସିଲରଙ୍କ

▶▶ପୃଷ୍ଠା ୭

## ଓଡ଼ିଶାକୁ ଲା-ନିନା ବିପଦ: ଅକ୍ଟୋବର ଆସିଲା, ଭୟ ବଢ଼ିଲା

ଭୁବନେଶ୍ୱର, ୧୨/୯ (ନି.ପ୍ର):ସରିଯାଇଥିବ ଦୁର୍ଗା ପୂଜା । ଲକ୍ଷ୍ମୀ ପୂଜା ଓ ଦୀପାବଳିକୁ ନେଇ କିନ୍ତୁ ଏବେଠୁ ବଢ଼ିଲାଣି ଚିନ୍ତା । କାରଣ, ଅକ୍ଟୋବର ଆଣିପାରେ ବଡ଼ ବାତ୍ୟା । ଲା-ନିନାର ସକ୍ରିୟତା ଏମିତି ଡରାଇଲାଣି । ଓଡ଼ିଶାର ବାତ୍ୟା ଇତିହାସ ପୃଷ୍ଠାକୁ ଓଲଟାଇ ପାଣିପାଗ ବିଜ୍ଞାନୀ କହୁଛନ୍ତି, ଯେତେବେଳେ ଲା-ନିନା ସକ୍ରିୟ ହୋଇଛି, ଓଡ଼ିଶା ବାତ୍ୟାକୁ ସାମ୍ନା କରିଛି । ଫେରିଯିବାକୁ ବସିଛି ମୌସୁମୀ । ଏହା ଯେତିକି ଆଶ୍ୱସ୍ତ କରୁନି, ତା' ଠୁ ଅଧିକ ଡରାଇଲାଣି । ଏଇଥିପାଇଁ ଯେ ଏଥର ଅକ୍ଟୋବରରୁ ଡିସେମ୍ବର ଯାଏଁ ପ୍ରଶାନ୍ତ ମହାସାଗର ଜଳବାୟୁରେ ସକ୍ରିୟ ରହିବ ଲା-ନିନା । ପଶ୍ଚିମ ପ୍ରଶାନ୍ତ ମହାସାଗର ଅଞ୍ଚଳରେ ତାପମାତ୍ରା ସ୍ୱାଭାବିକଠାରୁ ଅଧିକ ରହୁଥିବାରୁ ପାଣିପାଗ ଜନିତ ଅସ୍ଥିରତା ବଢ଼ିବ । ପାଣିପାଗ ବିଜ୍ଞାନୀଙ୍କର ଏଭଳି ଆକଳନ ପରେ ବଙ୍ଗୋପସାଗରରେ ବାତ୍ୟା ଭୟ ବଢ଼ିଛି । ଦିନେ କି ମାସେ ନୁହେଁ, ଆସନ୍ତା ତିନିମାସ ଓଡ଼ିଶା ପାଇଁ ସମୁଦ୍ର ଆଡୁ ଆସିପାରେ ଭୀଷଣ ବିପଦ । ଉପକୂଳର ଯେ କୌଣସି ସ୍ଥାନକୁ ଛୁଇଁପାରେ ବାତ୍ୟା ।

▶▶ପୃଷ୍ଠା ୭

## ଆଇଏଏସ୍ ସ୍ତରରେ ଛୋଟ ଧରଣର ଅଦଳବଦଳ

ଭୁବନେଶ୍ୱର, ୧୨/୯ (ନି.ପ୍ର): ଆଇଏଏସ୍ ସ୍ତରରେ ଆଜି ଛୋଟ ଧରଣର ଅଦଳବଦଳ କରିଛନ୍ତି ରାଜ୍ୟ ସରକାର । ଏନେଇ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ କରାଯାଇଛି । ଓମ୍‌ଫେଡ୍‌ର ପରିଚାଳନା ନିର୍ଦ୍ଦେଶକ ଥିବା ୨୦୧୩ ବ୍ୟାଚ୍‌ର ଆଇଏଏସ୍ ଅଫିସର ବିଜୟ ଅମୃତ କୁଲାଙ୍ଗେଙ୍କୁ ପ୍ରାଣୀପାଳନ ଓ ପ୍ରାଣୀ ଚିକିତ୍ସା ସେବାର ନିର୍ଦ୍ଦେଶକ କରାଯାଇଛି । ସେ ଓମ୍‌ଫେଡ୍‌ର ପରିଚାଳନା ନିର୍ଦ୍ଦେଶକ ଭାବେ ଅତିରିକ୍ତ ଦାୟିତ୍ୱ ତୁଲାଇବେ । ଆୟୁଷର ନିର୍ଦ୍ଦେଶକ ଥିବା ୨୦୧୪ ବ୍ୟାଚ୍‌ର ଆଇଏଏସ୍ ଅଫିସର ପ୍ରେମଜିତ୍ ନାୟକଙ୍କୁ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି, ଉନ୍ନୟନ, ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆ ବର୍ଗ କଲ୍ୟାଣ ବିଭାଗର ଅତିରିକ୍ତ ସଚିବ ଭାବେ ବଦଳି କରାଯାଇଛି । ୨୦୧୫ ବ୍ୟାଚ୍‌ର ଆଇଏଏସ୍ ଅଫିସର ଅଞ୍ଜନା ପଣ୍ଡାଙ୍କୁ ଆୟୁଷର ନିର୍ଦ୍ଦେଶିକ ଭାବେ ନିଯୁକ୍ତ ଦିଆଯାଇଛି ।

▶▶ପୃଷ୍ଠା ୭

## ଆଜି ପ୍ରଧାନମନ୍ତ୍ରୀ ମୋଦୀଙ୍କ ମଣିପୁର ଗସ୍ତ: ରାଜ୍ୟକୁ ୮ ହଜାର ୪ଶହ କୋଟିର ମିଳିବ ଉପହାର



ନୂଆଦିଲ୍ଲୀ,୧୨/୯ : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତାକାଲି ମଣିପୁର ଗସ୍ତରେ ଯିବେ । ମଣିପୁରରେ ଜାତିଆଣ ହିଂସାର ଦୁଇବର୍ଷ ପରେ ମୋଦୀ ଯାଉଛନ୍ତି । ୨୦୨୩ରେ ମଣିପୁରରେ ମିତେଇ ଏବଂ କୁକି ସମ୍ପ୍ରଦାୟ ମଧ୍ୟରେ ହିଂସାକାଣ୍ଡ ଆରମ୍ଭ ହୋଇଥିଲା । ଏଥିରେ ୨୬୦ରୁ ଅଧିକ ଲୋକ ପ୍ରାଣ ହରାଇଥିବା ବେଳେ ହଜାର ହଜାର ଲୋକ ବାସଚ୍ୟୁତ ହୋଇଛନ୍ତି । ହିଂସା ରୋକିବା ପାଇଁ ମୋଦୀ ମଣିପୁର ଯାଇ ନଥିବାରୁ ବିରୋଧୀ ସମାଲୋଚନା କରିଥିଲେ । ଶନିବାର ମୋଦୀଙ୍କ ଗସ୍ତ ପରେ ମଣିପୁରରେ ଶାନ୍ତି ପ୍ରତିଷ୍ଠା ଓ ବିକାଶ ତ୍ୱରାନ୍ୱିତ ହେବ ବୋଲି ଇମ୍ଫାଲଠାରେ ମୁଖ୍ୟ ଶାସନ ସଚିବ ପୁନିତ କୁମାର ଗୋଏଲ କହିଛନ୍ତି । ମୋଦୀ ମଣିପୁର ସହିତ ମିଜୋରାମ ମଧ୍ୟ ଯିବେ । ଲୋକଙ୍କ ସହିତ ମୋଦୀ ଆଲୋଚନା କରିବେ । ଏହି ଗସ୍ତକାଳରେ ମୋଦୀ ବୈରବୀ-ସଇରାଙ୍ଗ ରେଳ ପ୍ରକଳ୍ପ ଉଦଘାଟନ କରିବେ । ଏହାଛଡ଼ା ୭ ହଜାର ୩ ଶହ କୋଟି ଟଙ୍କାର ଉନ୍ନୟନ ପ୍ରକଳ୍ପ ପାଇଁ ଶିଳାନ୍ୟାସ ଓ ୧ ହଜାର ୨ ଶହ କୋଟି ଟଙ୍କାର ଭିତ୍ତିଭୂମି ପ୍ରକଳ୍ପର ଉଦଘାଟନ କାର୍ଯ୍ୟକ୍ରମ ରହିଛି । ମୋଦୀଙ୍କ ଗସ୍ତ ପାଇଁ କଡ଼ା ସୁରକ୍ଷା ବ୍ୟବସ୍ଥା କରାଯାଇଛି । ଅନ୍ୟପକ୍ଷରେ ମୋଦୀଙ୍କ ମଣିପୁର ଗସ୍ତକୁ କଂଗ୍ରେସ ନେତା ରାହୁଲ ଗାନ୍ଧୀ ସ୍ୱାଗତ କରିଛନ୍ତି ।

## ବାଜିଲା ମୋହର: ସୁଶୀଲା କାର୍କୀ ହେବେ ନେପାଳର ଅନ୍ତରୀଣ ପ୍ରଧାନମନ୍ତ୍ରୀ



ନୂଆଦିଲ୍ଲୀ,୧୨/୯ : ନେପାଳରେ ଜେନ-ଜି ଯୁବଗୋଷ୍ଠୀଙ୍କ ହିଂସାତ୍ମକ ବିରୋଧ ପ୍ରଦର୍ଶନ ପରେ ରାଜନୈତିକ ଅସ୍ଥିରତାରେ ଏକ ନୂତନ ମୋଡ଼ ଆସିଛି । ସୁଶୀଲା କାର୍କୀଙ୍କୁ ଅନ୍ତରିମ ପ୍ରଧାନମନ୍ତ୍ରୀ ଭାବେ ନିଯୁକ୍ତି ଦେବା ଉପରେ ମୋହର ଲାଗିଛି । ସୂତ୍ରମାନଙ୍କ ଅନୁଯାୟୀ, କାର୍କୀ ଆଜି ହିଁ ଅନ୍ତରିଣ ପ୍ରଧାନମନ୍ତ୍ରୀ ପଦରେ ଶପଥ ଗ୍ରହଣ କରିବେ । ରାଷ୍ଟ୍ରପତି ଭବନରେ ତାଙ୍କୁ ଶପଥ ଦିଆଯିବ ଏବଂ ଶପଥ ପରେ ସେ ରାଷ୍ଟ୍ରପତି ଭବନରୁ ବାହାରୁ ଆସିବେ । ନେପାଳର ରାଜନୈତିକ ଦଳମାନଙ୍କ ମଧ୍ୟରେ ସସଂଦ ଭାଙ୍ଗିବାକୁ ନେଇ ସହମତି ହୋଇଛି । ଏହା ଅର୍ଥ ହେଉଛି ଯେ ଯେତେବେଳେ ପରିସ୍ଥିତି ସାଧାରଣ ହେବ, ସେତେବେଳେ ନିର୍ବାଚନ ମଧ କରାଯିବ । ଏହା ଜେନ-ତ ପ୍ରଦର୍ଶନକାରୀମାନଙ୍କର ଦାବି ଅନୁଯାୟୀ ହୋଇଛି, ଯେଉଁଠାରେ ୬ ମାସ ଭିତରେ ନିର୍ବାଚନ ହେବାର ଘୋଷଣା କରାଯାଇଛି । ନିକଟରେ ସୃଷ୍ଟି ହୋଇଥିବା ପରିସ୍ଥିତିରେ ଜେନ-ତ(୧୯୯୭ରୁ

▶▶ପୃଷ୍ଠା ୭

# ବାଲେଶ୍ୱର ବାଘାଯତୀନ କ୍ଲବରେ ବିଶାଳ ରକ୍ତଦାନ ଶିବିର



ବାଲେଶ୍ୱର, ୧୨/୦୯ (ନି.ପ୍ର): ବାଲେଶ୍ୱର ଜିଲ୍ଲାର ବାରବାଟୀରେ ଥିବା ବାଘାଯତୀନ କ୍ଲବ ରେ ସଭାପତି ବିକ୍ରମ ଜିତ୍ କର୍ ଙ୍କ ସଭାପତିତ୍ୱରେ ଏକ ବିଶାଳ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି ସବୁ ବର୍ଷ ପରି ଚଳିତ ବର୍ଷ ମଧ ବାଘାଯତୀନ ଦିବସ ଦିନ ବାଘାଯତୀନ କ୍ଲବରେ ରକ୍ତଦାନ ଶିବିର ଆୟୋଜନ ହୋଇଥିଲା । ମୁଖ୍ୟ ଅତିଥି ଭାବେ ବାଲେଶ୍ୱର ସଦର ବିଧାୟକ ମାନସ କୁମାର ଦତ୍ତ ଯୋଗ ଦେଇ ଫିତା କାଟି ପ୍ରଦୀପ ପ୍ରଜ୍ୱଳନ କରି ରକ୍ତ ଦାନ ଶିବିର କୁ ଉଦଘାଟନ କରିଥିଲେ। ସମ୍ମାନୀୟ ଅତିଥି ଭାବେ ରୋଟାରୀୟାନ ସୁବ୍ରତ କର , ବିଜେପି ଯୁବନେତା ସୁରଜିତ ଦେବ, ବିଜେପି ଯୁବନେତା ସମାଜ ସେବୀ ଗୌରାଙ୍ଗ ଦାସ, ବିଜେପି ୱାର୍ଡ ସଭାପତି ଅଶୋକ ଦାସ, ପୂର୍ବତନ କାଉନସିଲର ମିହିର ବାରିକ, ବିଜେପି ଯୁବନେତା ଗଙ୍ଗା ଭାଇ ଉପସ୍ଥିତ ଥିଲେ। ମୁଖ୍ୟ ଅତିଥି ବିଧାୟକ ମାନସ କୁମାର ଦତ୍ତ ତାଙ୍କ ବକ୍ତବ୍ୟରେ କହିଥିଲେ ସଭାପତି ବିକ୍ରମ ଜିତ କର ଏଭଳି ତାଙ୍କ ସଂଗ୍ରାମ କରୁଥାନ୍ତି , ଲୋକ ସେବା କରନ୍ତୁ ବାଘାଯତୀନ କ୍ଲବ ସାଙ୍ଗରେ ରହିଛି । ଯଦି ଆବଶ୍ୟକତା ପଡେ ତାହାହେଲେ ମୁଁ ସବୁପ୍ରକାର ସାହାଯ୍ୟ ସହାନୁଭୂତି ଦେବି । ରୋଟରୀୟନ୍ ସୁବ୍ରତ କର କହିଲେ ବାଘାଯତୀନ କ୍ଲବ୍ ର ଯୁବଗୋଷ୍ଠୀ ରକ୍ତଦାନ ଶିବିର ବହୁ ଜନହିତ କର କାର୍ଯ୍ୟ କରିଥିବାରୁ ଧନ୍ୟବାଦ ଦେଇଥିଲେ। ସୁରଜିତ ଦେବ କହିଥିଲେ ରକ୍ତଦାନ ମହପୂର୍ଣ୍ୟ ତେଣୁ ଯେଉଁ ଭାଇ ଭଉଣୀ ମାନେ ଆସୁଛନ୍ତି ରକ୍ତଦାନ ପାଇଁ ସେମାନଙ୍କୁ ଧନ୍ୟବାଦ୍ ଦେଇଥିଲେ। ସଭାପତି ବିକ୍ରମ ଜିତ କର ତାଙ୍କ ବକ୍ତବ୍ୟରେ କହିଥିଲେ ମୁଖ୍ୟ ଅତିଥି ,ସମ୍ମାନୀୟ ଅତିଥି କ୍ଲବ୍ ର ଯୁବଗୋଷ୍ଠୀ ଯୋଗ ଦେଇ ବାଘାଯତୀନ କ୍ଲବ ର ରକ୍ତଦାନ ଶିବିର କୁ ସଫଳ କରୁଥିବାରୁ ଧନ୍ୟବାଦ୍ ଦେଇଥିଲେ। ଅମିତ କର , ସୁରଜିତ କର , ନିଲୋଜନ କର , ଅସିତ୍ କର , ଆନିମେସ ଦେ , ଚନ୍ଦ୍ର ଶେଖର ଜେନା, ତାପସ ଦେ , ଗିରିଜା କର , ଅବିଶେକ ପଣ୍ଡା , କୃଷ୍ଣ ରାଜ କର ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

# ତିନୋଟି ବ୍ଲକ୍‌ର ମହିଳା ସରପଂଚ ଏବଂ ନାଏବ ସରପଂଚଙ୍କୁ ନେଇ ଦକ୍ଷତା ବୃଦ୍ଧି ତାଲିମ୍ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଉଦ୍‌ଯାପିତ

ମାଲକାନଗିରି, ୧୨/୦୯ (ନି.ପ୍ର): ସରକାରଙ୍କ ଉଦ୍ୟମରେ ସ୍ଥାନୀୟ ତିନୋଟି ବ୍ଲକ୍ ଯଥା କାଲିମେଳା, କୋରୁକୋଣ୍ଡା ଏବଂ ମାଥିଲି ବ୍ଲକ୍ ଆଦି ବିଭିନ୍ନ ପଂଚାୟତର ମହିଳା ସରପଂଚ ଏବଂ ନାଏବ ସରପଂଚଙ୍କୁ ନେଇ ଏକ ଦକ୍ଷତା ବୃଦ୍ଧି ନେତୃତ୍ୱର ଗଠନ ତାଲିମ୍ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଉଦଯାପିତ ହୋଇଯାଇଛି। ଗ୍ରାମପଂଚାୟତର ବିକାଶ ଉଦ୍ଦେଶ୍ୟରେ ମହିଳା ଲୋକ ପ୍ରତିନିଧିଙ୍କୁ ନେଇ ମାଲକାନଗିରି ଜିଲ୍ଲା ପ୍ରଶାସନ ତରଫରୁ ଏକ ଦୀର୍ଘ ତିନି ଦିନିଆ ତାଲିମ୍ ଶିବିର ଆୟୋଜିତ ହୋଇଥିଲା। ଏହି ଶିବିର ଜିଲ୍ଲା ପଂଚାୟତ ସାଧନ କେନ୍ଦ୍ର ଠାରେ ଜିଲ୍ଲା ପରିଷଦ ତତ୍ୱାବଧାନରେ ଚଳିତ ମାସ ୯ ତାରିଖରୁ ୧୧ ତାରିଖ ପର୍ଯ୍ୟନ୍ତ ଚାଲିଥିଲା। ପ୍ରଶିକ୍ଷଣର ଉଦଯାପନୀ କାର୍ଯକ୍ରମରେ ମୁଖ୍ୟ ଅତିଥି ରୂପେ ଜିଲ୍ଲା ପରିଷଦ ମୁଖ୍ୟ ନିର୍ବାହୀ ଅଧିକାରୀ ନରେଶ ଚନ୍ଦ୍ର ଶବରଙ୍କ ସମେତ ସମ୍ମାନୀତ ଅତିଥି ଭାବରେ ଏପିଡି ରାମଚନ୍ଦ୍ର ଖଡ଼ିଆ, ଏପିଡି ଅର୍ଥ ମାନସ ମିଶ୍ର, ଅତିଥି ଭାବରେ ଡିପିଏମ ଅଶୋକ ସାହୁ ଉପସ୍ଥିତ ରହି ସମସ୍ତଙ୍କୁ କାର୍ଯ୍ୟକ୍ରମର ଜରୁରୀ ଦିଗ ପ୍ରତି ଧ୍ୟାନ ଆକର୍ଷଣ କରିଥିଲେ। ଏଥିରେ ପୋଗ୍ରାମ୍ ମ୍ୟାନେଜର ହିମାଂଶୁ ଭୁଷଣ ମହାରଣା ଶିବିରର ଉଦ୍ଦେଶ୍ୟ ଓ କାର୍ଯ୍ୟସୂଚୀ ବିଷୟରେ ବିସ୍ତୃତ ଭାବେ ଉପସ୍ଥିତ ପ୍ରଶିକ୍ଷାର୍ଥିଙ୍କୁ ଅବଗତ କରାଇଥିଲେ । ଏହି ତାଲିମ୍ ଶିବିରରେ ଆସିଥିବା ସମସ୍ତ ମହିଳା ସରପଂଚ ଏବଂ ନାଏବ ସରପଂଚଙ୍କ ନେତୃତ୍ୱ ମାଧ୍ୟମରେ ଗ୍ରାମପଂଚାୟତର ବିକାଶ ସମ୍ଭବ ଏହି ଉଦ୍ଦେଶ୍ୟରେ ବିଶେଷ ତାଲିମ୍ ଦିଆଯାଇଥିଲା। ଏହି ଶିବିରରେ ତାଲିମ୍ ଦାତା ଭାବରେ ସମସ୍ତ ମହିଳା ତାଲିମ୍ ଦାତାଙ୍କ ମଧ୍ୟରେ ଏନ ସ୍ୱାତୀ, ସଞ୍ଜନା ମହାରଣା, ଭଗବତୀ ମଣ୍ଡଳ, ସୁନୀତା ସାମଲ, ତପସ୍ୱିନୀ ଜେନା ଆଦି ପ୍ରେରଣାଦାୟୀ ଏବଂ ତଥ୍ୟ ମୂଳକ ତାଲିମ୍ ଦେଇଥିଲେ। ତାଲିମ୍ ଶିବିର ପରେ ଏହି ପ୍ରଶିକ୍ଷଣ ପାଇଥିବା ସମସ୍ତ ମହିଳା ସରପଂଚ ଏବଂ ନାଏବ ସରପଂଚ ମାନେ ନିଜ ଅଂଚଳରେ ଜନସାଧାରଣଙ୍କୁ ସଚେତନ କରି ନିଜ ଜ୍ଞାନ ଓ ଅନୁଭବକୁ ବ୍ୟବହାର କରି ଗ୍ରାମପଂଚାୟତର ବିକାଶର ଦାୟିତ୍ୱ ନେବେ। ଏହି କାର୍ଯ୍ୟକ୍ରମକୁ ସଫଳ ଓ ସୁ-ସଂଗଠିତ ଭାବେ ପରିଚାଳନା କରିବାରେ ବିନାଶ କୁମାର ମିଶ୍ରଙ୍କ ନେତୃତ୍ୱ ରେ ଏନ. ଅହଲ୍ୟା, ବିଶ୍ୱନାଥ ମଣ୍ଡଳ, ରାଜକୁମାର ଦୁରୁଆ, ନିପିନ୍ଦ୍ର ଦୁରୁଆ ଓ ଜିଲ୍ଲା ପରିଷଦ ଏବଂ ପଂଚାୟତ ସାଧନ କେନ୍ଦ୍ର ର ସମସ୍ତ ସଦସ୍ୟ ମାନେ ସହଯୋଗ ଦେଇ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇଥିଲେ।

# ପ୍ରଧାନମନ୍ତ୍ରୀ ପ୍ରଗତି ଯୋଜନାର ବୃହତ ପ୍ରକଳ୍ପଗୁଡ଼ିକର ସମୀକ୍ଷା

କେନ୍ଦ୍ରାପଡ଼ା, ୧୨/୦୯ (ନି.ପ୍ର): କେନ୍ଦ୍ରାପଡ଼ା ଜିଲ୍ଲାର ବିଭିନ୍ନ ଅଂଚଳରେ ପ୍ରଧାନମନ୍ତ୍ରୀ ପ୍ରଗତି ଯୋଜନା ଆଧାରରେ ଜିଲ୍ଲାରେ ଚାଲୁରହିଥିବା ବୃହତ ପ୍ରକଳ୍ପଗୁଡ଼ିକର ସମୀକ୍ଷା ବୈଠକ ରଘୁରାମ ଆର୍. ଆୟାରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରା, ମହାକାଳପଡ଼ା ବିଧାୟକ ଡ଼ଃ ଦୁର୍ଗା ପ୍ରସନ୍ନ ନାୟକ, ରାଜନଗରର ଧ୍ରୁବ ଚରଣ ସାହୁଙ୍କ ସମେତ ଅନ୍ୟ ବିଧାୟକ ଓ ଅତିରିକ୍ତ ଜିଲ୍ଲାପାଳ ନବକ୍ରୀଷ୍ଣ ଜେନା, ରବିନ୍ଦ୍ର କୁମାର ମଲିକ, ଜିଲ୍ଲା ପରିଷଦ ମୁଖ୍ୟ ନିର୍ବାହୀ ଅଧିକାରୀ ଅଜାମ୍ବର ମହାନ୍ତି ପ୍ରମୁଖ ଯୋଗଦେଇ ପ୍ରତ୍ୟେକ ବିଭାଗର ବୃହତ ପ୍ରକଳ୍ପଗୁଡ଼ିକର କାର୍ଯ୍ୟକ୍ରମ ଯୋଜନାର ଅଗ୍ରଗତି ସଂପର୍କରେ ସମୀକ୍ଷା କରା ଯାଇଥିଲା। ଜାତୀୟ ରାଜପଥରେ ପ୍ରକଳ୍ପ ଗୁଡିକ ନିର୍ଦ୍ଧାରିତ ସମୟ ମଧ୍ୟରେ ସରିବା, ପ୍ରକଳ୍ପଗୁଡ଼ିକ ଅଗ୍ରଗତିରେ ବାଧା ସୃଷ୍ଟି କରୁଥିବା ଦିଗଗୁଡ଼ିକ ଉପରେ ଆଲୋଚନା କରାଯାଇ ଥିଲା। ଯଥା- ଜମି ଅଧିଗ୍ରହଣ, ଜବରଦଖଲ ଉଚ୍ଛେଦ, ପରିବେଶ ମଞ୍ଜୁରୀଗୁଡ଼ିକ ସଂପର୍କରେ ଉପସ୍ଥିତ ଅଧିକାରୀମାନେ ନିଜ ନିଜର ବକ୍ତବ୍ୟ ରକିଥିଲେ। ବୃହତ ପ୍ରକଳ୍ପଗୁଡ଼ିକ ସମୟସୀମା ଭିତରେ ସମାପ୍ତ ହେଲେ ଜନ ସାଧାରଣଙ୍କ ହିତରେ ଲାଗିବ ବୋଲି ବିଧାୟକ ଗଣେଶ୍ୱର ବେହେରା ନିଜର ମନ୍ତବ୍ୟ ଦେଇଥିଲେ।

# ପିତୃପକ୍ଷରେ ଶ୍ରାଦ୍ଧ ପାଇଁ ଶ୍ରଦ୍ଧାଳୁଙ୍କ ଭିଡ଼

ପୁରୀ, ୧୨/୦୯ (ନି.ପ୍ର): ପିତୃପକ୍ଷ ବା ଅପରପକ୍ଷ ପାଇଁ ଶ୍ରୀମନ୍ଦିର ଉତରଦ୍ୱାର ପରିକ୍ରମା ମାର୍ଗର ପାଚେରୀର ପାଖରେ ବସିଛନ୍ତି ଶହ ଶହ ବ୍ରାହ୍ମଣ । ଛତା ତଳେ ଶ୍ରଦ୍ଧାଳୁଙ୍କ ଶ୍ରାଦ୍ଧ ଓ ପିଣ୍ଡଦାନ କରୁଛନ୍ତି ବ୍ରାହ୍ମଣ ମାନେ । ମନ୍ତ୍ର ଉଚ୍ଚାରଣରେ କମ୍ପୁଛି ଶ୍ରାଦ୍ଧସ୍ଥଳ । ଶ୍ରଦ୍ଧାଳୁ ମାନଙ୍କ ପିତାମାତାଙ୍କ ତିଥି ଥିବା ଦିନରେ ଶ୍ରାଦ୍ଧ ଓ ପିଣ୍ଡଦାନ କରୁଛନ୍ତି । ଆଶ୍ୱିନ ମାସ କୃଷ୍ଣପକ୍ଷ ପ୍ରତିପଦା ତିଥିରୁ ମହାଳୟା ଅମାବାସ୍ୟା ପର୍ଯ୍ୟନ୍ତ ପିତୃପକ୍ଷ ଶ୍ରାଦ୍ଧ ଚାଲୁ ରହିବ । ଯେଉଁ ମାନେ ତିଥି ଅନୁସାରେ ପିଣ୍ଡଦାନ କରିପାରିବେ ନାହିଁ । ସେମାନେ ମହାଳୟା ଦିନ ଶ୍ରାଦ୍ଧ ଓ ପିଣ୍ଡଦାନ କରିପାରିବେ । ପିତୃପକ୍ଷରେ ପିଣ୍ଡଦାନ କଲେ ପିତୃପୁରୁଷ ସନ୍ତୋଷ ଲାଭ କରି ଘରେ ସୁଖ ସମୃଦ୍ଧି ହେବା ବିଶ୍ୱାସ ରହିଛି । ପିତୃଶ୍ରାଦ୍ଧ, ମାତୃଶ୍ରାଦ୍ଧ, ମହାଳୟା ଶ୍ରାଦ୍ଧ ଓ ପୟା ଶ୍ରାଦ୍ଧ ରହିଛି । ମହାଳୟା ଶ୍ରାଦ୍ଧ ପାଇଁ ଶ୍ରଦ୍ଧାଳୁ ମାନେ ପୁରୀ ଆସି ଶ୍ରୀକ୍ଷେତ୍ରରେ ବ୍ରାହ୍ମଣଙ୍କ ହସ୍ତରେ ଶ୍ରାଦ୍ଧ ଓ ପିଣ୍ଡଦାନ କରିବା ନେଇ ଭିଡ ଦେଖିବାକୁ ମିଳିଛି । ଉତରଦ୍ୱାର ସମ୍ମୁଖରେ ଶ୍ରାଦ୍ଧ ସାମଗ୍ରୀ ମିଳୁଥିବାରୁ ଶ୍ରଦ୍ଧାଳୁ ମାନେ ସେଠାରୁ ଶ୍ରାଦ୍ଧର ସମସ୍ତ ସାମଗ୍ରୀ କିଣି କଦଳୀପତ୍ର ସହ ବ୍ରାହ୍ମଣଙ୍କ ନିକଟରେ ବସି ଶ୍ରାଦ୍ଧ ଓ ପିଣ୍ଡଦାନ କରୁଥିବା ଦେଖିବାକୁ ମିଳିଛି । ପିତୃପକ୍ଷରେ ପିତୃଲୋକ ମାନେ ମର୍ତ୍ତ୍ୟ ମଣ୍ଡଳକୁ ଆସି ଆତ୍ମୀୟସ୍ୱଜନଙ୍କ ନିକଟରୁ ପାଣି, ପିଣ୍ଡ ଓ ଶ୍ରାଦ୍ଧ ଗ୍ରହଣ କରୁଥିବା ବିଶ୍ୱାସ ରହିଛି । ଆଧ୍ୟାତ୍ମିକ ପରିବେଶ ବାତାବରଣ ସହ ଶ୍ରାଦ୍ଧ ପରେ ଶ୍ରଦ୍ଧାଳୁ ମାନେ ବ୍ରାହ୍ମଣଙ୍କୁ ମୁଣ୍ଡିଆ ମାରି ଦକ୍ଷିଣା ଦେବା ସହ ଆଶୀର୍ବାଦ ଭିକ୍ଷା କରିଥାନ୍ତି । ଶ୍ରାଦ୍ଧ ଶେଷ ହେବା ପରେ ଶ୍ରଦ୍ଧାଳୁ ମାନେ ଶ୍ରୀମନ୍ଦିରରେ ଶ୍ରୀଜୀଉଙ୍କୁ ଦର୍ଶନ କରିବା ସହ ମହାପ୍ରସାଦ ସେବନ କରୁଛନ୍ତି ।

# ତୁରୁମୁଙ୍ଗା ଡିଗ୍ରୀ ମହାବିଦ୍ୟାଳୟରେ ରକ୍ତଦାନ ଶିବିର ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ

କେନ୍ଦୁଝର, ୧୨/୦୯ (ନି.ପ୍ର): କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ତୁରୁମୁଙ୍ଗା ଡିଗ୍ରୀ ମହାବିଦ୍ୟାଳୟ ଠାରେ ରକ୍ତ ଦାନ ଶିବିର ପାଇଁ ସମ୍ବାଦ ଆମ ଓଡ଼ିଶା ତରଫରୁ ଏକ ପ୍ରସୂତି ବୈଠକ ର ଆୟୋଜନ କରାଯାଇଥିଲା। ଉକ୍ତ ବୈଠକରେ ସମ୍ବାଦ ପ୍ରତିନିଧି ମହେଶ୍ୱର ପୁଷ୍ଟି ସଂଯୋଜନା କରିଥିବା ବେଳେ ଡିଗ୍ରୀ ମହାବିଦ୍ୟାଳୟ ର ପ୍ରଧାନ ଅଧ୍ୟକ୍ଷ ଡ. ତ୍ରୈଲକ୍ୟ କୁମାର ପରିଡା , ଅଧ୍ୟାପକ ତ୍ରିନାଥ ମହାନ୍ତ, ପଦ୍ମଲଚନ ସାହୁ, ଅଜୟ କୁମାର ବେହେରା, ଉପସ୍ଥିତ ରହିଥିଲେ। ସର୍ବ ସମତିକ୍ରମେ ଚଳିତ ମାସ ୧୨ ତାରିଖ ଦିନ ରକ୍ତଦାନ ଶିବିରର ଆୟୋଜନ କରାଯିବ ବୋଲି ନିଷ୍ପତି ନିଆଯାଇଥିଲା। ରକ୍ତଦାନ ମହା ପୁଣ୍ୟ ତେଣୁ ପ୍ରତ୍ୟକ ତିନିମାସ ବ୍ୟବଧାନ ରେ ପୁରୁଷ ମାନେ ଓ ୬ ମାସ ବ୍ୟବଧାନ ରେ ମହିଳା ମାନେ ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରିବା ଭଲ ଏବଂ ରକ୍ତଦାନ କଲେ ରକ୍ତଦାତା ଙ୍କ ସ୍ୱାସ୍ଥ୍ୟ ମଧ ଭଲ ରହେ ବୋଲି ଡାକ୍ତର ସୁଭାଷ କର ସୂଚନା ଦେଇଥିଲେ। ଦଧିବାମନ ଡିଗ୍ରୀ ମହାବିଦ୍ୟାଳୟ ର ଅଧ୍ୟାପିକା ରୋଜାଲିନ ରଣା, ଲିନା ନାୟକ, ଜୟଶ୍ମିତା ଜେନା, ଅଧ୍ୟାପକ ଜଗତ ଜନନୀ ଜେନା , ଦେବକୀ ନନ୍ଦନ ସାହୁ ଙ୍କ ସହ ସମସ୍ତ ଛାତ୍ର ଛାତ୍ରୀ ଆଜିର କାର୍ଯ୍ୟକ୍ରମକୁ ସଫଳ କରିବାରେ ସହଯୋଗ କରିଥିଲେ।

# ଏକ୍ ପେଡ୍ ମା କେ ନାମ ୨.୦ ପାଇଁ ପ୍ରସ୍ତୁତି ସମାରୋହ

କେନ୍ଦ୍ରାପଡ଼ା, ୧୨/୦୯ (ନି.ପ୍ର): ଏକ୍ ପେଡ୍ ମା କେ ନାମ ୨.୦ ଅଧୀନରେ ସାର ରାଜ୍ୟ ସହିତ କେନ୍ଦ୍ରାପଡ଼ା ଜିଲ୍ଲାରେ ମଧ ବିଶାଳ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏହି ପରିପ୍ରେକ୍ଷୀରେ ଆଜି ଡେରାବିଶ ବ୍ଲକ ବାରିମୂଳ ସ୍ଥିତ ଗାନ୍ଧୀ ମଇଦାନରେ ଏକ ପ୍ରସ୍ତୁତି ସମାରୋହ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଜିଲ୍ଲାପାଳ ରଘୁରାମ ଆର ଆୟାର ମୁଖ୍ୟ ଅତିଥି ଭାବେ ଯୋଗ କିଛି ଚାରାରୋପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଅଜାମ୍ବର ମହାନ୍ତି, ଡିଏଫଓ ରାଜନଗର, ବ୍ଲକ ଅଧ୍ୟକ୍ଷ, ଉପାଧ୍ୟକ୍ଷ, ସମିତି ସଭ୍ୟ, ବିଡିଓ ଡେରାବିଶ ସମେତ ଜିଲ୍ଲାସ୍ତରୀୟ ଅଧିକାରୀ ମାନେ ଉପସ୍ଥିତ ଥିଲେ। ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ଦ୍ୱାରା ଆୟୋଜିତ ଆଜିର କାର୍ଯ୍ୟକ୍ରମରେ ଆସନ୍ତା ୧୭ ତାରିଖର ବିଶାଳ କାର୍ଯ୍ୟକ୍ରମର ସଫଳ ଆୟୋଜନ ପାଇଁ ପ୍ରାକ ପ୍ରସ୍ତୁତି କରାଯାଇଥିଲା।

# କୁଚିଣ୍ଡା କଂଗ୍ରେସ କମିଟିର ସୃଜନ ଅଭିଯାନ

ସମ୍ବଲପୁର, ୧୨/୦୯ (ନି.ପ୍ର): ସମ୍ବଲପୁର ଜିଲ୍ଲା କୁଚିଣ୍ଡା ବ୍ଲକ କଂଗ୍ରେସ ଭବନରେ ସମ୍ବଲପୁର ଜିଲ୍ଲା ସଭାପତି ଦୁର୍ଗା ପାଢ଼ୀଙ୍କ ସଭାପତିତ୍ୱରେ କୁଚିଣ୍ଡା ବିଧାନସଭା ଗତ ନିର୍ବାଚନ ର ପ୍ରାର୍ଥୀ କେଦାର ବରିହାଙ୍କ ପରିଚାଳନା ରେ କଂଗ୍ରେସର ସୃଜନ ଅଭିଯାନ ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ସଭାରେ କଂଗ୍ରେସ ଏଆଇସିସି ଅବଜର୍ଭର ଇନ୍ଦ୍ରଜିତ ସିଂ ଗୁଜର ମୁଖ୍ୟ ଅତିଥି ଭାବରେ ଯୋଗଦେଇ ତୃଣ ମୂଳ ସ୍ତରରେ କଂଗ୍ରେସ କର୍ମୀ ଙ୍କ ମତାମତ କୁ ନେଇ ସଂଗଠନ ଦାଇତ୍ୱ ଅର୍ପଣ କଲେ ସଂଗଠନ ସୁଦୃଢ଼ ହେବ ବୋଲି ପ୍ରକାଶ କରି ମୋଦି ସରକାର ଏକ ମିଛୁଆ ସରକାର ବୋଲି ପ୍ରକାଶ କରିଥିଲେ।ସଭା ରେ ପି ସି ସି ଅବଜର୍ଭର ଶୁଭେନ୍ଦୁ ମହାନ୍ତି, ଜୟନ୍ତ ସାହୁ, ଅଂଶୁମାନ ଦାସ,ରେଙ୍ଗାଲି କଂଗ୍ରେସ ପରାଜିତ ପ୍ରାଥୀ ଦିଲୀପ ଦୁରିଆ, ଖଡୁନାଥ ପିଙ୍ଗ ମଂଚାସୀନ ରହିଥିବା ସମୟରେ କୁଚିଣ୍ଡା ଏନ୍ଏସି ପୂର୍ବତନ ଅଧ୍ୟକ୍ଷ ଅଖିଳ ପ୍ରତାପ ସିଂ, ସଂଜିତ କୁମାର ଶର୍ମା, ବିପିନ ନାଏକ, ବିପିନ ନାୟକ, ନବୀନ ନାୟକ, ଲବଣି ନାଏକ, ଶରତ ଗୌନ୍ତିଆ, ଆରତୀ ନାୟକ, ପ୍ରମୋଦ ଛୁରିଆ, ପିତାମ୍ବର ମାଝି, ଆଶିଷ ପ୍ରତାପ ସିଂ, ସଞ୍ଜୟ ମହାନନ୍ଦ, ଜିତେନ୍ଦ୍ର ସାହୁ,ଜିତୁ ପଧାନ, ମହମ୍ମଦ ସଫିକ, ଦିଲୀପ ପଟେଲ, ସୁଷମା ସେନାପତି ,ବିମଳା ମହାନନ୍ଦ ପ୍ରମୁଖ କଂଗ୍ରେସ କର୍ମୀ ମାନେ ଉପସ୍ଥିତ ରହିଥିଲେ। ଏହି ସଭାରେ କୁଚିଣ୍ଡା,ବାମରା ବ୍ଲକ ଓ ଏନଏସି ର ୨ଶହ କର୍ମୀ ଉପସ୍ଥିତ ରହିଥିବା ଦେଖିବାକୁ ମିଳିଥିଲା।

# ଜିଲ୍ଲା ବିଦ୍ୟାଳୟ ସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା-୨୦୨୫-୨୬



ବାଲେଶ୍ୱର,୧୨/୦୯, ରାଜ୍ୟ ବିଦ୍ୟାଳୟ କ୍ରୀଡ଼ା ସଂଗଠନ ଓ ଜିଲ୍ଲା ବିଦ୍ୟାଳୟ କ୍ରୀଡ଼ା ସଂଗଠନର ମିଳିତ ଆୟୋଜନରେ ସ୍ଥାନୀୟ ଖ୍ରୀଷ୍ଟିଆନ ହାଇସ୍କୁଲ୍ ଖେଳ ପଡ଼ିଆରେ ଜିଲ୍ଲା ବିଦ୍ୟାଳୟ ସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଉଦ୍ଘାଟିତ ହୋଇଯାଇଛି। ଅତିରିକ୍ତ ଜିଲ୍ଲାପାଳ ସୁଧାକର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍ଘାଟନ ଉତ୍ସବରେ ସଦର ବିଧାୟକ ମାନସ କୁମାର ଦତ୍ତ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ଏହି ପ୍ରତିଯୋଗିତାକୁ ଉଦ୍ଘାଟନ କରିଥିଲେ। ଜିଲ୍ଲା ଶିକ୍ଷା ଅଧିକାରୀ ଡ. ବସନ୍ତ କୁମାର ନାୟକ ସ୍ୱାଗତ ଭାଷଣ ଦେଇଥିଲେ। ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ଚନ୍ଦ୍ରକାନ୍ତ ଘଡ଼ାଇ କ୍ରୀଡ଼ା ବିବରଣୀ ପାଠ କରିଥିଲେ। ସମ୍ମାନିତ ଅତିଥି ଭାବରେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ପୂର୍ଣ୍ଣିମା ଦାଶ ଓ ଖ୍ରୀଷ୍ଟିଆନ ହାଇସ୍କୁଲର ପ୍ରଧାନଶିକ୍ଷକ ନାରାୟଣ ପୃଷ୍ଟି ଯୋଗଦେଇଥିଲେ। ମଣିନାଗେଶ୍ୱର ହାଇସ୍କୁଲର ପ୍ରଧାନଶିକ୍ଷକ ଗୋପାଳଚନ୍ଦ୍ର ନାୟକ ଧନ୍ୟବାଦ ଦେଇଥିଲେ। ଅବସର ପ୍ରାପ୍ତ ସଂସ୍କୃତ ଶିକ୍ଷକ ରତିକାନ୍ତ ବେହେରା ସଂଯୋଜନା କରିଥିଲେ। ଖ୍ରୀଷ୍ଟିଆନ ହାଇସ୍କୁଲର ଛାତ୍ରଛାତ୍ରୀ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। ୧୭ ଓ ୧୪ ବର୍ଷରୁ କମ୍ ବାଳକ ତଥା ବାଳିକା ବିଭାଗରେ ଫୁଟବଲ୍, କବାଡି, ଖୋଖୋ, ରଗବୀ ଫୁଟବଲ୍, ବେଡମିଣ୍ଟନ୍, ଚେସ, ହକି ଓ ଯୋଗ ପ୍ରତିଯୋଗିତା ପାଇଁ ୧୨ଟି ବ୍ଲକରୁ ୧୪୫୨ଜଣ ପ୍ରତିଯୋଗୀ, କ୍ରୀଡ଼ା ପରିଚାଳକ ଓ କ୍ରୀଡ଼ାଶିକ୍ଷକ ଏହି ପ୍ରତିଯୋଗିତାରେ ଯୋଗ ଦେଇଛନ୍ତି। ଜିଲ୍ଲା ସ୍ତରରେ ଉନ୍ନତ କ୍ରୀଡ଼ା ପ୍ରଦର୍ଶନକୁ ନେଇ ପ୍ରାୟ ୩୫୦ପ୍ରତିଯୋଗୀ ରାଜ୍ୟ ସ୍ତରୀୟ ପ୍ରତିଯୋଗିତା ପାଇଁ ମନୋନୀତ ହେବେ। ଜିଲ୍ଲା ଶିକ୍ଷା ଅଧିକାରୀ ଓ ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀଙ୍କ ତତ୍ତ୍ୱାବଧାନରେ ଏହି ପ୍ରତିଯୋଗିତା ଅନୁଷ୍ଠିତ ହେଉଅଛି।

# ଧର୍ମଶାଳାରେ କଂଗ୍ରେସ ସଂଗଠନ ସୃଜନ ଅଭିଯାନ କାର୍ଯ୍ୟକ୍ରମ

ଧର୍ମଶାଳା, ୧୨/୦୯ (ନି.ପ୍ର): ଅଖିଳ ଭାରତୀୟ କଂଗ୍ରେସ କମିଟି ନିର୍ଦ୍ଦେଶ କ୍ରମେ ଜିଲା ସ୍ତରରେ ସଭାପତି ଚୟନ ପାଇଁ ସଂଗଠନ ସୃଜନ ଅଭିଯାନ ଜାରି ରହିଛି । ଯାଜପୁର ଜିଲାର ବିଭିନ୍ନ ବ୍ଲକ ସ୍ତରରେ ମତାମତ ସଂଗ୍ରହ କରାଯାଉଛି । ଏହିକ୍ରମରେ ଆଜି ଜାରକାଠାରେ ଧର୍ମଶାଳା କଂଗ୍ରେସ ପକ୍ଷରୁ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଏଆଇସିସି ଦ୍ୱାରା ନିଯୁକ୍ତ ଜିଲା ପର୍ଯ୍ୟବେକ୍ଷକ ଚାରୁଲତା ଟୋକାସ ଯୋଗ ଦେଇ କର୍ମୀମାନଙ୍କଠାରୁ ମତାମତ ସଂଗ୍ରହ କରିବାହ ତୃଣମୂଳ ସ୍ତରରେ ସଂଗଠନକୁ ସୁଦୃଢ଼ କରିବାକୁ ଆହ୍ୱାନ ଦେଇଥିଲେ । ଧର୍ମଶାଳା କଂଗ୍ରେସ ନେତା କିଶାନ ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ କୋଡିନେଟର ସୁଧାଂଶୁ ଦେଓ,ପିସିସି ଅବଜରଭର ଯାକୁବ୍ ଖାଁନ,ପୂର୍ବତନ ରାଜ୍ୟ ମହିଳା କଂଗ୍ରେସ ସଭାପତି ବନ୍ଦିତା ପରିଡା,ଜିଲା ସଭାପତି ମନୋଜ ରାଉତ,ମାଗୁଣୀ ଜେନା, ବିଦ୍ୟାଧର ମହାନ୍ତି, ସୁଦିପ କର,ଗଣେଶ୍ୱର ଦାସ,ସନ୍ତୋଷ ନନ୍ଦ,ବିଶ୍ୱପ୍ରକାଶ ସାମଲ,ଶ୍ରୀନାଥ ମିଶ୍ର,କୃଷକ ନେତା ବସନ୍ତ ପରିଡା,ପ୍ରଫୁଲ୍ଲ କୁମାର ରାୟ,ରସୁଲପୁର ବ୍ଲକ ସଭାପତି ମିହିର ମିଶ୍ର,ଯୁବନେତା ମାନସ ରଂଜନ କର,କାଳନ୍ଦୀ ପାଣି,ମଧୁସ୍ମିତା ଆଚାର୍ଯ୍ୟ,ଦୀପକ କୁମାର ବଳ,ପୂର୍ଣ୍ଣ ଚନ୍ଦ୍ର ତରାଇ,ନରୋତମ ନାୟକ, ପ୍ରଭାତ ରାଉତ,କବିତା ମଳିକ, ସୁଶୀଲ ଡୋରା,ନକୁଳ ଜେନା,ଅମରେନ୍ଦ୍ର ସାମଲ,ପ୍ରମାଦ ମହାନ୍ତି,ସାଗର ପାଳ,ସନ୍ତୋଷ ସ୍ୱାଇଁ, ମିହିର ଖୁଂଟିଆ,ଗଂଗାଧର ମଲିକ,ଜିତେନ୍ଦ୍ର ପଣ୍ଡା ସୁବାଶିଷ ରାଉତ,ନାରାୟଣ ରାଉତ,ପ୍ରଶାନ୍ତ ଜେନା ସମେତ ଜିଲା କଂଗ୍ରେସର ବହୁ ନେତୃ ମଣ୍ଡଳୀ ଓ ଆଗ ଧାଡିର କର୍ମୀ ଯୋଗ ଦେଇ ଥିଲେ ।

# ଓଡ଼ିଆ ଭାଷା ବିକାଶ ଆନ୍ଦୋଳନ ଓ ସ୍ରଷ୍ଟା ନାଟ୍ୟାନୁଷ୍ଠାନ ମିଳିତ ଆନୁକୂଲ୍ୟରେ ନାଟ୍ୟକାର ହେମେନ୍ଦ୍ର ମହାପାତ୍ରଙ୍କ ନାଟ୍ୟଗ୍ରନ୍ଥ ଉନ୍ମୋଚନ



ବାଲେଶ୍ୱର, ୧୨/୦୯ (ନି.ପ୍ର): ଓଡ଼ିଆ ଭାଷା ବିକାଶ ଆନ୍ଦୋଳନ ଓ ସ୍ରଷ୍ଟା ନାଟ୍ୟାନୁଷ୍ଠାନ ମିଳିତ ଆନୁକୂଲ୍ୟରେ ନାଟ୍ୟକାର ହେମେନ୍ଦ୍ର ମହାପାତ୍ରଙ୍କର ନାଟକଗ୍ରନ୍ଥ ‘ଦେଖଇ ନେତ୍ର ଯାହା’ ଓ ‘ଏକାଧିକ ଏକାଙ୍କିକା’ ଡାକ୍ତର ଚୌଧୁରୀ ସତ୍ୟବ୍ରତ ନନ୍ଦଙ୍କ ପୌରୋହିତ୍ୟରେ ଉନ୍ମୋଚିତ ହୋଇଯାଇଛି। ଡାକ୍ତର ନନ୍ଦ ନିଜର ଅଭିନୟ ଜୀବନ ସଂପର୍କରେ ଅନେକ କଥା କହିବା ସଙ୍ଗେସଙ୍ଗେ ହେମେନ୍ଦ୍ରବାବୁଙ୍କର ନାଟକ ମନସ୍ତାତ୍ତ୍ୱିକ ଦୃଷ୍ଟିକୋଣରୁ ବଳିଷ୍ଠ ବୋଲି ପ୍ରକାଶ କରିଥିଲେ। ଗ୍ରନ୍ଥଦ୍ୱୟକୁ ଉନ୍ମୋଚନ କରି ବିଶିଷ୍ଟ ନାଟ୍ୟକାର ଓ ନାଟ୍ୟ ନିର୍ଦ୍ଦେଶକ ନବୀନ କୁମାର ପରିଡ଼ା ଓଡ଼ିଆ ନାଟ୍ୟ ସାହିତ୍ୟରେ ହେମନ୍ଦ୍ରବାବୁଙ୍କର ଅବଦାନ ଅବିସ୍ମରଣୀୟ ବୋଲି ମତ ଦେଇଥିଲେ। ହେମେନ୍ଦ୍ରବାବୁଙ୍କର ପଚାଶରୁ ଊର୍ଦ୍ଧ୍ୱ ନାଟ୍ୟଗ୍ରନ୍ଥ ବିଭିନ୍ନ ପରୀକ୍ଷା ନିରୀକ୍ଷା ମାଧ୍ୟମରେ ସୃଷ୍ଟି ହୋଇ ଦର୍ଶକଙ୍କୁ ଆକୃଷ୍ଟ କରିବାରେ ସକ୍ଷମ ବୋଲି ପ୍ରକାଶ କରିଥିଲେ। ଅନ୍ୟତମ ଉନ୍ମୋଚକ ସମାଜସେବୀ ଆଲୋକ ସାହୁ ହେମେନ୍ଦ୍ରବାବୁଙ୍କୁ ବାଲେଶ୍ୱରର ଗର୍ବ ବୋଲି ଅଭିହିତ କରି ତାଙ୍କର ନାଟ୍ୟଗ୍ରନ୍ଥମାନ ପରବର୍ତ୍ତୀ ପିଢ଼ି ଉପରେ ପ୍ରଭାବ ପକାଇଥାଏ ବୋଲି କହିଥିଲେ। ଉନ୍ମୋଚନ କାଳରେ ନାଟ୍ୟକାରଙ୍କ ପତ୍ନୀ ସୁଷମା ମହାପାତ୍ର ମଧ ଉପସ୍ଥିତ ରହି ସ୍ୱାମୀଙ୍କ ପାଇଁ ସେ ନିଜକୁ ଧନ୍ୟ ମନେ କରିଥିଲେ। ସମୀକ୍ଷକ ଭାବରେ ଯୋଗ ଦେଇଥିବା ନାଟ୍ୟାଲୋଚକ ଡ. ଭାଗବତ ପ୍ରସାଦ ଦାସ ଓ ଗବେଷକ ଡ. ଲକ୍ଷ୍ମୀକାନ୍ତ ତ୍ରିପାଠୀ ହେମେନ୍ଦ୍ରବାବୁଙ୍କର ନାଟକ ଗୁଡ଼ିକରେ ଥିବା ବିଭିନ୍ନ ବୈଶିଷ୍ଟ୍ୟ ସଂପର୍କରେ ଆଲୋଚନା କରିଥିଲେ। ବିଶେଷ ଭାବରେ ତାଙ୍କର ସଂଳାପରେ ଥିବା ସଂକ୍ଷିପ୍ତତା, ଦର୍ଶକମାନଙ୍କୁ ଆକୃଷ୍ଟ କରିବା ନିମିତ୍ତ ହାସ୍ୟରସର ପ୍ରୟୋଗ, ଲୋକସାହିତ୍ୟର ସଂଯୋଜନା, ବିଭିନ୍ନ କବିତା ମାଧ୍ୟମରେ ନାଟକକୁ ରସସିକ୍ତ କରିବା, ରୂପକାତ୍ମକ ଭାବରେ ବିଭିନ୍ନ ଚରିତ୍ରର ପରିବେଷଣ ତଥା ସାମାଜିକ ପ୍ରତିବଦ୍ଧତା ତାଙ୍କର ନାଟକଗୁଡ଼ିକୁ ଊର୍ଜସ୍ୱଳ କରି ରଖିଥିବ ବୋଲି ବ୍ୟାଖ୍ୟା କରିଥିଲେ। ଲେଖକୀୟ ବକ୍ତବ୍ୟରେ ନାଟ୍ୟକାର ହେମେନ୍ଦ୍ର ମହାପାତ୍ର ଦୀର୍ଘ ପଚାଶ ବର୍ଷରୁ ଅଧିକ କାଳ ଧରି ରଚନା କରୁଥିବା ତାଙ୍କର ସୃଷ୍ଟି ଓ ସାଧନା ସଂପର୍କରେ ଶ୍ରୋତାମାନଙ୍କୁ ଅଭିହିତ କରିଥିଲେ। ଯୁଗ୍ମ ସଂପାଦକ କୁମରନାଥ ପାତ୍ର ଅତିଥିମାନଙ୍କୁ ମଞ୍ଚ ଆବାହନ କରିଥିବାବେଳେ ଅନ୍ୟତମ ଯୁଗ୍ମ ସଂପାଦକ ଶାନ୍ତିଲତା ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ନିରଂଜନ ରାଉତ, ପ୍ରଦୀପ ଚାଟାର୍ଜୀ, ନିବାରଣ ଜେନା, ତପନ ରାୟ, ଅଞ୍ଜଳି ପଣ୍ଡା, ଅରୁଣା ରାୟ, ଦୀପକ ବୋଷ, ଡ. ରମାକାନ୍ତ ନାୟକ, ଡ. ଶିରୀଶଚନ୍ଦ୍ର ଜେନା, ଶରତ କୁମାର ମହାପାତ୍ର, ଡ. ଲକ୍ଷ୍ମଣ ବିଶ୍ୱାଳ, ଗଗନ ଦଳାଇ, ବିଦ୍ୟାଧର ସାହୁ, ରାଜେନ୍ଦ୍ର ରାଉତ, ଲକ୍ଷ୍ମୀକାନ୍ତ ବେହେରା, ଡ. ହେମମାଳା ଦାଶ, ବେଣୁଧର ସାହୁ, ଗୌରୀଶଙ୍କର ସାହାଣୀ, ପ୍ରସନ୍ନ କୁମାର ଦାସ, ଡ. ପ୍ରଦୀପ ଭୌମିକ, ଦେବାଶିଷ ସିଂହ, ଉଦୟ ଶଙ୍କର ପରିଡ଼ା, ଡ. ରତ୍ନାକର ସିଂହ, ମନ୍ମଥ କୁମାର ସାହୁ, ଡ. ସମରବଲ୍ଲଭ ଭୋଇ, କରୁଣାକର ସ, କବିତା ଜେନା, ସୁବ୍ରତା ମହାନ୍ତି, ଦିଲ୍ଲୀପ ଚକ୍ରବର୍ତ୍ତୀ ପ୍ରମୁଖ ବହୁ ସାହିତ୍ୟିକ ଓ ନାଟ୍ୟପ୍ରେମୀ ଉପସ୍ଥିତ ଥିଲେ।

# ଏମ୍ଏସ୍ଏମ୍ଇ ପାଇଁ ପ୍ରସାର ଏବଂ ସଚେତନତା କର୍ମଶାଳା

ଭଦ୍ରକ, ୧୨/୦୯ (ନି.ପ୍ର): ଓଡ଼ିଶା ସରକାରଙ୍କ ସୂକ୍ଷ୍ମ, କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗ (ଏମ୍ଏସ୍ ଏମ୍ଇ) ବିଭାଗ, ଭଦ୍ରକରେ ‘ଟ୍ରେଡସ୍ ମାଧ୍ୟମରେ ବିଲ୍ ରିହାତି‘ ଉପରେ ରାମ୍ପ ପଦକ୍ଷେପ ଅଧୀନରେ ଏମ୍ଏସ୍ ଏମ୍ଇ ପାଇଁ ପ୍ରସାର ଏବଂ ସଚେତନତା କର୍ମଶାଳା ଆୟୋଜନ ହୋଇଥିଲା। ଏହି କାର୍ଯ୍ୟକ୍ରମ ପାରମ୍ପରିକ ନଗଦ ଋଣ ଏବଂ ଓଭରଡ୍ରାଫ୍ଟ ସୁବିଧାର ଏକ ବ୍ୟବହାରିକ ବିକଳ୍ପ ଭାବରେ ଟ୍ରେଡସ୍‌କୁ ସ୍ଥାନିତ କରି ଏମ୍ଏସ୍ଏମ୍ଇ ମଧ୍ୟରେ ସନ୍ତୁଳିତ କାର୍ଯ୍ୟକାରୀ ପୁଂଜି ବଜାୟ ରଖିବାର ନିରନ୍ତର ଚ୍ୟାଲେଞ୍ଜକୁ ଉଜାଗର କରି ପ୍ରସଙ୍ଗ ସ୍ଥାପନ କରିଥିଲା। ସୁସ୍ଥ ଅର୍ଡର ବହି ସତ୍ତ୍ୱେ ପ୍ରାୟତଃ ନଗଦ ପ୍ରାପ୍ୟରେ ବନ୍ଧ ରହିଥାଏ। ସେ ନୂତନ ଯୁଗର ଯୋଗାଣ ଶୃଙ୍ଖଳ-ଆର୍ଥିକ ସମାଧାନର ସମ୍ଭାବନା ଉପରେ ଗୁରୁତ୍ୱାରୋପ କରିଥିଲେ। ବିଶେଷକରି ଟ୍ରେଡସ୍ ଦ୍ୱାରା ସକ୍ଷମ ବିଲ୍ ରିହାତି -ନଗଦ ପ୍ରବାହରେ ପୂର୍ବାନୁମାନ ଆଣିବା, ସିସି/ଓଡି ସୀମା ଉପରେ ନିର୍ଭରଶୀଳତା ହ୍ରାସ କରିବା ଏବଂ ମୂଲ୍ୟ ଶୃଙ୍ଖଳରେ ଦେୟ ଶୃଙ୍ଖଳାକୁ ସୁଦୃଢ଼ କରିବା, ଭଦ୍ରକର ଜିଲାପାଳ ଏବଂ ଜିଲା ମାଜିଷ୍ଟ୍ରେଟ୍ ମଧ ଏମ୍ଏସଏମଇ ପାଇଁ ଆର୍ଥିକ ସହାୟତା ପାଇଁ ସରଳ, ଦ୍ରୁତ ଏବଂ ଅଧିକ ସ୍ୱଚ୍ଛ ପ୍ରବେଶ ପାଇଁ ବିଭାଗର ପ୍ରତିବଦ୍ଧତାକୁ ଦୋହରାଇଥିଲେ। ସେ ସମୟସୀମାରେ ଦେୟ, ବ୍ୟବସାୟ କରିବାର ସହଜତା ଏବଂ ଏକ ସ୍ଥିର, ଅନ୍ତର୍ଭୁକ୍ତ ଶିଳ୍ପ ଇକୋସିଷ୍ଟମ ସୃଷ୍ଟି ସହିତ ଟ୍ରେଡସ୍ ଗ୍ରହଣର ସମନ୍ୱୟ ଉପରେ ଗୁରୁତ୍ୱାରୋପ କରିଥିଲେ। ଆରବିଆଇ ଅନୁମୋଦିତ ଟ୍ରେଡସ୍ ପ୍ଲାଟଫର୍ମ, ଇନଭଏସ ମାର୍ଟର ବିଷୟ ବିଶେଷଜ୍ଞମାନେ ବୈଷୟିକ ଅଧିବେଶନର ନେତୃତ୍ୱ ନେଇଥିଲେ। ଆଲୋଚନାରେ ଆରବିଆଇ ଫ୍ରେମୱାର୍କ ଏବଂ ଅଂଶଗ୍ରହଣକାରୀ ଯୋଗ୍ୟତା; ଯୋଗାଣକାରୀ, କ୍ରେତା ଏବଂ ଆର୍ଥିକ ପ୍ରଦାତାଙ୍କ ଭୂମିକା; ଅନବୋର୍ଡିଂ ଏବଂ କେଓ୍ୱାଇସି ଆବଶ୍ୟକତା; ଇନଭଏସ୍ ଅପଲୋଡ୍ ଏବଂ କ୍ରେତାଙ୍କ ଗ୍ରହଣରୁ ଆର୍ଥିକ ଏବଂ ସମାଧାନ ପର୍ଯ୍ୟନ୍ତ ଶେଷରୁ ଶେଷ ପର୍ଯ୍ୟନ୍ତ କାରବାର ପ୍ରବାହ; ମୂଲ୍ୟ ଏବଂ ମୂଲ୍ୟ ଉପାଦାନ; ସମାପନ ଚକ୍ର ଏବଂ ଦାୟିତ୍ୱ; ଆଇନଗତ ଡକ୍ୟୁମେଂଟେସନ୍ ଏବଂ ଡିଜିଟାଲ୍ ସ୍ୱାକ୍ଷର; ଏବଂ ବିପଦ ନିୟନ୍ତ୍ରଣ ଏବଂ ସର୍ବୋତମ ଅଭ୍ୟାସ ଅନ୍ତର୍ଭୁକ୍ତ ହୋଇଥିଲା। ଡକ୍ୟୁମେଂଟ, ସମୟସୀମା ଏବଂ କ୍ରେତାଙ୍କ ସହ ସମନ୍ୱୟ ଉପରେ କାର୍ଯ୍ୟକ୍ଷମ ପ୍ରଶ୍ନଗୁଡ଼ିକର ସମାଧାନ ପାଇଁ ଏକ ଉତ୍ସର୍ଗୀକୃତ ପ୍ରଶ୍ନୋତର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶିଳ୍ପ ଏବଂ ଜିଲ୍ଲା ଶିଳ୍ପ କେନ୍ଦ୍ରର ଅତିରିକ୍ତ ନିର୍ଦ୍ଦେଶକ, ଭଦ୍ରକର ମହାପ୍ରବନ୍ଧକ ତୁରନ୍ତ ପରବର୍ତ୍ତୀ ପଦକ୍ଷେପଗୁଡ଼ିକର ରୂପରେଖ ଦେଇ କାର୍ଯ୍ୟକ୍ରମ ଶେଷ କରିଥିଲେ।




ସବୁଜ ପନିପରିବା ଏବଂ ଅନ୍ୟାନ୍ୟ ପୁଷ୍ଟିକର ଖାଦ୍ୟ ଆମ ଶରୀରକୁ ଭିଟାମିନ, ଖଣିଜ ପଦାର୍ଥ ଏବଂ ଫାଇବର ଯୋଗାଇଥାଏ। କିନ୍ତୁ ଆପଣ କ'ଣ ଜାଣନ୍ତି ଯେ ପନିପରିବା ରନ୍ଧା ହେବାର ପଦ୍ଧତି ମଧ ସେମାନଙ୍କର ପୁଷ୍ଟିକର ମୂଲ୍ୟକୁ ପ୍ରଭାବିତ କରେ ? ପ୍ରାୟତଃ ଲୋକମାନେ ପନିପରିବାଗୁଡ଼ିକୁ ସିଝାଇ କିମ୍ବା ଷ୍ଟିମ କରି ଖାଆନ୍ତି, କିନ୍ତୁ ପ୍ରଶ୍ନ ଉଠେ ଯେ କେଉଁ ପଦ୍ଧତି ଭଲ ? କିଛି ଲୋକ ବିଶ୍ୱାସ କରନ୍ତି ଯେ ପାଣିରେ ପନିପରିବା ଫୁଟାଇବା ଦ୍ୱାରା ସେଗୁଡ଼ିକ ଶୀଘ୍ର ଏବଂ ଭଲ ଭାବରେ ରନ୍ଧି ହୁଏ। ଯେତେବେଳେ କିଛି ଲୋକ କୁହନ୍ତି ଯେ ପନିପରିବା ଷ୍ଟିମ କରିବା ଦ୍ୱାରା ସେଥିରେ ଥିବା ପୋଷକ ତତ୍ତ୍ୱ ସୁରକ୍ଷିତ ରହିଥାଏ। ସର୍ବପରି, କେଉଁ ପଦ୍ଧତି ଅଧିକ ସ୍ୱାସ୍ଥ୍ୟକର ଏବଂ କେଉଁଟି ଆପଣଙ୍କ ଖାଦ୍ୟ ପାଇଁ ସର୍ବୋତ୍ତମ ପ୍ରମାଣିତ ହେବ ? ଆଜି ଏଥିରେ ଆମେ ଆପଣଙ୍କୁ ଉଭୟ ପଦ୍ଧତିର ସୁବିଧା ଏବଂ ଅସୁବିଧା ବିଷୟରେ ବିସ୍ତାର ଭାବରେ କହିବୁ ଯାହା ଦାରା ଆପଣ ଆପଣଙ୍କ ସ୍ୱାସ୍ଥ୍ୟ ଅନୁସାରେ ସଠିକ ପଦ୍ଧତି ବାଛିପାରିବେ।

୧. ଫୁଟାଇବାର ସୁବିଧା ଏବଂ ଅସୁବିଧା

ଲାଭ: ଫୁଟାଇବା ଦାରା ପନିପରିବା ଶୀଘ୍ର ଏବଂ ସହଜରେ ରାନ୍ଧି ହୋଇଯାଏ। କିଛି ପନିପରିବାର ସ୍ୱାଦରେ ସାମାନ୍ୟ ପରିବର୍ତ୍ତନ ଆସିଥାଏ, ଯାହା ଯୋଗୁଁ କିଛି ପନିପରିବା ଅଧିକ ସ୍ୱାଦିଷ୍ଟ ମନେହୁଏ। ଏହା ସହିତ, କିଛି କଠିନ ପନିପରିବା (ଯେପରିକି ଆଳୁ, ଗାଜର) ସିଝାଇବା ଦ୍ୱାରା ନରମ ହୋଇଯାଏ, ଯାହା ଦ୍ୱାରା ସେଗୁଡ଼ିକ ସହଜରେ ହଜମ ହୋଇପାରେ।

ଅସୁବିଧା: ପାଣିରେ ପନିପରିବା ରାନ୍ଧିବା ଦ୍ୱାରା ଭିଟାମିନ ସି ଏବଂ ବି-କମ୍ପଲେକ୍ସ ଭଳି ପୋଷକ ତତ୍ତ୍ୱ ହ୍ରାସ ପାଇପାରେ। ଯଦି ପନିପରିବାଗୁଡ଼ିକୁ ବହୁତ ସମୟ ଧରି ଫୁଟାଯାଏ, ତେବେ ସେଗୁଡିକରର ଗଠନ ଏବଂ ସ୍ୱାଦ ଖରାପ ହୋଇପାରେ।

୨. ଷ୍ଟିମିଂର ସୁବିଧା ଏବଂ ଅସୁବିଧା

ଲାଭ: ବାଷ୍ପ ନେବା ଦ୍ୱାରା ପନିପରିବାରେ ଥିବା ୯୦% ପର୍ଯ୍ୟନ୍ତ ପୁଷ୍ଟିସାର ସଂରକ୍ଷଣ ହୁଏ। ଏହା ସହିତ, ପନିପରିବାର ପ୍ରାକୃତିକ ଗଠନ ଏବଂ ରଙ୍ଗ ଅକ୍ଷୁର୍ଣ୍ଣ ରହିଥାଏ। ଏହା ସହିତ, ଅଧିକ ତେଲ ଏବଂ ମସଲା ବିନା ମଧ ପନିପରିବା ସୁସ୍ଥ ଏବଂ ସ୍ୱାଦିଷ୍ଟ ଦେଖାଯାଏ।

ଅସୁବିଧା: ଆଳୁ ଏବଂ ବିନ୍ସ ଭଳି ପ୍ରତ୍ୟେକ ପନିପରିବା ପାଇଁ ଷ୍ଟିମ କରିବା ଉପଯୁକ୍ତ ନୁହେଁ କାରଣ ଏହା ରାନ୍ଧିବାକୁ ଅଧିକ ସମୟ ନେଇପାରେ। କିଛି ଲୋକଙ୍କୁ ମସଲା ବିନା ବାଷ୍ପୀଭୂତ ପନିପରିବା ଖାଇବାକୁ କମ ସ୍ୱାଦିଷ୍ଟ ଲାଗିପାରେ।

କେଉଁ ପଦ୍ଧତି ଭଲ ?

ଯଦି ଆପଣ ପୁଷ୍ଟିକରତା ବଜାୟ ରଖିବାକୁ ଚାହାଁନ୍ତି, ତେବେ ଷ୍ଟିମିଂ ହେଉଛି ସର୍ବୋତ୍ତମ ବିକଳ୍ପ। ସେହି ସମୟରେ, ଯଦି ଆପଣ ଖାଦ୍ୟ ଶୀଘ୍ର ରାନ୍ଧିବାକୁ ଚାହାଁନ୍ତି କିମ୍ବା କଠିନ ପନିପରିବା ରାନ୍ଧିବାକୁ ଚାହାଁନ୍ତି, ତେବେ ଏହାକୁ ଫୁଟାଇବା ଠିକ ହେବ। ଏହା ବ୍ୟତୀତ, ଉତ୍ତମ ସ୍ୱାସ୍ଥ୍ୟ ପାଇଁ, ଆପଣ ଏହାକୁ ହାଲୁକା ବାଷ୍ପ ନେବା ପରେ ହାଲୁକା ତଡ଼କା ସହିତ ଖାଇ ସ୍ୱାଦ ଏବଂ ପୁଷ୍ଟିସାର ଉଭୟ ପାଇପାରିବେ।

## କ'ଣ ଭୁଲ୍ ପାନିଆ ଦ୍ୱାରା ବି ଚୁଟି ଉପୁଡ଼େ କି ? ପ୍ଲାଷ୍ଟିକ୍, କାଠ ନା ମେଟାଲ୍ କେଉଁ ପାନିଆ କେଶ ପାଇଁ ଭଲ ?

ଶସ୍ତା , ସୁନ୍ଦର , ମଜଭୁତ ଏହି ସବୁ ଶବ୍ଦ ଖାସ୍ କରି ମଧବିତ୍ତ ପରିବାରରେ ଅଧିକ ବ୍ୟବହାର ହୁଏ । ସେ ଘରକରଣା ସାମଗ୍ରୀ ହେଉ କି ନିତ୍ୟ ବ୍ୟବହାର୍ଯ୍ୟ ଦ୍ରବ୍ୟ ସବୁଥିରେ ଆମେ ଶସ୍ତା,ମଜଭୁତର ଯୁଗଳବନ୍ଦୀକୁ ଖୋଜିଥାଉ । ଯେମିତିକି ମୁଣ୍ଡ କୁଣ୍ଡାଉଥିବା ପାନିଆକୁ ହିଁ ନେଇଯାଆନ୍ତୁ । ପ୍ରାୟତଃ ଘରେ ଲୋକମାନେ ମୁଣ୍ଡ କୁଣ୍ଡାଇବା ପାଇଁ ପ୍ଲାଷ୍ଟିକ୍ ପାନିଆର ବ୍ୟବହାର କରିଥା'ନ୍ତି । ସୁଲଭ ମୂଲ୍ୟ ସାଙ୍ଗକୁ ବିଭିନ୍ନ ଡିଜାଇନରେ ଉପଲବ୍ଧ ଥିବାରୁ ପ୍ଲାଷ୍ଟିକ୍ ପାନିଆ ପ୍ରାୟତଃ ସମସ୍ତଙ୍କ ପସନ୍ଦ ଥାଏ । କିନ୍ତୁ ପ୍ଲାଷ୍ଟିକର ହୋଇଥିବାରୁ ଏଥିରେ ଚୁଟି ଫସିବା ଭଳି ଅସୁବିଧା ମଧ ଦେଖାଯାଏ । ଖାଲି ଚୁଟି ଫସିବା ନୁହେଁ ଏଥିରେ ଥିବା ପଏଣ୍ଟେଡ୍ ଦାନ୍ତ କେଶମୂଳରେ ବାଜି ଖଣ୍ଡିଆ ହେବାର ମଧ ସମ୍ଭାବନା ଥାଏ। ବର୍ତ୍ତମାନ ସୋସିଆଲ୍ ମିଡିଆରେ କାଠର ପାନିଆ ବ୍ୟବହାର କରିବାକୁ ବହୁତ ବିଜ୍ଞାପନ ଆସୁଛି । ଯାହା ନିମ୍ବ କାଠ କିମ୍ବା ବାଉଁଶକୁ କାଟି ତିଆରି କରାଯାଏ । ଏଥିରେ ଷ୍ଟେଟିକ୍ ଚାର୍ଜ ନଥିବା କାରଣରୁ ଏହା କେଶମୂଳ ପାଇଁ ବହୁତ ଭଲ ହୋଇଥାଏ । ଡର୍ମାଟୋଲୋଜିଷ୍ଟ ଡାକ୍ତର କଶିଶ କାଲରା କୁହନ୍ତି ଯେ



ଆଜିକାଲି ଯେତେ ପ୍ରକାର ପାନିଆ ବଜାରରେ ବିକ୍ରି ହେଉଛି, ତାହା ନିମ୍ବ, ବାଉଁଶ କିମ୍ବା ପ୍ଲାଷ୍ଟିକର ହେଉନା କାହିଁକି ସବୁ ବିଜ୍ଞାପନର ଅଂଶ ଅଟେ । ସୋସିଆଲ ମିଡିଆରେ କଣ୍ଟେଣ୍ଟ ପାଇଁ କିଛି ଖାସ ପ୍ରକାରର ପାନିଆକୁ ଭଲ ବୋଲି କୁହାଯାଏ । କିନ୍ତୁ ପାନିଆ କିଣିବା ସମୟରେ ଏହି କଥା ପ୍ରତି ନିଶ୍ଚୟ ଧ୍ୟାନ ରଖନ୍ତୁ ଯେ ତାହା ସବୁବେଳେ ଚଉଡ଼ା ଦାନ୍ତ ଥିବା ପାନିଆ ହୋଇଥିବା ଦରକାର । ତାର ଦାନ୍ତ ଗୁଡ଼ିକ ପଏଣ୍ଟେଡ୍ ହୋଇନଥିବା ଦରକାର । ଏହା ଦ୍ୱାରା କେଶମୂଳରେ କ୍ଷତ ହୋଇପାରେ । ପାନିଆକୁ ପ୍ରତିଥର ବ୍ୟବହାର କରିବା ପରେ କିମ୍ବା ପ୍ରତି ୨ ଦିନରେ ଗରମ ପାଣି ଏବଂ ସାବୁନରେ ଧୋଇବା ଦରକାର । ଦିନରେ ୨ ଥରରୁ ଅଧିକ ମୁଣ୍ଡ କୁଣ୍ଡାଇବାର କୌଣସି ଆବଶ୍ୟକତା ନାହିଁ । ପ୍ରତି ୩ ରୁ ୬ ମାସ ପରେ ପାନିଆକୁ ବଦଳାନ୍ତୁ ।



ମୁଣ୍ଡ କୁଣ୍ଡାଇବା ନିହାତି ଜରୁରି , ଏହାଦ୍ୱାରା କେଶମୂଳରେ ରକ୍ତ ସଞ୍ଚାଳନ ଭଲ ହୋଇଥାଏ । ଯାହାଦ୍ୱାରା ଚୁଟି ଧଳା ହୁଏ ନାହିଁ , ମୃତ ଚର୍ମ ବାହାରିଯାଏ ଏବଂ ରୂପି ସମସ୍ୟା ମଧ ହୁଏ ନାହିଁ । ତେବେ ମୁଣ୍ଡ କୁଣ୍ଡାଇବାର ମଧ ଅନେକ ଉପାୟ ଅଛି , ଯାହାକୁ ଅନେକ ଲୋକ ଜାଣିନାହାନ୍ତି । ମୁଣ୍ଡ କୁଣ୍ଡାଇବା ପୂର୍ବରୁ ଚୁଟିକୁ ଅନେକ ଭାଗରେ ବାଣ୍ଟି ଦିଅନ୍ତୁ । ଏହାଦ୍ୱାରା ଚୁଟି ଛିଣ୍ଡିବ ନାହିଁ । କେବେବି ଓଦା ଚୁଟିରେ ମୁଣ୍ଡ କୁଣ୍ଡାନ୍ତୁ ନାହିଁ । ହାଲୁକା ଓଦା ହୋଇଥିଲେ ହେୟାର ସିରମ ନିଶ୍ଚୟ ଲଗାନ୍ତୁ ଏବଂ କୁଣ୍ଡାଇବା ପୂର୍ବରୁ ହାତରେ ଚୁଟିକୁ ଶୁଖାନ୍ତୁ । ଯେଉଁଭଳି ଭାବରେ ରୁମାଲ, ଟୁଥବ୍ରଶ ବ୍ୟକ୍ତିଗତ ହୋଇଥାଏ, ସେହିଭଳି ପାନିଆ ମଧ ବ୍ୟକ୍ତିଗତ ସ୍ୱାସ୍ଥ୍ୟରକ୍ଷା ସାମଗ୍ରୀ ଅଟେ । ଅନେକ ଥର ଲୋକ ନିଜ ପରିବାରର କୌଣସି ସଦସ୍ୟ କିମ୍ବା ସାଙ୍ଗର ପାନିଆ ବ୍ୟବହାର କରିଦିଅନ୍ତି ଯାହାକି ଭୁଲ । ଅନ୍ୟର ପାନିଆ ବ୍ୟବହାର କରିବା ଦ୍ୱାରା ରୂପି କିମ୍ବା ଚର୍ମ ସଂକ୍ରମଣ ହୋଇପାରେ । ଯଦି ଅନ୍ୟର ପାନିଆ ଅସନା ହୋଇଥାଏ ତେବେ ଚୁଟି ଏବଂ କେଶମୂଳର ପ୍ରାକୃତିକ ତେଲ ସେଥିରେ ଲାଗିଯାଏ ଯାହାଦ୍ୱାରା ଦୁଇ ମୁହାଁ ଚୁଟି ବଢ଼ିପାରେ ।




ସ୍କିଜୋଫ୍ରେନିୟା ରୋଗ ମୁଖ୍ୟତଃ ୧୫-୩୫ ବର୍ଷ ଭିତରେ ଆରମ୍ଭ ହୋଇଥାଏ। ମହିଳାମାନଙ୍କ ଅପେକ୍ଷା ପୁରୁଷମାନଙ୍କଠାରେ ଏହା ଅଧିକ ଦେଖାଯାଇଥାଏ। ମସ୍ତିଷ୍କରେ ମୁଖ୍ୟତଃ ଡୋପାମିନ ନାମକ ରାସାୟନିକ ପଦାର୍ଥ (ନ୍ୟୁରୋଟ୍ରାନ୍ସମିଟର)ର ମାତ୍ରା ବୃଦ୍ଧି ଯୋଗୁ ଏହି ରୋଗ ହୋଇଥାଏ। ଏହା ଜିନ୍‌ଗତ କାରଣ କିମ୍ବା ପାରିପାର୍ଶ୍ୱିକ ଚାପ କାରଣରୁ ହୋଇପାରେ। ଏହି ରୋଗ ଅନେକାଂଶରେ ବଂଶାନୁଗତିକ ହୋଇଥାଏ। ଅନୁସନ୍ଧାନରୁ ଜଣାପଡିଛି ଯଦି ପରିବାରରେ ମାତାପିତାଙ୍କ ମଧ୍ୟରୁ ଜଣେ କାହାକୁ ସ୍କିଜୋଫ୍ରେନିୟା ହୋଇ ଥାଏ, ତେବେ ତାଙ୍କ ପିଲାଙ୍କୁ ଏହି ରୋଗ ହେବାର ପ୍ରାୟତଃ ୧୦ ପ୍ରତିଶତ ଆଶଙ୍କା ଥାଏ। ଏହି ରୋଗ ଦ୍ୱାରା ବ୍ୟକ୍ତିର ବ୍ୟବହାର, ଭାବନା, ଆବେଗ ଓ କାର୍ଯ୍ୟଦକ୍ଷତା ବିଶେଷ ଭାବରେ ପ୍ରଭାବିତ ହୋଇଥାଏ। ପ୍ରାରମ୍ଭିକ ଅବସ୍ଥାରେ ରୋଗୀ ଏକୁଟିଆ ରହିବାକୁ ପସନ୍ଦ କରେ। ଅନ୍ୟମାନଙ୍କ ସହ ମିଳାମିଶା କରେ ନାହିଁ। ନିଜର ଦୈନନ୍ଦିନ କାର୍ଯ୍ୟକୁ ଠିକ୍ ଭାବେ କରିପାରେ ନାହିଁ ଏବଂ ନିଦ କମିଯାଏ। ରୋଗୀ କିଛି କାରଣ ନ ଥାଇ କଥା ଶୁଣାଯାଉଛି ଓ ଶୂନ୍ୟବାଣୀ ହେଉଛି ବୋଲି କହିଥାଏ। କେତେକ ରୋଗୀ ନ ଥିବା ବସ୍ତୁ ବା ବ୍ୟକ୍ତିମାନଙ୍କୁ ଦେଖି ପାରୁଛନ୍ତି ବୋଲି ମଧ କହିଥାନ୍ତି। ରୋଗୀମାନେ ବେଳେ ବେଳେ ଏ ସବୁ ଅନୁଭବ ପ୍ରତି ପ୍ରତିକ୍ରିୟା ପ୍ରକାଶ କରନ୍ତି। ଏହି ପ୍ରତିକ୍ରିୟାରେ ସେମାନେ ନିଜେ ମନେ ମନେ କଥା ହୁଅନ୍ତି। ଛୋଟ ଛୋଟ କଥାରେ ଚିଡ଼ିଚିଡ଼ା ଓ ଉତ୍ତେଜିତ ହୋଇପଡ଼ନ୍ତି। ସେମାନେ ଘରୋଇ ଦାୟିତ୍ୱ ନେବା, କର୍ମ କ୍ଷେତ୍ରରେ କାର୍ଯ୍ୟ ଭାର ନେବା ଓ ବିଭିନ୍ନ ସାମାଜିକ ପରିସ୍ଥିତିରେ ନିଜକୁ ଖାପ ଖୁଆଇ ଚଳାଇବାରେ ଅସମର୍ଥ ହୁଅନ୍ତି। କିଛି ରୋଗୀ ଆତ୍ମହତ୍ୟା କରିବାକୁ ଉଦ୍ୟମ ମଧ କରିଥାନ୍ତି। ସ୍କିଜୋଫ୍ରେନିୟା ଏକ ଜଟିଳ ରୋଗ ହେଲେ ମଧ ଏହାର ଚିକିତ୍ସା ଅତି ସହଜରେ କରିହେବ। ଏଭଳି ସ୍ୱାସ୍ଥ୍ୟ ସମସ୍ୟାର ଲକ୍ଷଣ ଦେଖାଯିବା ମାତ୍ରେ ତୁରନ୍ତ ମାନସିକ ରୋଗ ବିଶେଷଜ୍ଞଙ୍କ ସହିତ ପରାମର୍ଶ ନିହାତି ଜରୁରୀ।

## ବର୍ଷାରେ ଘର ଭିତରକୁ ପଶି ଆସୁଛନ୍ତି କି ଜନ୍ଦା, ପିମ୍ପୁଡ଼ି ? ଏମିତି କରନ୍ତୁ ଉପାୟ ଘରେ ପଶିବେନି ପୋକ , କୀଟ

ବର୍ଷାରେ ଥଣ୍ଡା ପବନ ସାଙ୍ଗକୁ ଗରମରୁ ସିନା ମୁକ୍ତି ମିଳିଥାଏ ହେଲେ ଏ ସମୟରେ ଘରକୁ ଅତିନିଆ ଅତିଥି ହୋଇ କିଛି ପୋକ,କୀଟ ପ୍ରବେଶ କରନ୍ତି । ଜନ୍ଦାଠାରୁ ଆରମ୍ଭ କରି ପିମ୍ପୁଡ଼ି ଏବଂ ଛୋଟ ଛୋଟ କୀଟ ଖାଇବା ଦ୍ରବ୍ୟ ଉପରେ ନିଜର କବଜା କରିନିଅନ୍ତି । ବର୍ଷାରେ ଆର୍ଦ୍ରତା ଏବଂ ସିଲନ ହେତୁ ପିମ୍ପୁଡ଼ିମାନେ ଘରେ ବହୁତ ଶୀଘ୍ର ବ୍ୟାପି ଯାଆନ୍ତି । ଯଦି ଆପଣ ମଧ ଏଭଳି ଅସୁବିଧାର ସମ୍ମୁଖୀନ ହେଉଛନ୍ତି ତେବେ ଚିନ୍ତା କରିବାର କୌଣସି ଆବଶ୍ୟକତା ନାହିଁ । ଆମେ ଆପଣଙ୍କ ପାଇଁ ଏପରି ସହଜ ଏବଂ ଘରୋଇ ଉପଚାର ଆଣିଛୁ, ଯାହାଦ୍ୱାରା ମିନିଟ୍‌ରେ ପିମ୍ପୁଡ଼ିମାନଙ୍କର ଆତଙ୍କ କମ୍ କରାଯାଇପାରିବ ।



### ଲେମ୍ବୁ :

ଲେମ୍ବୁର ଖଟା ସ୍ୱାଦ ଏବଂ ଏହାର ବାସ୍ନା ପିମ୍ପୁଡ଼ିମାନଙ୍କୁ ଆଦୌ ପସନ୍ଦ ଆସେନାହିଁ ।
ଗୋଟିଏ ଲେମ୍ବୁର ରସ ବାହାର କରି ସେଥିରେ ଅଳ୍ପ ପାଣି ମିଶାନ୍ତୁ ।
ଏହି ମିଶ୍ରଣକୁ ସ୍ପ୍ରେ ବୋତଲରେ ଭର୍ତ୍ତି କରି ସେହି ସ୍ଥାନମାନଙ୍କରେ ସ୍ପ୍ରେ କରନ୍ତୁ ଯେଉଁଠାରେ ପିମ୍ପୁଡ଼ିମାନେ ଅଧିକ ଦେଖାଯାଆନ୍ତି ।
ଦିନକୁ ଦୁଇଥର ବ୍ୟବହାର କଲେ ପରିବର୍ତ୍ତନ ସ୍ପଷ୍ଟ ଭାବରେ ଦେଖାଯିବ ।

### ଡାଲଚିନି ପାଉଡର :

ଡାଲଚିନିର ଗନ୍ଧ ପିମ୍ପୁଡ଼ିମାନଙ୍କୁ ଘଉଡ଼ାଇବାର ଏକ ଉତ୍ତମ ଉପାୟ ।
ଡାଲଚିନି ପାଉଡରକୁ ପିମ୍ପୁଡ଼ିମାନଙ୍କର ରାସ୍ତା ଏବଂ କୋଣରେ ପକାନ୍ତୁ ।
ଆପଣ ଚାହିଲେ ଡାଲଚିନି ତେଲକୁ ପାଣିରେ ମିଶାଇ ମଧ ସ୍ପ୍ରେ କରିପାରିବେ ।

### ଲୁଣ :

ଏକ ଗ୍ଲାସ୍ ଉଷୁମ ପାଣିରେ ଦୁଇ ଚାମଚ ଲୁଣ ପକାଇ ଗୋଳାନ୍ତୁ ।
ଏହି ଘୋଳକୁ ପିମ୍ପୁଡ଼ିମାନଙ୍କର ରାସ୍ତାରେ ସ୍ପ୍ରେ କରନ୍ତୁ ।
କିଛି ମିନିଟ୍‌ରେ ପ୍ରଭାବ ଦେଖାଯିବ ।

### ସିର୍କାର ପ୍ରଭାବଶାଳୀ ଉପଚାର

ସିର୍କା କେବଳ ପିମ୍ପୁଡ଼ିମାନଙ୍କୁ ଘଉଡ଼ାଏ ନାହିଁ ବରଂ ସେମାନଙ୍କ ଦ୍ୱାରା ଛଡ଼ାଯାଇଥିବା ଗନ୍ଧର ଚିହ୍ନକୁ ମଧ ଲିଭାଇ ଦିଏ ।
ସିର୍କା ଏବଂ ପାଣିକୁ ସମାନ ପରିମାଣରେ ମିଶାନ୍ତୁ ।
ସ୍ପ୍ରେ ବୋତଲରେ ଭର୍ତ୍ତି କରି ଫାଟ, କୋଣ ଏବଂ ରୋଷେଇ ଘର କାଉଣ୍ଟର ଉପରେ ସ୍ପ୍ରେ କରନ୍ତୁ ।
ଦିନକୁ ଦୁଇଥର ବ୍ୟବହାର କଲେ ପରିବର୍ତ୍ତନ ସ୍ପଷ୍ଟ ଭାବରେ ଦେଖାଯିବ ।

### ପୁଦିନା ତେଲ

ପୁଦିନା ତେଲର ବାସ୍ନା ପିମ୍ପୁଡ଼ିମାନଙ୍କୁ ଦୂରରେ ରଖେ ।
ପାଣିରେ ୧୦ ବୁନ୍ଦା ପୁଦିନା ତେଲ ପକାଇ ମିଶାନ୍ତୁ ।
ସ୍ପ୍ରେ ସାହାଯ୍ୟରେ ଘରର କୋଣ ଏବଂ ଦ୍ୱାର ଉପରେ ଲଗାନ୍ତୁ ।

### ପିମ୍ପୁଡ଼ିମାନଙ୍କଠାରୁ ରକ୍ଷା ପାଇବା ପାଇଁ ଅତିରିକ୍ତ ଟିପ୍ସ

ଖାଦ୍ୟ ଏବଂ ପାନୀୟ ଜିନିଷଗୁଡ଼ିକୁ ସର୍ବଦା ଘୋଡ଼ାଇ ରଖନ୍ତୁ ।
ରୋଷେଇ ଘର ଏବଂ ଘରକୁ ଶୁଖିଲା ଏବଂ ସଫା ରଖନ୍ତୁ ।
ଫାଟ ଏବଂ ଛିଦ୍ରଗୁଡ଼ିକୁ ସିଲ୍ କରନ୍ତୁ ଯାହାଦ୍ୱାରା ପିମ୍ପୁଡ଼ିମାନଙ୍କୁ ଭିତରକୁ ପ୍ରବେଶ କରିବାର ରାସ୍ତା ନ ମିଳେ ।

ବର୍ଷା ଦିନରେ ପିମ୍ପୁଡ଼ିମାନଙ୍କଠାରୁ ମୁକ୍ତି ପାଇବା କଷ୍ଟକର ଲାଗିପାରେ କିନ୍ତୁ ଏହି ଘରୋଇ ଉପଚାରଗୁଡ଼ିକୁ ଆପଣାଇ ଆପଣ ମିନିଟ୍‌ରେ ସେମାନଙ୍କର ଆତଙ୍କ କମ୍ କରିପାରିବେ । ଲେମ୍ବୁ, ଡାଲଚିନି, ଲୁଣ, ସିର୍କା ଏବଂ ପୁଦିନା ତେଲ ଭଳି ପ୍ରାକୃତିକ ଉପାୟ କେବଳ ସୁରକ୍ଷିତ ନୁହେଁ ବରଂ ଦୀର୍ଘ ସମୟ ପର୍ଯ୍ୟନ୍ତ ପ୍ରଭାବ ମଧ ଦେଖାଇଥାଏ ।



## ସପ୍ତାହରେ ଦୁଇଥର ଖାଆନ୍ତୁ ଚୁନାମାଛ

ସପ୍ତାହକୁ ଦୁଇ ଥର ମାଛ ଖାଇବା ଦ୍ୱାରା ହୃତପିଣ୍ଡ ସୁସ୍ଥ ରହିବା ସହ ହାର୍ଟଆଟାକ ଆଶଙ୍କା ହ୍ରାସ ପାଇଥାଏ। ମାଛରେ ପ୍ରଚୁର ମାତ୍ରାରେ ଓମେଗା ୩ ଫ୍ୟାଟି ଏସିଡ ଥାଏ। ଯାହା ହୃଦରୋଗ ଜନିତ ସମସ୍ୟାକୁ ଦୂର କରିବାରେ ସାହାଯ୍ୟ କରିଥାଏ। ଆମେରିକା ହାର୍ଟ ଆସୋସିଏସନର ବୈଜ୍ଞାନିକଙ୍କ ପରାମର୍ଶରେ ଏହି ଦାବି କରାଯାଇଛି।



ଆମେରିକାର ହାଭାର୍ଡ ଟିଏଚାନ ସ୍କୁଲ ଅଫ ପବ୍ଲିକ ହେଲଥର ପ୍ରଫେସର ଏରିକ ବି ରିମଙ୍କ ମତରେ, ବୈଜ୍ଞାନିକଙ୍କ ଏହି ଗବେଷଣାରେ ଓମେଗା ୩ ଫ୍ୟାଟି ଏସିଡ ସ୍ୱାସ୍ଥ୍ୟ ପାଇଁ କେତେ ଉପକାରୀ; ବିଶେଷକରି ହୃତପିଣ୍ଡ ପାଇଁ ତାହା ଜାଣିବାକୁ ଚେଷ୍ଟା କରାଯାଇଥିଲା। ଗବେଷଣାରେ ସାମିଲ ଲୋକଙ୍କୁ ସପ୍ତାହକୁ ଦୁଇଥର ମାଛ ଖାଇବାକୁ ଦିଆଯାଇଥିଲା, ଯେଉଁଥିରେ ଓମେଗା ୩ ଫ୍ୟାଟି ଏସିଡ ସ୍ତର ଅଧିକ ଥିଲା। ନିଷ୍କର୍ଷରେ ଦେଖିବାକୁ ମିଳିଥିଲା, ଯେଉଁମାନଙ୍କର ହୃଦରୋଗ ଜନିତ ସମସ୍ୟା ଥିଲା ତାହା ଅନେକ ମାତ୍ରାରେ ହ୍ରାସ ପାଇଥିଲା। ଯେଉଁମାନେ ହୃଦରୋଗରେ ପୀଡ଼ିତ ହେବାକୁ ଯାଉଥିଲେ ସେମାନଙ୍କ ହୃତପିଣ୍ଡ ସମ୍ପୂର୍ଣ୍ଣ ସୁସ୍ଥ ଆଡ଼କୁ ଗତି କରିଥିଲା।







# ରାଜକୁମାରୀ ରତ୍ନା

## ପ୍ରଣତି ଆଚାର୍ଯ୍ୟ ମିଶ୍ର



ପ୍ରତାପଗଡ଼ ନାମରେ ଗୋଟିଏ ରାଜ୍ୟ ଥିଲା। ସେ ରାଜ୍ୟର ରାଜକୁମାରୀ ଥିଲେ ରତ୍ନମଂଜରୀ। ସେ ବହୁତ ସୁନ୍ଦର ଓ ଦୟାଳୁ ଥିଲେ। ତାଙ୍କୁ ସମସ୍ତେ ଶ୍ରଦ୍ଧାରେ ରାଜକୁମାରୀ ରତ୍ନା ବୋଲି ଡାକୁଥିଲେ। ଥରେ ସେ ତାଙ୍କ ସଖି ରାଧାଙ୍କ ସହିତ ଜଙ୍ଗଲ ବୁଲିବାକୁ ଯାଇଥିଲେ। ଦୁହେଁ ଘନ ଜଙ୍ଗଲର ମଧ୍ୟଭାଗରେ ପହଞ୍ଚିଲେ। ରାଧା କହିଲେ, ରାଜକୁମାରୀ, ଆମକୁ ଏବେ ଫେରିଯିବା ଉଚିତ। ଯଦି ଅନ୍ଧାର ହୁଏ, ତେବେ ଆମେ ଏହି ଘନ ଜଙ୍ଗଲରେ ବାଟବଣା ହୋଇଯିବା। ରାଜକୁମାରୀ ରତ୍ନା କହିଲେ 'ତୁମେ ଠିକ୍ କହୁଛ ସଖି, ହେଲେ ଏଠାରେ ବହୁତ ଆରାମ ଲାଗୁଛି । ଚାରିପାଖରେ ଶାନ୍ତି ବିରାଜମାନ । ଇଚ୍ଛା ହେଉଛି ଘଣ୍ଟା ଘଣ୍ଟା ଏଠାରେ ବସି ଗଛ ଏବଂ ପକ୍ଷୀମାନଙ୍କୁ ଦେଖିବା ପାଇଁ ।' ଏହା ଉପରାନ୍ତେ ଦୁହେଁ ରାଜପ୍ରାସାଦକୁ ଫେରିବାକୁ ଲାଗିଲେ। ସେହି ସମୟରେ, ଜଣେ ବୃଦ୍ଧ ବ୍ୟକ୍ତିଙ୍କ କାଶିବାର ଶବ୍ଦ ଶୁଣାଗଲା। ସେ କିଛି ଗୁଣୁଗୁଣୁ ହେଉଥିଲେ । ରାଜକୁମାରୀ ରତ୍ନା ଏବଂ ରାଧା ପଛକୁ ଚାହିଁ ଦେଖିଲେ ଧଳା ଦାଢ଼ି ଏବଂ କେଶ ଥିବା ଜଣେ ବୃଦ୍ଧ ବ୍ୟକ୍ତି ସେମାନଙ୍କ ପଛରେ ଚାଲୁଛନ୍ତି।

'ମୋର ସ୍ୱପ୍ନ ସତ ହୋଇଛି। ରାଜକୁମାରୀ ଆସିଛନ୍ତି।' ବୃଦ୍ଧ ବ୍ୟକ୍ତି ବଡ଼ ପାଟି କରି କହିଲେ। ଏହା ଶୁଣି ରାଜକୁମାରୀ ରତ୍ନା ଏବଂ ରାଧା ଆଶ୍ଚର୍ଯ୍ୟ ହୋଇଗଲେ। ରାଜକୁମାରୀ ପଚାରିଲେ, ଆପଣ ମୋତେ କିପରି ଜାଣନ୍ତି ? ମୋର ଏଠାକୁ ଆସିବା ବିଷୟରେ ଆପଣଙ୍କୁ କିଏ କହିଲା। 'ବୃଦ୍ଧ ବ୍ୟକ୍ତି କହିଲେ' ମୁଁ ବହୁତ ବର୍ଷ ଧରି ତୁମକୁ ଅପେକ୍ଷା କରିଥିଲି। ଜଣେ ଋଷି ମୋତେ ଅଭିଶାପ ଦେଇ ବୃଦ୍ଧ କରିଦେଲେ।' ଯେତେବେଳେ ମୁଁ କ୍ଷମା ମାଗିଲି ଏବଂ ଅଭିଶାପ ଫେରାଇ ନେବାକୁ କହିଲି, ସେ ମୋତେ କହିଲେ ଯେ ଜଣେ ଦୟାଳୁ ରାଜକୁମାରୀ ଏଠାକୁ ଆସିବେ। ସେ ଡଙ୍ଗାରେ ନଦୀ ପାର ହୋଇ ଗଛର କୋରଡରେ ରଖାଯାଇଥିବା ପାଣି ପାତ୍ର ଆଣି ତୁମକୁ ପିଇବାକୁ ଦେବେ। ତେବେ ହିଁ ତୁମେ ଏହି ବୃଦ୍ଧାବସ୍ଥା ଏବଂ ଅଭିଶାପରୁ ମୁକ୍ତି ପାଇବ।'

ବୃଦ୍ଧ ବ୍ୟକ୍ତି ହାତ ଯୋଡି କହିଲେ, 'ତୁମେ କ'ଣ ମୋ ପାଇଁ ସେହି ପାଣି ଆଣିବ ?' ରାଜକୁମାରୀ କହିଲେ 'ହାତ ଯୋଡନ୍ତୁ ନାହିଁ। ଆପଣ ବୟସ୍କ । ମୁଁ ନିଶ୍ଚିତ ଭାବରେ ସାହାଯ୍ୟ କରିବି। ହେଲେ ଆପଣ କିପରି ଜାଣିଲେ ଯେ ମୁଁ ସେହି ରାଜକୁମାରୀ ?' ବୃଦ୍ଧ ବ୍ୟକ୍ତି କହିଲେ 'ଗତ ରାତିରେ ବନଦେବୀ ମୋ ସ୍ୱପ୍ନରେ ମୋତେ ଦର୍ଶନ ଦେଇ କହିଥିଲେ ଯେ ତୁମେ ଆସନ୍ତାକାଲି ରାଜକୁମାରୀଙ୍କୁ ଭେଟିବ। ସେଥିପାଇଁ ମୁଁ ତୁମକୁ ଚିହ୍ନିପାରିଲି। ତୁମ ମୁହଁର ଉଜ୍ଜ୍ୱଳତା ଏବଂ ଦୟାଳୁ ସ୍ୱଭାବ ମୋତେ ତୁମକୁ ଚିହ୍ନିବାରେ ସାହାଯ୍ୟ କଲା।' ସଖି ରାଜକୁମାରୀଙ୍କ କାନରେ କହିଲା 'ମୁଁ ଭାବୁଛି ଇଏ ଜଣେ ଯାଦୁକର। ଆମକୁ ଏଠାରୁ ତୁରନ୍ତ ଚାଲିଯିବା ଉଚିତ।'

'ନା, ମୁଁ ସେପରି ଭାବୁନାହିଁ।' 'ଆମେ ତାଙ୍କୁ ସାହାଯ୍ୟ କରିବା ଉଚିତ।', ରାଜକୁମାରୀ କହିଲେ।

ବୃଦ୍ଧ ବ୍ୟକ୍ତି ରାଜକୁମାରୀଙ୍କୁ ଏକ ନଦୀ ପାଖକୁ ନେଇଗଲେ। ସେଠାରେ ଏକ ପୁରୁଣା ଡଙ୍ଗା ପଡ଼ିଥିଲା। ବୃଦ୍ଧ ବ୍ୟକ୍ତି କହିଲେ, 'ତୁମକୁ ଏହି ଡଙ୍ଗାରେ ଚଢ଼ି ଆର ପାର୍ଶ୍ୱରେ ପହଞ୍ଚିବାକୁ ପଡ଼ିବ। ସେଠାରେ ତୁମେ ଏକ ହଳଦିଆ ଗଛ ଦେଖିବ। ତା'ର ଗଣ୍ଡିରେ ଏକ ଗହ୍ୱର ଅଛି। ସେହି ଗହ୍ୱରରେ ତୁମେ ଏକ ଯାଦୁକରୀ ମାଠିଆ ପାଇବ। ତୁମେ ତାକୁ ଆଣିବ।'

'ଠିକ୍ ଅଛି, ମୁଁ ସେହିପରି କରିବି।' ଏହା କହି ରାଜକୁମାରୀ ଡଙ୍ଗାରେ ବସିଗଲେ। ସେ ଡଙ୍ଗା ଚଳାଇ ଧୀରେ ଧୀରେ ଆଗକୁ ବଢ଼ିବାକୁ ଲାଗିଲେ। ହଠାତ୍ ତାଙ୍କ ଡଙ୍ଗା ପାଣିରେ ପୂର୍ଣ୍ଣ ହେବାକୁ ଲାଗିଲା, ଡଙ୍ଗା ବୁଡ଼ିବାକୁ ଲାଗିଲା। ରାଜକୁମାରୀ ଭୟରେ ଚିତ୍କାର କଲେ। ଡଙ୍ଗା ବୁଡ଼ିବାକୁ ଯାଉଥିଲା। ସେହି ମୁହୂର୍ତ୍ତରେ ଗୋଟିଏ ବଡ଼ କୁମ୍ଭୀର ଆସି ପହଞ୍ଚିଲା। କୁମ୍ଭୀର କହିଲା।

ରାଜକୁମାରୀ, ମୋ ପିଠିରେ ବସିଯାଅ। ମୁଁ ତୁମକୁ ଅନ୍ୟ ପାର୍ଶ୍ୱରେ ଛାଡ଼ି ଦେବି।' କଥା ହେଉଥିବା କୁମ୍ଭୀରକୁ ଦେଖି ରାଜକୁମାରୀ ବହୁତ ଆଶ୍ଚର୍ଯ୍ୟ ହୋଇଗଲେ। ସେ ଭୟରେ କୁମ୍ଭୀରର ପିଠିରେ ବସିଗଲେ। 'ତୁମେ କିଏ ? ତୁମେ ମୋତେ କିପରି ଜାଣ ?' ରାଜକୁମାର କୁମ୍ଭୀରକୁ ପଚାରିଲେ।

'ମୁଁ ଏହି ନଦୀରେ ରହେ। ହୁଏତ ତୁମକୁ ମନେ ନାହିଁ, ବହୁ ବର୍ଷ ପୂର୍ବେ ଯେତେବେଳେ ବନ୍ୟା ଆସିଥିଲା, ମୁଁ ଗୁରୁତର ଭାବରେ ଆହତ ହୋଇଥିଲି। ତୁମେ ମୋ ଜୀବନ ରକ୍ଷା କରିଥିଲ।' କୁମ୍ଭୀର କହିଲା।

ରାଜକୁମାରୀ ଏହା ଶୁଣି ଆଶ୍ଚର୍ଯ୍ୟ ହେଲେ। ପାଞ୍ଚ ବର୍ଷ ପୂର୍ବେ ଯେଉଁ କୁମ୍ଭୀରକୁ ସେ ରକ୍ଷା କରିଥିଲେ, ସେ ଆଜି ଏତେ ବଡ଼ ହୋଇଯାଇଥିଲା। କଥାବାର୍ତ୍ତା କରି ସେମାନେ କିଛି ସମୟ ମଧ୍ୟରେ କୂଳରେ ପହଞ୍ଚିଗଲେ। 'ମୁଁ ଏଠାରେ ତୁମକୁ ଅପେକ୍ଷା କରିବି।' କୁମ୍ଭୀର କହିଲା।

ରାଜକୁମାରୀ ହଳଦିଆ ଗଛ ଖୋଜିବା ପାଇଁ ଜଙ୍ଗଲ ଆଡକୁ ବାହାରିଲେ। ବହୁତ ସମୟ ଧରି ବୁଲିବା ପରେ ସେ ଏକ ବୁଦା ମଧ୍ୟରୁ କିଛି ଆଲୋକ ଆସୁଥିବାର ଦେଖିଲେ। ରାଜକୁମାରୀ ସେହି ପାଖକୁ ଗଲେ। ସେଠାରେ ଏକ ହଳଦିଆ ଗଛ ଥିଲା, ଯାହାର ଗହ୍ୱରରୁ ଆଲୋକ ବାହାରୁଥିଲା। ରାଜକୁମାରୀ ଗହ୍ୱରରେ ହାତ ରଖିବାକୁ ଉଦ୍ୟତ ହେବା ମାତ୍ରେ ସେଠାରୁ ଏକ ସାପର ଫ ଫ ଶବ୍ଦ ଆସିଲା, ସେ ସେହି ମାଠିଆକୁ ସୁରକ୍ଷା ଦେଉଥିଲା।

ରାଜକୁମାରୀ ଭୟରେ ପଛକୁ ହଟିଗଲେ। ସାପଟି ତା'ର ଫଣା ଉଠାଇବା ମାତ୍ରେ ତା'ର ନଜର ରାଜକୁମାରୀ ଉପରେ ପଡ଼ିଲା। ସେ କହିଲା, 'ତୁମେ ରାଜକୁମାରୀ ରତ୍ନା , ଠିକ୍ ନା ?'

'ହଁ, କିନ୍ତୁ ତୁମେ କିପରି ଜାଣିଲ ?' ରାଜକୁମାରୀ ଆଶ୍ଚର୍ଯ୍ୟ ହୋଇ ପଚାରିଲେ । 'ହୁଏତ ତୁମକୁ ମନେ ନାହିଁ, ଦୁଇ ବର୍ଷ ପୂର୍ବେ, ଏକ ନେଉଳ ମୋତେ ଆଘାତ କରିଥିଲା।' ପିମ୍ପୁଡ଼ିମାନେ ମୋତେ ବେଢି କାମୁଡ଼ି ଥିଲେ। ତୁମେ ସେତେବେଳେ ମୋତେ ସାହାଯ୍ୟ କରି ମୋତେ ରକ୍ଷା କଲ। ତୁମେ ବୋଧହୁଏ ଏହି କଳସ ନେବାକୁ ଆସିଛ। ତୁମେ ଏହାକୁ ନେଇପାରିବ।'

ରାଜକୁମାରୀ କଳସ ଧରି ପୁଣି କୁମ୍ଭୀର ପିଠିରେ ବସି ନଦୀ ପାର ହେବା ଆରମ୍ଭ କଲେ। ବୃଦ୍ଧ ବ୍ୟକ୍ତି ନଦୀର ଆର ପାର୍ଶ୍ୱରେ ରାଜକୁମାରୀଙ୍କୁ ଦେଖିବା ମାତ୍ରେ ତାଙ୍କର ଆଖି ଉଜ୍ଜ୍ୱଳ ହୋଇଗଲା। କଳସରୁ ପାଣି ପିଇବା କ୍ଷଣି ଜଣେ ଯୁବକ ହୋଇଗଲେ। ସେ ରାଜକୁମାରୀଙ୍କୁ କହିଲେ, 'ତୁମର ଦୟାଭାବ ଯୋଗୁଁ ତୁମେ ଏହି କଳସ ଆଣିପାରିଲ ଏବଂ ତୁମେ ମୋର ଜୀବନ ଫେରାଇଛ । ମୁଁ ଜୀବନ ସାରା ତୁମର ଋଣୀ ରହିବି।'

ରାଜକୁମାରୀ କହିଲେ 'ଆମେ ସର୍ବଦା ପରସ୍ପରକୁ ସାହାଯ୍ୟ କରିବାକୁ ପ୍ରସ୍ତୁତ ରହିବା ଉଚିତ। ମୋତେ ବିଦାୟ ଦିଅ। ଆମକୁ ରାଜପ୍ରାସାଦକୁ ଫେରିବାକୁ ପଡିବ।' ଏହା କହି ରାଜକୁମାରୀ ଏବଂ ରାଧା ରାଜପ୍ରାସାଦକୁ ଫେରିଗଲେ।

+ନୟାଗଡ଼
ମୋ: ୯୪୩୭୬୪୨୯୪୭

# ହଜିଲା ଦିନର କଥା

## ପ୍ରଶାନ୍ତ କୁମାର ଦାଶ

କୁତୁହଳ ଉଠେ କଅଁଳ ମନରେ
ଦେଖି ଛିଟ ପ୍ରଜାପତି
ଖୁସୀଦିଏ ଜହ୍ନ ଢାଳିତା ଜୋଛନା
ଆସିଲେ ପୁନେଇଁ ରାତି ।।

ବିଶାଳ ଆକାଶେ କଳାମେଘ ଭାସେ
ମଳିନ ହୁଅଇ ଖରା
ବରଷାପାଣିରେ ଭସାଇଲେ ଡଙ୍ଗା
ମନେହୁଏ ଖୁସୀଭରା ।।

କୁନିପାଦ ଜମା ଅବଶ ହୁଏନା
ଯେତେ ଧାଇଁଲେ ବି ଦାଣ୍ଡେ
ଅତୀବ ସରଳ ସେଇ ପିଲାଦିନ
ଶିଶୁ ଜୀବନକୁ ମଣ୍ଡେ ।।

ଖରାଦିନଛୁଟି କାଟୁ ପିଲାଙ୍କୁଟି
ନଈରେ ପହଁରି ଖେଳି
କୋଳି କରମଙ୍ଗା ଖାଉ ଗଛୁ ତୋଳି
ବାନ୍ଧି ସାଙ୍ଗସାଥୀ ମେଳି ।।

ମେଳା ଭୋଜିଭାତ ମଉଛବ ଯାତ
ସୁଖର ପରଶ ଦିଏ
ପିଲାଦିନ ଖେଳ ହସ ନାଚ ମେଳ
ଦୁଃଖତକ କାଢିନିଏ ।।

ସମୟ ସୁଅରେ ଦିନ ଚାଲିଯାଏ
ହଜିଯାଏ ପିଲାଦିନ
ପାସୋରି ହୁଏନି ଛବିପରି ନାଚେ
ସେ ଅଭୁଲା ସ୍ମୃତିଚିହ୍ନ ।।

+କୁଞ୍ଜର -ସଙ୍ଗଳାଇ
ପିପିଲି -ପୁରୀ
ମୋ:୯୬୬୮୮୨୨୧୯୦

# ମିଳିମିଶି ଚଳିଲେ

## ରମେଶ ଚନ୍ଦ୍ର ଦାଶ



ସିଂହ ଓ ବିଲୁଆ ଦୁହେଁ ସାଥିହୋଇ ସଦାବେଳେ ବୁଲନ୍ତି । ସିଂହ ଶିକାର କରେ । ତାର ପେଟ ପୂର୍ଣ୍ଣ ହେବା ପରେ ଯାହା ବଳକା ରହେ ତାକୁ ବିଲୁଆ ଖାଇ ସନ୍ତୁଷ୍ଟ ରହେ । ଏଥିପାଇଁ ସମସ୍ତେ ତାକୁ ପଛରେ ଅଇଁଠାଖିଆ ବୋଲି କହନ୍ତି, କିନ୍ତୁ ମୁହଁରେ କିଛି କହନ୍ତି ନାହିଁ। ଏକଥା ଦିନେ ଠେକୁଆ ସହିତ କଳି କରିବାବେଳେ ଠେକୁଆ କହିଦେଲା। ବିଲୁଆକୁ ଭାରି ଖରାପ ଲାଗିଲା । ସେ ତେଣୁ ଦିନେ ଭାବିଲା ଏଣିକି ସେ ଅଲଗା ଶିକାର କରିବ, ଆଉ ସିଂହର ଅଇଁଠା ଖାଇବ ନାହିଁ। ସିଂହ ଅଇଁଠା ନଖାଇଲେ ତାକୁ ଆଉ କେହି ସେଥିପାଇଁ ପରିହାସ କରିବେ ନାହିଁ ।

ସେ ଏଥିପାଇଁ ସିଂହ ପାଖକୁ ଗଲାନାହିଁ । ଏଣେ ବଣୁଆ କୁକୁର ଏହି ସୁଯୋଗକୁ ଅପେକ୍ଷା କରିଥିଲା । ସେ ସିଂହ ପାଖରେ ଏପଟ ସେପଟ ହେଲା । ବିଲୁଆ ନଆସିବାରୁ ସିଂହର ମନ ଭଲନଥିଲା । ସେ ବଣୁଆ କୁକୁରକୁ ପାଇ ତା' ସହିତ କଥା ହେଲା । ତାକୁ ଟିକେ ଭଲଲାଗିଲା । ତାପରେ ସେ ବଣୁଆ କୁକୁରକୁ ଚାରିଆଡ଼େ ସାଥିରେ ନେଲା । ଦିନକୁ ଦିନ ସହିତ ତା' ସହିତ ସମ୍ପର୍କ ବଢ଼ିବାରୁ ସେ ବିଲୁଆକୁ ଭୁଲିବାକୁ ଲାଗିଲା । ସିଂହ ସାହସରେ ବଣୁଆକୁକୁର ଶକ୍ତିଶାଳୀ ହେଲା । ଦିନେ ସେ ବିଲୁଆ ସହିତ ଲଢ଼ି ତାକୁ ହରାଇଦେଲା । କାରଣ ସିଂହ ଭଳି ସେ ଶିକାର କରିନପାରି ବହୁତ ଛୋଟିଆ ପ୍ରାଣୀଙ୍କୁ ମାରି ଖାଉଥିଲା । ସେଥିପାଇଁ ସେ ଦୁର୍ବଳ ଥିଲା।

ବଣୁଆକୁକୁରଠାରୁ ହାରିବା ପରେ ଅନ୍ୟ ପ୍ରାଣୀମାନେ ତାକୁ ଆହୁରି ଥଟ୍ଟାକଲେ । ସେ ସହିପାରିଲା ନାହିଁ । ବିଲୁଆ କିଛି ବାଟ ନପାଇ ବଣୁଆକୁକୁର ସହିତ କଳିକଲା । ସିଂହ ବିରୋଧରେ ସମସ୍ତଙ୍କୁ ବିଭିନ୍ନ କଥାମାନ କହିଲା । ସିଂହ ଲୋଭୀଟାଏ ଏଥିପାଇଁ ବଣୁଆକୁକୁରକୁ ସାଥି କରିଛି ବୋଲି କହିଲା । ବଣୁଆକୁକୁର ବିରୋଧରେ ମଧ୍ୟ ଅନ୍ୟ ପ୍ରାଣୀଙ୍କୁ କହିଲା । ବଣୁଆକୁକୁର କିନ୍ତୁ ସିଂହକୁ ଆହାର ସନ୍ଧାନ ଦେବା ସହିତ ଅସୁବିଧାରେ ପଡୁଥିବା ପ୍ରାଣୀମାନଙ୍କୁ ସାହାଯ୍ୟ କରିଚାଲିଥାଏ । ତେଣୁ ସମସ୍ତେ ତାକୁ ପ୍ରଶଂସା କରୁଥାନ୍ତି ।

ଦିନକୁ ଦିନ ବିଲୁଆକୁ ସମସ୍ତେ ଘୃଣାକଲେ । ସେ ଖାଦ୍ୟ ନପାଇ ଅଧିକ ଦୁର୍ବଳ ହେବାକୁ ଲାଗିଲା । ଅନ୍ୟ ଉପାୟ ନଦେଖି ସେ ଭାଲୁକୁ ସବୁକଥା କହିଲା । ଭାଲୁ ଦିନେ ସିଂହଙ୍କୁ ବୁଝାଇଲା ବିଲୁଆର ସହିତ ମିଳାମିଶା କରିବା ପାଇଁ । ସେ ବଣୁଆକୁକୁର ବିରୋଧରେ ବହୁତ କଥା କହିଲା। ସିଂହ ସବୁ ଶୁଣିବା ପରେ ଦିନେ ବିଲୁଆକୁ ଡାକି ତାର ମନଖରାପର କାରଣ ପଚାରିଲା । ବିଲୁଆ ଚାଲାକିରେ ସେ ବଣୁଆକୁକୁର ବିରୋଧରେ ବହୁତ କଥା କହିଲା । ବଣୁଆକୁକୁର ପାଇଁ ବଣର ପ୍ରାଣୀମାନେ ତାକୁ ଖରାପ ଭାବୁଛନ୍ତି କହି ତୋଷମଦି କରିବା ସହିତ ଆହାର ଥିବା ବହୁତ ସ୍ଥାନର ସନ୍ଧାନ ଦେଲା । ବିନା ପରିଶ୍ରମରେ ଆହାର ମିଳିବାରୁ ସିଂହ ମିଛରେ ମିଛରେ ବଣୁଆକୁକୁରକୁ ଟିକେ ଗାଳିଗଲା । ତାକୁ ଧୀରେ ଧୀରେ କହିଲା- ବିଲୁଆ ଥିବା ବେଳେ ତୁ ଆସିବୁ ନାହିଁ । ବଣୁଆକୁକୁର ଏତକ ଶୁଣି ଚାଲିଗଲା ସିନା ବିଲୁଆ ଯିବା ପରେ ସେ ଆସେ ଓ ଆହାରର ସନ୍ଧାନ ଦିଏ । ଦୁହିଁଙ୍କଠାରୁ ଆହାର ପାଇ ସିଂହ ମଜାରେ ଦିନ କାଟିଲା । ଅନ୍ୟ ପ୍ରାଣୀମାନେ କିନ୍ତୁ ବହୁତ ହଇରାଣ ହେଲେ । ସିଂହର ଚାଲ ବୁଝିବା ପରେ ଦିନେ ସମସ୍ତେ ମିଶି ବିଲୁଆ ଓ ବଣୁଆକୁକୁରକୁ ବାନ୍ଧିପକାଇଲେ । ସେମାନେ ବାଧ୍ୟ ହୋଇ ସବୁ ସତକଥା ମାନିଲେ । ବଣୁଆକୁକୁର ଠାରୁ ବିଲୁଆକୁ ଅଧିକ ଦଣ୍ଡଦେଲେ । ସେମାନଙ୍କ ଦଣ୍ଡ ଦେଖି ସିଂହ ନିଜେ ସେହି ଜଙ୍ଗଲରୁ ନିଜ ପରିବାର ସହିତ ଅନ୍ୟଆଡ଼େ ପଳାଇଲା । ସିଂହ ଚାଲିଯିବାରୁ ସମସ୍ତେ ମିଳିମିଶି ଚଳିଲେ।

ଶିକ୍ଷାଶ୍ରୀ ଲେନ୍, କୁମ୍ଭାରପଡ଼ା,
ପୁରୀ-୨, ପୁରୀ
ଫୋନ୍-୯୭୭୬୨୩୮୫୨୨

# ଶରତର କାଶଫୁଲ

## ନୀଳମଣି ଚାନ୍ଦ

ଅଶିଣରେ ଦେବୀଙ୍କର
ଧରାବତରଣ
ସଜବାଜ ହୁଏ ମା'ଙ୍କୁ
କରିବ ବରଣ।
ଭରିଲାଣି ନଦୀ ପଠା
ତୀରେ କାଶଫୁଲ
ଫୁଟି ଦୋଳାଏ ଚଅଁର
ହୋଇରେ ପ୍ରଫୁଲ୍ଲ।
ଶୁଭ୍ର ବସ୍ତ୍ର ପରିହିତା
ସେ ସରଗ ପରୀ
ସତେ କି ଓହ୍ଲେଇ ଅଛି
ଏହି ବେଶ ଧରି ।
ନ ଥାଉ ମହକ ପଛେ
ଆକର୍ଷଇ ରଙ୍ଗ
ସିଏ ଆସେ ହେବାପାଇଁ
ଶରତର ସଙ୍ଗ ।
ଫେରିଗଲା ପରେ ଦେବୀ
ସେ ମଉଳି ଯାଏ
ଯେତେ ଖୋଜିଲେ ବି ତା'ର
ଦେଖା ତ ନ ପାଏ।
ଶରତର କାଶଫୁଲ
ମନଜିଣା ପରା
ହସୁଥାଏ ସିଏ ଆଉ
ହସାଏରେ ଧରା ।

+ ମନ୍ତ୍ର ମାନୋର,ଗୋଠପାଟଣା
ଭୁବନେଶ୍ୱର,
ମୋ:୯୫୮୩୨୦୨୩୫୭

# ହେବି ମୁଁ ଦିନେ ବଡ଼

## ସତ୍ୟନାରାୟଣ ପ୍ରଧାନ

ବାଳୁତ ସୂରୁଜ ପହିଲି କିରଣ
ଆକାଶଟା ଦିଶେ ନାଲି
ଦେଖ କୁନି ପିଲା ମସିଣାରେ ଶୋଇ
ହସୁଅଛି ଖିଲି ଖିଲି ।
ରହିଅଛି ଚାହିଁ ଦେଖିବ ଦୁନିଆ
ହେବ ବୋଲି ସୁନା ପିଲା
ଲେଖିଦେବ ନାଁ ଜାତି ଇତିହାସେ
ଥିବା ଯାଏ ଆଖି ଖୋଲା ।
ଜୀବନ ଗଢିବ କରି ଉପକାର
ହୃଦେ ରଖି ଦୟା କ୍ଷମା
ଭୋକିଲା ପେଟରେ ଆହାର ଯୋଗାଇ
ସହି ପଛେ ଦୁଃଖ ସୀମା ।
ମନରେ ଆଙ୍କିବ ଅସୀମ ଶକତି
ଦୃଢ ରଖି ନିଜ ଚିତ୍ତ
ମହାପୁରୁଷଙ୍କ ତ୍ୟାଗ ବଳିଦାନ
ନ ହୋଇବ କେବେ ବ୍ୟର୍ଥ ।
ସବୁରି ମନରେ ବୁଣିଦ୍ୱେ ସ୍ୱପ୍ନ
ଲଗାଇ ସ୍ନେହର ବାଡ଼
ଅପେକ୍ଷା କରଇ ସେଇ ସମୟକୁ
ହେବି ମୁଁ ଯେ ଦିନେ ବଡ଼ ।

+ଅଣ୍ଟିଆ, ଜେନାପୁର, ଯାଜପୁର
ପିନ- ୭୫୫୦୨୩ ,
ମୋ - ୯୧୭୮୩୧୩୬୪୪

# .. ବାଉନ୍ସର ..

## ମୂଳ ହିନ୍ଦୀ-ବିପ୍ରମ
## ଅନୁବାଦ-ମନୋଜ କୁମାର ବେହେରା



ପିଣ୍ଟୁ ବହୁତ ସମୟ ହେଲା ଦେଖୁଥିଲା କି ଜଣେ ବୃଦ୍ଧା କ୍ରିକେଟ୍ ଗ୍ରାଉଣ୍ଡର ଗୋଟିଏ କୋଣରୁ ଆଉ ଗୋଟିଏ କୋଣ ଯାଏଁ ଚାଲୁଥିଲେ ବ୍ୟସ୍ତ ବିବ୍ରତ ହେଇ। ତାଙ୍କ ମୁଣ୍ଡରେ ଥିଲା ଗଣ୍ଠୁଲିଟିଏ । ଯେଉଁଥିରେ ତାଙ୍କର ଜିନିଷ ଥିଲା । ବୋଧହୁଏ ରାସ୍ତା ଭୁଲି ଯାଇଥିଲେ ସେ । ପିଣ୍ଟୁ ଆଉ ସମ୍ଭାଳି ପାରିଲାନି ନିଜକୁ । ନିଜର ସାଙ୍ଗ ଜିତୁକୁ କହିଲା,“ଆରେ ସାଙ୍ଗ ! ଚାଲ୍ ସେ ବୃଦ୍ଧାଙ୍କୁ ସାହାଯ୍ୟ କରିବା ବିଚାରୀ ଜଣା ନାହିଁ କେତେବେଳୁ ବୁଲୁଛନ୍ତି ଏମିତି” ।

ହଁ ବେ ! ହଁ..ଚାଲ କହିଲା ଜିତୁ । ଯଦିଓ ସେ ବ୍ୟାଟିଙ୍ଗ୍ ପ୍ୟାଡ୍ ପିନ୍ଧି ପ୍ରସ୍ତୁତ ଥିଲା ବ୍ୟାଟିଂ କରିବାକୁ। କେତେବେଳେ ବି ପାଳି ଆସିପାରେ ତା'ର । ହେଲେ ଆଦର ଭାବ ସହିତ ଦୁହେଁ ଥିଲେ ବୃଦ୍ଧାଙ୍କ ଆଗରେ । ପିଣ୍ଟୁ କହିଲା,“ଆଣ୍ଟି ! ଆପଣ କେଉଁଠିକି ଯିବେ” ?

ବୃଦ୍ଧା ଜଣକ ଅପଲକ ନୟନରେ ଚାହିଁଲେ ଦୁହିଁଙ୍କୁ । ତା'ପରେ ଟିକିଏ ହସି ଦେଇ କହିଲେ,“ପିଲାମାନେ ! ମୁଁ ତୁମକୁ କେଉଁ କୋଣରୁ ଆଣ୍ଟି ଭଳି ଦିଶୁଛି ମୋତେ ଟିକିଏ କହିବ” ? ତୁମେମାନେ ମୋତେ ବୁଢୀମା' କହିପାରୁନ ?

ବୃଦ୍ଧାଙ୍କ କଥା ଶୁଣି ଦୁହେଁ ଲଜ୍ଜିତ ହେଲେ। ସେମାନେ କିଛି କହିବା ପୂର୍ବରୁ ବୃଦ୍ଧା କହିଲେ,“ପିଲେ ! ମୁଁ ବାଟବଣା ହେଇ ଯାଇଛି। ମୋତେ ମୋ ପୁଅ ଘରକୁ ଯିବାର ଅଛି” । ଓଫ୍..! ଯେଉଁ କାଗଜରେ ଠିକଣା ଲେଖା ହେଇଥିଲା ତାହା ମିଳୁନାହିଁ ମୋତେ। ବୋଧହୁଏ କେଉଁଠି ପକେଇ ଦେଇଛି । ମୁଁ ମଥୁରାରୁ ଆସିଛି । ଛ'ମାସରେ ସବୁ କିଛି ବଦଳି ଗଲା ପରି ଲାଗୁଛି ଏଇଠି ଏହି ମୌଜୀ ବାଗ୍‌ରେ ।

ଏହା ଶୁଣି ଜିତୁ ପଚାରିଲା,“ବୁଢୀମା' ! ଏଠି ତ ତିନିଟା ମୌଜୀ ବାଗ୍ ଅଛି । ଆପଣଙ୍କୁ କେଉଁଠିକୁ ଯିବାକୁ ଅଛି । ମୌଜୀ ବାଗ୍ ଏକ, ମୌଜୀ ବାଗ୍ ଦୁଇ ନା' ସାଉଥ୍ ମୌଜୀ ବାଗ୍” ।

“ପୁଅ ! ମୁଁ ସେ ସବୁ ଜାଣିନି । ସେଇଠି ଗୁରୁଦ୍ୱାର ଅଛି । ସିଧା ମେନ୍ ରୋଡ୍‌ରେ ସରକାରୀ ଫ୍ଲାଟ୍‌ର ତଳ ଘର” ।

ତାହାତ ଠିକ୍ ଅଛି ବୁଢୀମା' ! ମଝିରେ ପିଣ୍ଟୁ କହିଲା,'ଆପଣଙ୍କ ପାଖରେ ତ ଠିକଣା ନାହିଁ। ତେବେ ପହଞ୍ଚିବେ କେମିତି' ?

ଠିକ୍ ସେତିକି ବେଳେ ଜିତୁ ବ୍ୟାଟିଙ୍ଗ୍ କରିବାକୁ ଚାଲିଗଲା । ସେପଟେ ଅରୁଣ ଆଉଟ୍ ହେଇ ପିଣ୍ଟୁ ପାଖକୁ ଆସି ପଚାରିଲା, କଥା କ'ଣ ? ବୁଢୀମା'ଙ୍କର କ'ଣ ହେଇଛି ? ତେବେବେଳେ ପିଣ୍ଟୁ ତାକୁ ସବୁ କଥା କହିଲା । ଏହା ଶୁଣି ସେ ତୁରନ୍ତ କହିଲା,“ବୁଢୀମା' ! ଆମ ଭଳି ଆପଣଙ୍କର ନାତି ତ ଥିବ ଯିଏ କ୍ରିକେଟ୍ ଖେଳୁଥିବ” ?

ଏହା ଶୁଣି ବୃଦ୍ଧା କହିଲେ, ହଁ..ହଁ..ଗୋପାଳ..ମୋ ନାତି । ସେ ମଧ ବହୁତ ଭଲ କ୍ରିକେଟ୍ ଖେଳେ । ନାଁ ଶୁଣି ପିଲାମାନେ ପୁଣି ଥରେ ପଡିଗଲେ ଅଡୁଆରେ । ସେମାନେ ବଲବଲ ହେଇ ଚାହିଁଲେ ପରସ୍ପରକୁ । ସେତେବେଳେ ଅରୁଣ ପଚାରିଲା,“ସେ ପଢୁଛି କେଉଁଠି ବୁଢୀମା'” ?

ଜାଣିନିରେ ପୁଅ ! ମୋତେ ତ କେବଳ ଏତିକି ଜଣା ଅଛି କି ବସ୍ ଯେଉଁଠି ସରିବ ସେଇଠୁ ସିଧା ଯିବାକୁ ହେବ ଗୁରୁଦ୍ୱାର ପାଖକୁ । ହେଲେ ଜଣା ନାହିଁ ଏ ପୋଲ କେବେ ତିଆରି ହେଇଗଲା। ଆଉ ସେପଟେ ମୂର୍ଖ ବସ୍‌ବାଲା ଜଣା ନାହିଁ ମୋତେ କେଉଁଠି ଓହ୍ଲେଇ ଦେଲା । ଯଦିଓ ମୁଁ ଏଠିକି ଯାଏ ଆସେ ହେଲେ ଏବେ ବାଟ ଜାଣି ପାରୁନି ।

ଠିକ୍ ଏତିକି ବେଳେ ବ୍ୟାଟିଂ କରୁଥିବା ପିଲା ମୁଣ୍ଡରେ ବଲ୍ ବାଜିଗଲା ଜୋରରେ । ସେ ସେଠି ଯନ୍ତ୍ରଣାରେ ଗଡି କାନ୍ଦୁଥିଲା । ପିଲାମାନେ ପରସ୍ପର ମଧ୍ୟରେ କଥା ହେଉଥିଲେ । ବୋଲିଂ କରୁଥିବା ପିଲା ଡରରେ ପଳେଇ ଯାଇଥିଲା କୁଆଡେ । ଗୋଟିଏ ପିଲା କହିଲା,ବାଉନ୍ସର ମାରିଛି । ଏହା ଶୁଣି ଆଉ ଗୋଟିଏ ପିଲା କହିଲା,“ଆରେ..ସାର୍ ତ ବାଉନ୍ସର ପାଇଁ ମନା କରିଥିଲେ” ।

ଏହା ଶୁଣି ବୃଦ୍ଧା ଜଣକ ଜୋରରେ ଚିଲ୍ଲେଇ କହିଲେ,“ଆରେ ପିଲାମାନେ ! ମନେ ପଡିଲା ମନେ ପଡିଲା ମୋ ଗୋପାଳକୁ ମଧ ସମସ୍ତେ ବକ୍ସର କହନ୍ତି” ।

ବୁଢୀମା',ବକ୍ସର ନୁହେଁ ବାଉନ୍ସର କହି ଖୁସିରେ ଡେଇଁ ପଡିଲା ଅରୁଣ । ଆଉ ବୁଢୀମା' ପୁଣି ଥରେ କହିଲେ ବୋଧହୁଏ ବାଉନ୍ସର ହେଇଥିବ ।

ବାଃ ବୁଢୀମା' ! ବାଉନ୍ସରକୁ ତ ଆମେମାନେ ଭଲ ଭାବରେ ଜାଣୀଛୁ । ଯଦି ସେ ଆପଣଙ୍କ ନାତି ତା'ହେଲେ ଆମେ ଆପଣଙ୍କୁ ପହଞ୍ଚେଇ ଦେବୁ । ଆମେ ଦେଖିଛୁ ତା' ଘର କେଉଁଠି । ସେ ଆମ ସହିତ କ୍ରିକେଟ୍ ଖେଳେ ।

ପାଞ୍ଚ ମିନିଟ୍‌ରେ ସେମାନେ ପହଞ୍ଚଗଲେ ଘରେ । ବୁଢୀମା'ଙ୍କୁ ଅଚାନକ ଆସିବା ଦେଖି ଖୁସିରେ ଗୋପାଳ ଚିତ୍କାର କରି କହିଲା, ବୁଢୀମା' ! ମୋ ବୁଢୀମା' ! ତୁମେ କେମିତି ଆସିଲ କହି ମୁଣ୍ଡିଆ ମାରିଲା । ତା'ପରେ ଧ୍ୟାନ ତା'ର ଗଲା ପିଣ୍ଟୁ ଆଡେ । ସେ ତାକୁ ପଚାରିଲା,“ଆବେ..ମୋ ବୁଢୀମା' ତୁମକୁ କେଉଁଠି ମିଳିଲେ” ?

ସେତେବେଳେ ପିଣ୍ଟୁ ସବୁ କଥା କହିଲା,ଆଉ ଜୋରରେ କହିଲା,“ଆରେ ସାଙ୍ଗ,ତତେ ଆମେ ବାଉନ୍ସର ବୋଲି ଡାକୁ। ସେହି ନାଁ ଯୋଗୁଁ ଆମେ ବୁଢୀମା'ଙ୍କୁ ତୋ ପାଖରେ ପହଞ୍ଚେଇ ପାରିଲୁ' । ବାଟରେ ବୁଢୀମା' ଠିକ୍ କହୁଥିଲେ କି,ପୁଅ କାମ ଏମିତି କର କି ଲୋକମାନେ ତୁମକୁ ନାଁରୁ ନୁହେଁ ବରଂ ତୁମ କାମରେ ଡାକିବେ । ସତରେ,ବାଉନ୍ସର ନାଁ ହିଁ ବୁଢୀମା'ଙ୍କୁ ବିନା ଠିକଣାରେ ଘରେ ପହଞ୍ଚେଇ ଦେଲା ।

ପ୍ଲଟ ନମ୍ବର-୨୧୭/ପି,
ବାୟାବାବା ମଠ ଲେନ୍,
ୟୁନିଟ୍-୯(ଫ୍ଲାଟ),ଭୁବନେଶ୍ୱର-୨୨
ଫୋନ୍-୭୯୭୮୮୩୦୬୧୧

# ଭାରତୀ ସମାଜର ସମନ୍ୱୟ କାର୍ଯ୍ୟକ୍ରମ : ଜନଜାତି ମାନ୍ୟତାରୁ ତୁରୀ ଜାତି ବଂଚିତ ନେଇ ଉଦ୍‌ବେଗ

ସମ୍ବଲପୁର, ୧୨/୦୯ (ନି.ପ୍ର): ଭାରତୀ ସମାଜ ପକ୍ଷରୁ ଯୁଯୋମୁରା ବ୍ଲକ କବରାପାଲି ସ୍ଥିତ ତୁରୀପଡା ଠାରେ ତୁରୀ ସମାଜର ଇତିହାସ ସଂସ୍କୃତି ଏବଂ ଜୀବନ ଶୈଳୀକୁ ନେଇ ଏକ ସମନ୍ୱୟ କାର୍ଯ୍ୟକ୍ରମ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି । ଭାରତୀ ସମାଜର ସଂଚାଳକ ଭବାନୀଶ ଭୋଇଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ତୁରୀ ପରିବାର ଗୁଡ଼ିକର ଇତିହାସ ଓ ସଂସ୍କୃତି ଉପରେ ଅଧ୍ୟୟନ କରାଯାଇଥିଲା । ବାଉଁଶରୁ ତିଆରୀ ସାମଗ୍ରୀ ନିର୍ମାଣ କରି ପେଟ ପୋଷୁଥିବା ତୁରୀ ସମାଜ ବର୍ତମାନ ସମୟରେ ବାଉଁଶର ଅଭାବ ଯୋଗୁଁ ନିଜ ପାରମ୍ପାରିକ କାମ ଛାଡି କୃଷୀ ଏବଂ ନିର୍ମାଣ ଶ୍ରମିକ ଭାବେ କାମ କରିବାକୁ ବାଧ ହୋଇଥିବା ଲୋକ ମାନେ ଏହି ଅବସରରେ ଅଭିଯୋଗ କରିଛନ୍ତି । କାର ?ୟକ୍ରମରେ ତୁରୀ ସମାଜର ପୁରୁଣା କାରିଗର ଗୁଲାପି ବାଗ କହିଛନ୍ତି ଯେ, ପୂର୍ବରୁ ପରିବାରର ଚାରିଜଣ ବାଉଁଶ କାମ କରୁଥିବା ବେଳେ ଗୋଟିଏ ବର୍ଷ ହେବ ଘରେ ବାଉଁଶ କାମ ବନ୍ଦ ହୋଇ ଗଲାଣି । ଜଙ୍ଗଲରୁ ଆଗଭଲି ଆଉ କେହି ବାଉଁଶ କାଟି ଆଣିବାକୁ ରାଜି ହେଉ ନାହାନ୍ତି । ବନ ବିଭାଗର କଟକଣା ସାଙ୍ଗକୁ ବାଉଁଶ କାମରେ ସେତିକ ଲାଭ ହେଉନଥିବାରୁ ପଡାରେ ବସବାସ କରୁଥିବା ୩୫ ପରିବାର ମଧ୍ୟରୁ କେବଳ ପାଂଚ ଛଅ ପରିବାର ହିଁ ଏବେ ବାଉଁଶ କାମ କରୁଛନ୍ତି । ଅନ୍ୟ ପକ୍ଷରେ ଆଧୁନିକତାର ଚାପରେ ପାରମ୍ପାରିକ ସାମଗ୍ରୀର ଚାହିଦା କମିବାରେ ଲାଗିଛଇ । ପରିଶ୍ରମ ତୁଳନାରେ ବାଉଁଶ ସାମଗ୍ରୀ ବିକ୍ରୀରୁ ସେତିକି ଲାଭ ହେଉନଥିବା ତୁରୀ କାରିଗର ଜୟନ୍ତୀ ବାଗ କହିଛନ୍ତି । ସେହିପରି ଉନ୍ନତ ତାଲିମ ଏବଂ ବଜାରର ଅଭାବ ତୁରୀ ଜାତୀର ଯୁବ ପିଢୀକୁ ବାଉଁଶ କାମ ପାଇଁ ଆକର୍ଷିତ କରିପାରୁନଥିବା ଯଶୋବନ୍ତୀ ବାଗ କହିଛନ୍ତି । ଆଗରୁ ଲୋକେ ବଜାର ଏବଂ ଗାଁ ଗାଁ ବୁଲି ସାମଗ୍ରୀ ବିକ୍ରୀ କରୁଥିଲେ । ଯାହା ବର୍ତମାନର ଯୁବପିଢି କରିବାକୁ ଆଗ୍ରହୀ ନୁହନ୍ତି । ତେଣୁ ଆଧୁନିକ ଏବଂ ସୌକିନ ସମାଗ୍ରୀ ନିର୍ମାଣ ନେଇ ତାଲିମ ଦିଆଯାଇ ପାରିଲେ ଯୁବ ପିଢର ବାଉଁଶ କାମ ପାଇଁ ଆଗ୍ରହ ପ୍ରକାଶ କରି ପାରିବେ ବୋଲି ଯଶୋବନ୍ତୀ ପ୍ରକାଶ କରିଛନ୍ତି । ବାଉଁଶ କାମ ବନ୍ଦ ହେବା ପରେ ଅନେକ କୃଷୀ ଶ୍ରମିକ ଏବଂ ନିର୍ମାଣ ଶ୍ରମିକ ଭାବେ କାର ?ୟ କରିବା ଆରମ୍ଭ କରିଛନ୍ତି । ଯାହାଦ୍ୱାରା ସେମାନେ ନିଜ ପାରମ୍ପାରିକ କଳା। କୌଶଳ ଧିରେ ଧିରେ ହଜିବାକୁ ବସିଛି । ଅନ୍ୟ ପକ୍ଷରେ ବୃଦ୍ଧାବସ୍ଥାରେ ମଧ୍ୟ ପୂର୍ବରୁ ଲୋକେ ଘରେ ବସି ବାଁଉଶ କାମ କରି ପାରୁଥିଲେ । ତେବେ ବାଉଁଶ କାମ ବନ୍ଦ ହେବା ପରଠାରୁ ଘରର ବରିଷ୍ଠ ଲୋକ ମାନଙ୍କ ପାଖରେ କୌଣସି କାମ ନାହିଁ । କେବଳ ସରକାରଙ୍କ ତରଫରୁ ମିଳୁଥିବା ବାର୍ଦ୍ଧକ୍ୟ ଭତା ଉପରେ ସେମାନେ ନିର୍ଭର କରୁଛନ୍ତି । ଯାହାଦ୍ୱାରା ସେମାନଙ୍କ ସାମାଜିକ ଜୀବନ ମଧ ପ୍ରଭାବିତ ହେବାକୁ ବସିଛି । ପର୍ଶ୍ଚିମ ଓଡିଶାର ସମ୍ବଲପୁର, ଝାରସୁଗୁଡା, ବରଗଡ ଏବଂ ସୁନ୍ଦରଗଡ ଜିଲାରେ ସର୍ବାଧିକ ତୁରୀ ଜାତୀର ଲୋକ ବସବାସ କରିଥାନ୍ତି । ତେବେ ବର୍ତମାନ ସମୟରେ ସ୍ଥାନୀୟ ଅଂଚଳରେ ବାଉଁଶର ଘୋର ଅଭାବ ଏବଂ ବାଉଁଶ ସାମଗ୍ରୀର ଚାହିଦା ନଥିବାରୁ ରହିଥିବା ବେଳେ ତୁରୀ ମାନଙ୍କ ପାରମ୍ପାରିକ କଳା ହଜିବାକୁ ବସିଛି । ଅନ୍ୟପକ୍ଷରେ ଯେଉଁ ତୁରୀ ପିଲା ମାନେ ପାଠପଢି ପାରୁଛନ୍ତି ସେମାନେ ଚାକିରୀ କିମ୍ୱା ଅନ୍ୟ ବ୍ୟବସାୟରେ ଲାଗି ପଡୁଥିବା ପଡାର ଲୋକ କହିଥିଲେ । ଅନ୍ୟପକ୍ଷରେ ଲଳିତା ମଲ୍ଲିକ କହିଥିଲେ, ତୁରୀ ମାନେ ବିଭିନ୍ନ କ୍ଷେତ୍ରରେ ଅବହେଳିତ ହୋଇ ରହିଛନ୍ତି । ପ୍ରକୃତରେ ତୁରୀ ମାନେ ଜନଜାତୀ ସମ୍ପ୍ରଦାୟର ହୋଇଥିବା ବେଳେ ସେମାନଙ୍କୁ ଅନୁସୁଚିତ ଜାତି ତାଲିକାରେ ରଖାଯାଇଛି । ଯାହାଦ୍ୱାରା ତୁରୀ ମାନଙ୍କର ସ୍ୱତନ୍ତ୍ର ଭାଷା ସଂସ୍କୃତି ରହିଥିବା ସତ୍ତ୍ୱେ ଏହାପ୍ରତି କେହି ଦୃଷ୍ଟୀ ଦେଉ ନାହାନ୍ତି । ଯାହାଦ୍ୱରା ଆମର ପାରମ୍ପାରିକ ବୃତି ସହ ଭାଷା ସଂସ୍କୃତିବି ହଜି ବସିଛି ବୋଲି ସେ କ୍ଷୋଭ ପ୍ରକାଶ କରିଛନ୍ତି। ତୁରୀ ଭାଷା ସାନ୍ତାଳୀ ଭାଷାର ନିକଟ ତର ହୋଇଥିବା ବେଳେ ସାନ୍ତାଳୀ ଭାଷାକୁ ସରକାର ଗୁରୁତ୍ୱ ଦେଇ ସବୁ ପ୍ରକାର ସହଯୋଗ କରୁଥିବା ବେଳେ ତୁରୀ ଭାଷା ପ୍ରତି ସବୁ ସରକାର ଉଦାସୀନ ରହିଥିବା ସେ କ୍ଷୋଭ ପ୍ରକାଶ କରିଥିଲେ । ତୁରୀ ଲୋକ ମାନଙ୍କର ସ୍ୱତନ୍ତ୍ର ବିବାହ ପରମ୍ପରା ରହିଥିବା ବେଳେ ଦୀର୍ଘ ବର୍ଷ ହେବ ସେହି ପରମ୍ପରା ଅଧିକାଂଶ ସ୍ଥାନରେ ସମ୍ପୁର୍ଣ୍ଣ ବନ୍ଦ ହୋଇ ବସିଥିବା ବନବାସୀ ଦୁଆନ କହିଥିଲେ । ଭାରତୀ ସମାଜ ପକ୍ଷରୁ ବିଭିନ୍ନ ଜାତି ଜନଜାତୀ ମାନଙ୍କ ଭାଷା ସଂସ୍କୃତୀ ଏବଂ ପରମ୍ପରାକୁ ନେଇ ସମନ୍ୱୟ କାର୍ଯ୍ୟକ୍ରମ କରିଆରେ ଅଧ୍ୟୟନ କରାଯିବା ସହ ସେମାନଙ୍କ ବିକାଶ ପାଇଁ କାର୍ଯ୍ୟ କରାଯାଉଥିବା ନେଇ ଭାରତୀ ସମାଜର ସହ ସଂଚାଳକ ଜୟପାଳ ବାଗ କହିଛନ୍ତି । ଆଗକୁ ତୁରୀ ସମାଜର ଭାଷା ଏବଂ ସଂସ୍କୃତିର ସଂରକ୍ଷଣ ଏବଂ ପ୍ରସାର ପାଇଁ ଉଦ୍ୟମ କରାଯିବା ନେଇ ଶ୍ରୀ ବାଗ ସୁଚନା ଦେଇଥିଲେ । କାର୍ଯ୍ୟକ୍ରମରେ ଜୟନ୍ତୀ ପ୍ରଧାନ ଏବଂ ବନବାସୀ ଦୁଆନ ପ୍ରମୁଖ ତୁରୀ ଭାଷାର ପାରମ୍ପାରିକ ଗୀତ ପରିବେଷଣ କରିଥିଲେ । କାର୍ଯ୍ୟକ୍ରମରେ ଦୀନବନ୍ଧୁ ବାଗ,ପରୀକ୍ଷିତ ପ୍ରଧାନ, ରୀନା ମୁଣ୍ଡା ପ୍ରମୁଖ ସହଯୋଗ କରିଥିଲେ ।

# ଦୁର୍ନୀତି ରୋକିବା ପାଇଁ ମୁଖ୍ୟ ଶାସନ ସଚିବଙ୍କ କଡ଼ା ଆଭିମୁଖ୍ୟ

ଭୁବନେଶ୍ୱର, ୧୨/୦୯ (ନି.ପ୍ର): ଦୁର୍ନୀତି ରୋକିବା ଦିଗରେ ପ୍ରଶାସନିକ ବ୍ୟବସ୍ଥାର ସୁଦୃଢ଼ୀକରଣ ଏବଂ ପ୍ରତିକାରାତ୍ମକ ସତର୍କତା ଅବଲମ୍ବନ ସଂପର୍କରେ ରାଜ୍ୟ ମୁଖ୍ୟ ଶାସନ ଶ୍ରୀ ମନୋଜ ଆହୁଜା କଡ଼ା ଆଭିମୁଖ୍ୟ ଗ୍ରହଣ କରି ଏ ସଂପର୍କରେ ଦୃଢ଼ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଛନ୍ତି । ମୁଖ୍ୟ ଶାସନ ସଚିବ ଏ ସଂପର୍କରେ ବିଭିନ୍ନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ, ପ୍ରମୁଖ ଶାସନ ସଚିବ, ରାଜ୍ୟ ଦୁର୍ନୀତି ନିବାରଣ ନିର୍ଦ୍ଦେଶାଳୟର ମହା ନିର୍ଦ୍ଦେଶକ, ସମସ୍ତ ବିଭାଗର କମିଶନର ତଥା ଶାସନ ସଚିବ, ସମସ୍ତ ରାଜସ୍ୱ ଆୟୁକ୍ତ ଏବଂ ଜିଲ୍ଲାପାଳମାନଙ୍କୁ ଉଲ୍ଲେଖିତ ଏକ ପତ୍ରରେ ଜଣାଇଛନ୍ତି ଯେ, ରାଜ୍ୟ ସରକାର ସ୍ୱଚ୍ଛ, ପାରଦର୍ଶୀ ଓ ନାଗରିକକୈନ୍ଦ୍ରିକ ପ୍ରଶାସନ ପ୍ରତି ପ୍ରତିବଦ୍ଧ। ନିକଟରେ ଦୁର୍ନୀତି ନିବାରଣ ବିଭାଗଦ୍ୱାରା ଚିହ୍ନଟ ହୋଇଥିବା ଦୁର୍ନୀତି ମାମଲାଗୁଡ଼ିକ ସୂଚାଉଛି ଯେ, ଏ କ୍ଷେତ୍ରରେ ସକ୍ରିୟ ଓ ନିରନ୍ତର ଧ୍ୟାନ ଦେଇ ପ୍ରତିକାରାତ୍ମକ ପଦକ୍ଷେପ ନେବାର ଆବଶ୍ୟକତା ରହିଛି । କେବଳ ଦୋଷୀଙ୍କୁ ଦଣ୍ଡ ଦେବା କାର୍ଯ୍ୟାନୁଷ୍ଠାନ ଦ୍ୱାରା ଏହାର ସମାଧାନ ହୋଇପାରିବ ନହିଁ ; ବରଂ ଦୁର୍ନୀତିର ମୂଳ କାରଣଗୁଡ଼ିକୁ ପ୍ରଶାସନିକ, ଆଇନଗତ, ସାମାଜିକ, ଆର୍ଥିକ ଓ ଶିକ୍ଷାମୂଳକ ପଦକ୍ଷେପ ମାଧ୍ୟମରେବ୍ୟବସ୍ଥାଗତ ପ୍ରଣାଳୀରେ ଦୂର କରିବା ପାଇଁ ସୁଦୃଢ଼ ପଦକ୍ଷେପ ଆବଶ୍ୟକ। ଏ ସଂପର୍କରେ "ସନ୍ଥାନମ କମିଟି" ସୁପାରିଶ ଅନୁସାରେ ବିଭାଗମାନେନିଜେ ନିଜେ ସମ୍ବେଦନଶୀଳ କ୍ଷେତ୍ରଗୁଡ଼ିକୁ ଚିହ୍ନଟ କରି, ମାମଲା ସୃଷ୍ଟି ହେବା ପୂର୍ବରୁସେଥିପ୍ରତି ଆଗୁଆ ପଦକ୍ଷେପ ନେବା ବିଶେଷ ଗୁରୁତ୍ୱ ରଖୁଛି । ପ୍ରତିରୋଧାତ୍ମକଦୁର୍ନୀତି ନିବାରଣ ସଚେତନତା ମାଧ୍ୟମରେ ଅଧିକ ନିୟାମକତା, ଇଚ୍ଛାଧୀନ କ୍ଷମତା, ସେବା ପ୍ରଦାନରେ ଏକାଧିକାର, ଦୁର୍ବଳ ଅଭିଯୋଗ ଶୁଣାଣି ବ୍ୟବସ୍ଥା, ଯାଞ୍ଚ ପ୍ରଣାଳୀରେ କୋହଳ ବ୍ୟବସ୍ଥାଏବଂ ଜନସଚେତନାର ଅଭାବ ପରି ବିଷୟଗୁଡ଼ିକର ସମାଧାନ କରିପାରିବ । ଦୁର୍ନୀତି ନିବାରଣ ପ୍ରତି ଗୁରୁତ୍ୱପୂର୍ଣ୍ଣ ଧ୍ୟାନ ଆକର୍ଷଣକାରୀ କ୍ଷେତ୍ରଗୁଡ଼ିକ ମଧ୍ୟରେ : କ୍ରୟ ଏବଂ ଚୁକ୍ତି ପରିଚାଳନା, ମାନବ ସମ୍ବଳ ପରିଚାଳନା, ସେବା ପ୍ରଦାନ, ସର୍ବସାଧାରଣଙ୍କ କାର୍ଯ୍ୟ ନିରୀକ୍ଷଣ ବ୍ୟବସ୍ଥା, ବ୍ୟବସାୟ କରିବାର ସୁବିଧା (ଇଜ୍ ଅଫ୍ ଡୁଇଙ୍ଗ ବିଜନେସ)ଏବଂ 'ଜନ ବିଶ୍ୱାସ ବିଲ୍' କାର୍ଯ୍ୟକାରୀ କରିବା ଉପରେ ଗୁରୁତ୍ୱ ଦିଆଯାଇଛି । କ୍ରୟ ଏବଂ ଚୁକ୍ତି ପରିଚାଳନାକ୍ଷେତ୍ରରେ ଇ-କ୍ରୟ (ପ୍ରୋକ୍ୟୋରମେଣ୍ଟ), ଇ-ଟେଣ୍ଡରିଂ ଏବଂ ତୃତୀୟ ପକ୍ଷ ସାର୍ଟିଫିକେସନ୍ ଅବଲମ୍ବନ କରିବାଦ୍ୱାରା ଇଚ୍ଛାଧୀନ କ୍ଷମତାର ବ୍ୟବହାର ସମ୍ଭାବନା କମିଥାଏ ଏବଂ ସ୍ୱଚ୍ଛତା ସୁନିଶ୍ଚିତ ହୁଏ । ଉଦାହରଣସ୍ୱରୂପ, ଯେଉଁସବୁ ବିଭାଗମାନେ ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ସମସ୍ତ ପର୍ଯ୍ୟାୟରେ ଅନଲାଇନ୍ ଟେଣ୍ଡରିଂ ବ୍ୟବହାର କରୁଛନ୍ତି, ସେଥିରେ ପକ୍ଷପାତିତା ସଂପର୍କିତ ଅଭିଯୋଗ ଉଲ୍ଲେଖନୀୟ ଭାବେ ହ୍ରାସ ପାଇଥିବା ଦେଖାଯାଇଛି ।

## ଜିଲ୍ଲାସ୍ତରୀୟ ମହିଳା ଓ ଶିଶୁ ବିକାଶ ବିଭାଗର ସମୀକ୍ଷା ବୈଠକ

କେନ୍ଦ୍ରାପଡ଼ା, ୧୨/୦୯ (ନି.ପ୍ର): କେନ୍ଦ୍ରାପଡ଼ା ଜିଲ୍ଲା ପ୍ରଶାସନ ତରଫରୁ ଜିଲ୍ଲାସ୍ତରୀୟ ମହିଳା ଓ ଶିଶୁ ବିକାଶ ବିଭାଗର ସମୀକ୍ଷା ବୈଠକ ଜିଲ୍ଲାପାଳ ରଘୁରାମ ଆର ଆୟାରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ନବକ୍ରିଷ୍ଟ ଜେନ, ଡ଼ଃ ପ୍ରମୋଦ ପ୍ରହରାଜ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ବିଜୟ କେତନ ସାହୁ, ଡିଏସ୍‌ଡବ୍ଲ୍ୟୁଓ ସୁଷମା ମହାନ୍ତି, ମମତା ପିଏମ୍‌ଭିଓ୍ୱାଇ ମନୋରଞ୍ଜନ ଦାସ, ସମସ୍ତ ସିଡିପିଓ, ସୁପର ଭାଇଜର ପ୍ରମୁଖ ଉପସ୍ଥିତ ରହି ସୁଭଦ୍ରା ଯୋଜନାର ତଦନ୍ତର ଅଗ୍ରଗତି, ବ୍ୟାଙ୍କ ଏବଂ ଇ-କେଓ୍ୱାସିର ସମସ୍ୟାଗୁଡ଼ିକୁ ତ୍ୱରିତ ସମାଧାନ କରିବା, ମମତା ଓ ପ୍ରଧାନମନ୍ତ୍ରୀ ମାତୃ ବନ୍ଦନା ଯୋଜନାର ସଫଳ ରୂପାୟନ, ମୋବାଇଲ ଆପ ମାଧ୍ୟମରେ ଗର୍ଭବତୀ ମହିଳାମାନଙ୍କର ତ୍ୱରିତ ପଞ୍ଜିକରଣ କରିବା ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ପୋଷଣ କାର୍ଯ୍ୟକ୍ରମର ସଫଳ ରୂପାୟନ ଉପରେ ଗୁରୁତ୍ୱାରୋପ କରାଯାଇଥିଲା । ଜିଲ୍ଲାରେ ଥିବା ଦୁର୍ବଳ ଶିଶୁଙ୍କୁ ସଠିକ ଭାବରେ ଚିହ୍ନଟ କରି ଚିକିତ୍ସା କରିବା ପାଇଁ ଜିଲ୍ଲାପାଳ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଚିହ୍ନଟ ଏବଂ ଚିକିତ୍ସାରେ ତ୍ରୁଟି ହେଲେ ଦୃଢ଼ ପଦକ୍ଷେପ ନିଆଯିବ ବୋଲି ଚେତାବନୀ ଦିଆଯାଇଛି । ଏଥିସହିତ ଅନ୍ୟାନ୍ୟ ସମସ୍ୟା ସମ୍ପର୍କରେ ଆଲୋଚନା କରାଯାଇଥିଲା ।

# ପିସି-ପିଏନଡ଼ିଟି ଆକ୍ଟ ସମ୍ପର୍କିତ ଜିଲ୍ଲାସ୍ତରୀୟ ପରାମର୍ଶଦାତା କମିଟି ବୈଠକ ଅନୁଷ୍ଠିତ

ବାରିପଦା, ୧୨/୦୯ (ନି.ପ୍ର): ମୟୂରଭଞ୍ଜ ଜିଲ୍ଲା ସ୍ୱାସ୍ଥ୍ୟ ସମିତି ପକ୍ଷରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ମହାତ୍ମା ଗାନ୍ଧୀ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ ହେମ କାନ୍ତ ସୟଙ୍କ ଅଧ୍ୟକ୍ଷତା ରେ ପିସିପିଏନଡ଼ିଟି ଆକ୍ଟର ଉପଯୁକ୍ତ କାର୍ଯ୍ୟକାରିତା ଉପରେ ଜିଲ୍ଲା ସ୍ତରୀୟ ପରାମର୍ଶଦାତା କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି ଓ ଲିଙ୍ଗ ନିରୂପଣକୁ କିଭଳି କଡାକଡି ଭାବରେ ରୋକାଯାଇପାରିବ ସେଥିପାଇଁ ଗୁରୁତର ସହ ଧ୍ୟାନ ଦେବାକୁ ଜିଲ୍ଲାପାଳ ସ୍ୱାସ୍ଥ୍ୟ ବିଭାଗର ସମ୍ପୃକ୍ତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ଓ ଉକ୍ତ ବୈଠକରେ କାର୍ଯ୍ୟକ୍ଷମ ଥିବା ପଞ୍ଜିକୃତ ଅଲ୍ଟ୍ରାସାଉଣ୍ଡ କ୍ଲିନିକ ଗୁଡିକର ସମୀକ୍ଷା କରାଯାଇଥିଲା ଓ ବୈଠକରେ ନୂତନ କ୍ଲିନିକ ପଞ୍ଜୀକରଣ ଓ ନବୀକରଣ ପାଇଁ ଆବେଦନ ହୋଇଥିବା ଦରଖାସ୍ତ ଗୁଡିକ ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା ହୋଇଥିଲା ଓ ବୈଠକରେ ପୂର୍ବ ବୈଠକର ବିବରଣୀ ଉପରେ ପର୍ଯ୍ୟାଲୋଚନା କରାଯାଇଥିଲା ଓ ନୂତନ ଅଲଟ୍ରା ସାଉଣ୍ଡ କ୍ଲିନିକ ପାଇଁ ଆବେଦନ କରିଥିବା ଦରଖାସ୍ତ ଏବଂ ନବୀକରଣ ପାଇଁ ଆବେଦନ କରିଥିବା ଦରଖାସ୍ତ ଗୁଡିକ ପ୍ରମାଣ ପତ୍ର ପାଇଁ କମିଟିରେ ଉପସ୍ଥାପନ କରାଯାଇଥିଲା ।

ଲିଙ୍ଗ ନିରୂପଣକୁ ରୋକିବା ଦିଗରେ କ୍ଲିନିକ ଗୁଡିକରେ ଅଚାନକ ତନଖି କାର୍ଯ୍ୟ ନିୟମିତ ଭାବରେ ଜାରି ରଖିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେବା ସହ ଜିଲ୍ଲାର ଜନସାଧାରଣ କିପରି ଉନ୍ନତ ମାନର ସ୍ୱାସ୍ଥ୍ୟ ସେବା ପାଇ ପାରିବେ ସେଥି ନିମନ୍ତେ ସ୍ୱାସ୍ଥ୍ୟ ବିଭାଗର ସମସ୍ତ ଅଧିକାରୀ ଓ କର୍ମଚାରୀମାନଙ୍କୁ ଆବଶ୍ୟକୀୟ ପଦକ୍ଷେପ ନେବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି ।

ଅନୁଷ୍ଠିତ ବୈଠକରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. କିଶୋର କୁମାର ଆଚାର୍ଯ୍ୟ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ ଏବଂ ଅତିରିକ୍ତ ଜିଲ୍ଲା ଚିକିତ୍ସା ଅଧିକାରୀ ଡା. ବିଜୟ କୁମାର ଦାଶ,ପରିବାର କଲ୍ୟାଣ ଅଧିକାରୀ ଡା. ସୁନନ୍ଦା ମିଶ୍ର, ଡା. ସୁଯୋଗ ନାୟକ, ଡା. ହରିଶ୍ଚନ୍ଦ୍ର ସାହୁ, ଡିପିଏମ ଅନିଲ କୁମାର ମହାନ୍ତି, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ବିକାଶ ରଞ୍ଜନ ମହାନ୍ତି ଓ କମିଟିର ଅନ୍ୟାନ୍ୟ ସଦସ୍ୟ ମାନେ ଉପସ୍ଥିତ ରହି ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ । ପରିଶେଷରେ ଲିଗାଲ ମ୍ୟାନେଜର ଶ୍ରୀ ପ୍ରବୋଧ ସୁନ୍ଦରରାୟ ଧନ୍ୟବାଦ ଅର୍ପଣ କରିଥିଲେ ।

# ସିସିଟିଭି କ୍ୟାମେରା ଚୋରଙ୍କୁ ଧରିଲା ସହରାଂଚଳ ପୁଲିସ୍

ଭଦ୍ରକ, ୧୨/୦୯ (ନି.ପ୍ର): ଭଦ୍ରକ ସହରର କେତେକ ବ୍ୟବସାୟିକ ପ୍ରତିଷ୍ଠାନରୁ ଏ.ସି. ର କପର ତାର ଚୋରି ହେବାର କିଛି ମାସ ପରେ ସିସି ଟିଭି ଚୋରଙ୍କୁ ସହରାଂଚଳ ଥାନା ପୁଲିସ୍ ଗିରଫ କରିଛି । ଭଦ୍ରକ ସହରାଂଚଳ ଥାନାଧିକାରୀ ପ୍ରଭାଂଶୁ ମିଶ୍ରଙ୍କ ତଥ୍ୟ ଅନୁସାରେ ଭଦ୍ରକ ଟାଉନ୍ ହଲ ଛକ ନିକଟ ବହୁ ବ୍ୟବସାୟ ପ୍ରତିଷ୍ଠାନରୁ କ୍ରମାଗତ ଭାବେ ଲଗାଯାଇଥିବା ସିସିଟିଭି କ୍ୟାମେରା ଚୋରି ହୋଇଥିଲା । ଏ ସମ୍ପର୍କରେ କଲେଜ ରୋଡ୍, ନରିପୁର ନିବାସୀ ସଂଜିତ ରାୟଙ୍କ ଅଭିଯୋଗ କ୍ରମେ ଏକ ମାମଲା କେଶ୍ ନଂ ୫୪୬, ତା ୧୦.୦୯.୨୫ ରିଖ ଦଫା ୩୦୩ (୨) ବିଏନଏସ ମୂଳେ ରୁଜୁ ହୋଇଥିଲା । ଯାହାର ତଦନ୍ତ ଦାୟିତ୍ୱରେ ତଦନ୍ତକାରୀ ଅଧିକାରୀ ଏ.ଏସ.ଆଇ ବିରୁପାକ୍ଷ ସାହୁ ରହିଥିଲେ । ଏତଲାକାରୀ ସଂଜିତଙ୍କ ଅଭିଯୋଗ ମୂଳେ ଗତ ୮ ତାରିଖ ସନ୍ଧ୍ୟାରେ କେତେକ ଦୃବୃର୍ତ ତାଙ୍କ ବ୍ୟବସାୟ ପ୍ରତିଷ୍ଠାନରେ ଲଗାଯାଇଥିବା ସିସିଟିଭି କ୍ୟାମେରାକୁ ଚୋରି କରିନେଇଥିଲେ । କେବଳ ତାଙ୍କ ବ୍ୟବସାୟ ପ୍ରତିଷ୍ଠାନ ନୁହେଁ ଏସପି ଅଫିସ୍ ସମ୍ମୁଖରେ ଥିବା ମାର୍କେଟ୍ କମ୍ପ୍ଲେକ୍ସରୁ ଏହିଭଳି ଭାବେ ବହୁ ସିସିଟିଭି କ୍ୟାମେରାକୁ ଦୃବୃର୍ତମାନେ ଚୋରି କରିନେଇଥିଲେ । ଫଳରେ ଏସ୍‌ପି ମନୋଜ ରାଉତଙ୍କ ନିର୍ଦ୍ଦେଶ କ୍ରମେ ସହରାଂଚଳ ଥାନାଧିକାରୀ ଶ୍ରୀ ମିଶ୍ରଙ୍କ ତତ୍ତ୍ୱାବଧାନରେ ଗଠିତ ଏକ ଟିମ୍ ଏହି ସିସିଟିଭି ଚୋରଙ୍କୁ ଗିରଫ କରିବାରେ ସକ୍ଷମ ହୋଇଛନ୍ତି । ଯାଜପୁର ଜିଲା ଯାଜପୁର ଟାଉନ୍ ଥାନା ଅଧୀନସ୍ଥ ବିଂଧାନ ପୃଷ୍ଟିସାହି ନିବାସୀ ପର୍ଶୁରାମ ପୃଷ୍ଟିଙ୍କ ପୁତ୍ର ମଙ୍ଗଳ (୨୪), ଭଦ୍ରକ ଜିଲା ଗ୍ରାମଂଚଳ ଥାନା ଅଧୀନସ୍ଥ ଏରେଇ ଗ୍ରାମନିବାସୀ ଭାଗୀରଥି ସେଠୀଙ୍କ ପୁତ୍ର ବିଶ୍ୱଜିତ୍ (୨୫) କୁ ଉକ୍ତ ଟିମ୍ ଗିରଫ କରି ସେମାନଙ୍କ ନିକଟରୁ ୨୫ ଟି ସିସି ଟିଭି କ୍ୟାମେରା, ଗୋଟିଏ ଓଲା ଇଲେକ୍ଟ୍ରି ସ୍କୁଟର, ଦୁଇଟି ଭିଭୋ ମୋବାଇଲ୍ ଜବତ କରିଛି । ଏବଂ ଏମାନଙ୍କୁ ଆଜି କୋର୍ଟ ଚାଲାଣ କରାଯାଇଛି । ତଦନ୍ତ କାଳରେ ଅଭିଯୁକ୍ତମାନେ କେବଳ କଲେଜ ରୋଡ୍ ନୁହେଁ, ଗ୍ରାମାଂଚଳ ଥାନା ଅଧୀନସ୍ଥ ଆରଡିଛକ ଓ ୧୨ ଟି ସ୍ଥାନରୁ ଏହି କ୍ୟାମେରା ଚୋରି କରିଥିବାର ସ୍ୱୀକାର କରିଥିଲେ ।

## ଏସି ତମ୍ୱା ତାର ଚୋରି ମାମଲାରେ ଜଣେ ଗିରଫ

ଜୟପୁର, ୧୨/୦୯ (ନି.ପ୍ର): ଜୟପୁର ମାଜିଷ୍ଟ୍ରେଟଙ୍କ ଘରୁ ଏସିର ତମ୍ୱାତାର ଚୋରି ମାମଲାରେ ଆଜି ଟାଉନପୁଲିସ ଜଣକୁ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି । ଅଭିଯୁକ୍ତ ଜଣକ ହେଲା ସ୍ୱିପର କଲୋନୀର ନିଖିଳ ଆକୋଜି । ଗତ ସେପ୍ଟେମ୍ବର ୧ ତାରିଖରେ ମାଜିଷ୍ଟ୍ରେଟଙ୍କ ଘରୁ ଏସିର ତମ୍ୱାତାର ଚୋରି କରିଥିଲେ । ଏନେଇ ମାଜିଷ୍ଟ୍ରେଟ୍ ଥାନାରେ ଏତଲା ଦେବା ପରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରାଯାଇଥିଲା । ଆଜି ଟାଉନପୁଲିସ ଅଭିଯୁକ୍ତ ନିଖିଳକୁ ଗିରଫ କରିବା ସହ ତା ଠାରୁ ୫୨ସିଏମ ତମ୍ୱାତାର ଜବତ କରି କୋର୍ଟ ଚାଲାଣ କରାଯାଇଥିବା ଟାଉନଥାନା ଅଧିକାରୀ ଉଲ୍ଲାସ ରାଉତ ପ୍ରକାଶ କରିଛନ୍ତି ।

# ଗାନ୍ଧୀ ମୂର୍ତ୍ତି ଭଙ୍ଗା ଘଟଣାର ପ୍ରତିବାଦ ସଭା

କେନ୍ଦ୍ରାପଡ଼ା, ୧୧ ସେପ୍ଟେମ୍ବର(ହି.ସ.) – କେନ୍ଦ୍ରାପଡା ପୌରାଂଚଳ ଅନ୍ତର୍ଗତ ପୁରୁଣା ବସଷ୍ଟାଣ୍ଡ ଠାରେ ଗାନ୍ଧୀ ଶାନ୍ତି ପ୍ରତିଷ୍ଠାନ ଓ ଉତ୍କଳ ସର୍ବୋଦୟ ମଣ୍ଡଳ ତରଫରୁ ଗାନ୍ଧୀମୂର୍ତି ଭଙ୍ଗା ଘଟଣାର ତୀବ୍ର ପ୍ରତିବାଦ କରାଯାଇ ଏକ ସଭାର ଆୟୋଜନ କରାଯାଇଛି । ରକ୍ତପାତ ଓ ଯୁଦ୍ଧ ବିଭୀଷିକାର ବାରୁଦ ଗଦା ଉପରେ ଠିଆ ହୋଇଥିବା ସମଗ୍ର ବିଶ୍ୱ ଏବେ ଗାନ୍ଧିଜୀଙ୍କ ସତ୍ୟ ଓ ଅହିଂସାର ବିଚାରକୁ ଆଦର କରୁଥିବା ବେଳେ ଏବଂ ବିଶ୍ୱର ବିଭିନ୍ନ ଦେଶରେ ଗାନ୍ଧିଜୀଙ୍କ ପ୍ରତିମୂର୍ତି ସ୍ଥାପିତ ହେଉଥିବା ବେଳେ ଆମ ଦେଶରେ ଗାନ୍ଧିଜୀଙ୍କ ପ୍ରତିମୂର୍ତିକୁ ବିଖଣ୍ଡିତ କରାଯିବା ଅତ୍ୟନ୍ତ ଲଜ୍ଜାଜନକ ବିଷୟ । ଏପରି ଘଟଣାର ପୁନରାବୃତି ନଘଟିବା ପାଇଁ ସମ୍ପୃକ୍ତ ଅପରାଧୀଙ୍କୁ ତୁରନ୍ତ ଗିରଫ କରାଯିବା ସହ କଠୋର ଦଣ୍ଡ ବିଧାନ କରିବା ନିମନ୍ତେ ଦାବି କରାଯାଇଛି । ଦେଶରେ ସର୍ବୋଦୟ ଆନ୍ଦୋଳନର ଉଦ୍‌ଗାତା ଆଚାର୍ଯ୍ୟ ବିନୋବା ଭାବେଙ୍କ ୧୩୧ ତମ ଜୟନ୍ତୀ ଅବସରରେ ଗାନ୍ଧୀ ଶାନ୍ତି ପ୍ରତିଷ୍ଠାନ ଓ ଉତ୍କଳ ସର୍ବୋଦୟ ମଣ୍ଡଳ ପକ୍ଷରୁ ଜିଲ୍ଲାର ଡେରାବିଶ ବ୍ଲକ ଅନ୍ତର୍ଗତ ନୀଳିକଣା ବିଦ୍ୟାଳୟ ପରିସରରେ ଅବସ୍ଥାପିତ ରାଷ୍ଟ୍ରପିତା ମହାତ୍ମାଗାନ୍ଧୀଙ୍କ ପ୍ରତିମୂର୍ତି ଭଙ୍ଗା ଘଟଣା ପ୍ରତିବାଦରେ କେନ୍ଦ୍ରାପଡ଼ା ପୁରୁଣା ବସ୍ ଷ୍ଟାଣ୍ଡ ସ୍ଥିତ ଗାନ୍ଧୀ ମୂର୍ତୀ ସମ୍ମୁଖରେ ଆୟୋଜିତ ପ୍ରତିବାଦ ସଭାରେ ବିଶିଷ୍ଟ ବ୍ୟକ୍ତିମାନେ ଦାବି କରିଛନ୍ତି । ଗାନ୍ଧୀ ଶାନ୍ତି ପ୍ରତିଷ୍ଠାନର ଜିଲ୍ଲା ସଭାପତି ପ୍ରାଧ୍ୟାପକ ନନ୍ଦକିଶୋର ପରିଡାଙ୍କ ସଭାପତିତ୍ୱ ରେ ଆୟୋଜିତ କାର୍ଯ୍ୟକ୍ରମ ରେ ଡ଼ଃ ଚୈତନ୍ୟ ଚରଣ ପରିଡା, ପ୍ରଫେସର ଅଜୟ ସାମଲ, ମହମ୍ମଦ ଆକବର ଅଲ୍ଲୀ, ରମଣୀ ରଂଜନ ରାଉତରାୟ, ଫକୀର ଚରଣ ଖଟୁଆ ପ୍ରମୁଖ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମଟି ସମ୍ପାଦକ ଆଦିକନ୍ଦ ରାଉଳଙ୍କ ପରିଚାଳନାରେ ଆୟୋଜିତ ହୋଇଥିଲା ।

# ବଣିଆପାଟ ଶିଶୁ ମନ୍ଦିରର ରୌପ୍ୟ ଜୟନ୍ତୀ ପାଇଁ ପୂର୍ବ ପ୍ରସ୍ତୁତି ବୈଠକ

କେନ୍ଦୁଝର, ୧୨/୦୯ (ନି.ପ୍ର): ସ୍ଥାନୀୟ କଲେଜ ରୋଡ଼ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର,ବଣିଆପାଟ ଠାରେ ଆଗାମୀ ରୌପ୍ୟ ଜୟନ୍ତୀ କରିବାପାଇଁ ଏକ ପୂର୍ବ ପ୍ରସ୍ତୁତି ବୈଠକ ପରିଚାଳନା ସମିତିର ସଭାପତି ଡ. ଅନିଲ କୁମାର ଦାସଙ୍କ ସଭାପତିତ୍ୱରେ ଏକ ସଭାକାର୍ଯ୍ୟ ଅନୁଷ୍ଠିତ ହୋଇଯାଇଥିଲା । ଏହି ସଭାରେ ଶିକ୍ଷା ବିକାଶ ସମିତି ଓଡ଼ିଶାର ପ୍ରାକ୍ତନ ସାଧାରଣ ସଂପାଦକ ଇଂ ଅମର ବର ଖଟୁଆ ଉତର ସମ୍ଭାଗ ସଂପାଦକ ନୀଳମଣି ସାହୁ, ପରିଚାଳନା ସମିତିର ପୂର୍ବତନ ସଭାପତି ଡାଃ ଅରୁଣ କୁମାର ସାହୁ, ଡଃ ଭୁବନେଶ୍ୱର ମହାନ୍ତି, ପୂର୍ବତନ ସଂପାଦକ ମହେନ୍ଦ୍ର କୁମାର ସାହୁ, ଶ୍ରୀଚରଣ ପୃଷ୍ଟି,ପୂର୍ବତନ କୋଷାଧକ୍ଷ ବାଙ୍କ ବିହାରୀ ମହାନ୍ତି ଓ ସଦସ୍ୟ ଅଜିତ କୁମାର ସାହୁ ଯୋଗ ଦେଇଥିବାବେଳେ ପ୍ରଧାନାଚାର୍ଯ୍ୟ ଦୀନବନ୍ଧୁ ମହାକୁଡ଼ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିଲେ । ପରିଚାଳନା ସମିତିର ସଂପାଦକ ଭାଗୀରଥି ଗିରି ଆଗାମୀ ରୌପ୍ୟ ଜୟନ୍ତୀ କିପରି ସୂଚାରୁ ରୂପେ କରାଯିବ ତାହାର ରୂପରେଖ ସମ୍ବନ୍ଧରେ ଉପସ୍ଥିତ ଥିବା ଶୁଭେଚ୍ଛୁ ମାନଙ୍କଠାରୁ ପରାମର୍ଶ ମାଗିଥିଲେ । ଉପସ୍ଥିତ ଥିବା ସମସ୍ତ ସଦସ୍ୟମାନେ ନିଜନିଜ ମତାମତ ଦେଇଥିଲେ । ତତ୍ ସଂଗେ ସଂଗେ ପୂର୍ବତନ ଛାତ୍ର ଅବିନାଶ ଦାସ, ମଳୟ ପ୍ରସାଦ ସାହୁ ଓ ତାପସ କୁମାର ମହାନ୍ତି ଯୋଗଦେଇ ଏହି କାର୍ଯ୍ୟକ୍ରମକୁ ସାଫଲ୍ୟମଣ୍ଡିତ କରିବାପାଇଁ ମତାମତ ଦେଇଥିଲେ । ପରିଚାଳନା ସମିତିର ଉପସଭାପତି ହୃଦାନନ୍ଦ ପ୍ରଧାନ, ସଦସ୍ୟା ମନ୍ଦାକିନୀ ବେହେରା ଓ ସମସ୍ତ ସେବାବ୍ରତୀ ଉପସ୍ଥିତ ହୋଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

# ଭୁବନେଶ୍ୱରରେ ନିର୍ମାଣ ହେବ ଆଦର୍ଶ ଗୋଶାଳା

ଭୁବନେଶ୍ୱର, ୧୨/୦୯ (ନି.ପ୍ର): ଭୁବନେଶ୍ୱରରେ ନିର୍ମାଣ ହେବ ଆଦର୍ଶ ଗୋଶାଳା । ୪୦ କୋଟି ବ୍ୟୟରେ ଆଦର୍ଶ ଗୋଶାଳା ନିର୍ମାଣ କରିବେ ସରକାର । ଭୁବନେଶ୍ୱରର ବୁଲା ଗାଇ ଗୋରୁଙ୍କୁ ସେଠାରେ ରଖାଯିବ ବୋଲି ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର କହିଛନ୍ତି । ରାଜଧାନୀକୁ ସମ୍ପୂର୍ଣ୍ଣ ରୂପରେ ବୁଲା ଗାଇ ଗୋରୁ ମୁକ୍ତ କରାଯିବ । ଏଥିପାଇଁ ସରକାର ବଡ ଯୋଜନା କରିଛନ୍ତି । ଆଦର୍ଶ ଗୋଶାଳା ପାଇଁ ଜମି ବି ଚିହ୍ନଟ ସରିଛି । କେବଳ କ୍ଷୀର ନୁହେଁ, ଗୋମାତାଙ୍କ ଗୋବର ଏବଂ ମୂତ୍ରରୁ ବିଭିନ୍ନ ପ୍ରଡକ୍ଟ ବାହାରିବ । ସରକାର ଏ ନେଇ ପ୍ରକ୍ରିୟା ଆରମ୍ଭ କରିଛନ୍ତି । ଏହା ପୂର୍ବରୁ ରାଜ୍ୟର ବିଭିନ୍ନ ସ୍ଥାନରେ ଗୋଶାଳା ନିର୍ମାଣ ଆରମ୍ଭ ହୋଇଛି । ସେହିପରି ସହରାଞ୍ଚଳ ଗୁଡିକରେ ରାଜରାସ୍ତାରୁ ଗାଇଗୋରୁଙ୍କୁ ହଟାଇବା ପାଇଁ ୫ ଟି ସ୍ଥାନରେ ଗୋଶାଳା କରାଯାଉଛି । ରାସ୍ତାରେ ଦୁର୍ଘଟଣା ଯୋଗୁଁ ଉଭୟ ଲୋକ ଏବଂ ଗାଇ ଗୋରୁ ଆଘାତ ପାଉଛନ୍ତି ଓ ପ୍ରାଣ ହରାଉଛନ୍ତି । ତେଣୁ ସରକାର ଏ ନେଇ ସମ୍ବେଦନଶୀଳ ଅଛନ୍ତି ଏବଂ ପଦକ୍ଷେପ ନେଉଛନ୍ତି ବୋଲି ମନ୍ତ୍ରୀ କହିଛନ୍ତି ।

# ଜବରଦଖଲକାରୀଙ୍କ କବ୍‌ଜାରେ ପ୍ରସ୍ତାବିତ ଦୋବଲ ବସଷ୍ଟାଣ୍ଡ : ଅହଙ୍କାର ପାଇଁ ୫ କୋଟି ଟଙ୍କା ପାଣିରେ ପଡ଼ିଲା

ଭଦ୍ରକ, ୧୨/୦୯ (ନି.ପ୍ର): ଗ୍ରାମାଂଚଳର ଉନ୍ନତୀ ପାଇଁ ସବୁବେଳେ ସରକାର ଙ୍କ ପ୍ରତିଶ୍ରୁତି ଥାଏ ତାହାବି ପୁରଣ କରା ଯାଏ ମାତ୍ର ଅହଙ୍କାର ରେ ବି କିଛିବି ଭୁଲ କରା ଯାଏ ଯାହା ଦୋବଲ ରେ ପ୍ରସ୍ତାବିତ ବସଷ୍ଟାଣ୍ଡ ରେ ଘଟିଛି । ଧାମନଗର- ଦୋବଲ ରାସ୍ତାର ମୁସ୍ତଫାପୁର ଘୋଡ଼ଗଣ୍ଡ ନାଳ ପାଖରେ ପ୍ରସ୍ତାବିତ ଦୋବଲ ବସଷ୍ଟାଣ୍ଡ ଏବେ ଜବରଦଖଲକାରୀ ଙ୍କ କବଜାରେ । ବସଷ୍ଟାଣ୍ଡ ନିର୍ମାଣ ଲାଗି ରହିଥିବା ୨.୫ ଏକର ଜମିକୁ ଜଣକ ପରେ ଜଣେ କବଜା କରି ଦୋକାନ କରିଗଲେଣି । ପାଖରେ ମଦ ଦୋକାନ ଥିବାରୁ ଏହି ଜାଗାରେ ଚାଖଣା ଦୋକାନ, ପାନ ଦୋକାନ ଓ ପ୍ୟାକେଟ ଫୁଡ୍ ଦୋକାନ ସବୁ ଗଢ଼ି ଉଠିଲାଣି । ତା ସହ ମାଟି ପଡ଼ି ପାଚେରୀ ହୋଇଥିବାରୁ ସେହି ପାଚେରୀ କଡ଼ ଏବେ ମୁକ୍ତାକାଶ ବାର ମଧ ହୋଇଗଲାଣି । ନିଶାଡ଼ିମାନେ ମଦ ଦୋକାନରୁ ମଦ ଆଣି ଏହି ପାଚେରୀ କଡ଼ରେ ପିଉଥିବା ଦେଖିବାକୁ ମିଳିଛି । ଦୋବଲ ସମେତ ୮ ଟି ପଂଚାୟତ, ଯାଜପୁର ଜିଲ୍ଲା ଦଶରଥପୁର ବ୍ଲକର ବିଭିନ୍ନ ପଂଚାୟତ ଓ ଭଣ୍ଡାରିପୋଖରୀ ଅଂଚଳର କିଛି ପଂଚାୟତର ଲୋକ ଦୋବଲ ବସଷ୍ଟାଣ୍ଡ ଉପରେ ନିର୍ଭର କରନ୍ତି । ଏହିଠାରୁ ଭଦ୍ରକ, ବାଲେଶ୍ୱର, କେନ୍ଦୁଝରର ଘଟଗାଁ କୁ ଯିବା ଆସିବା କରିଥାନ୍ତି । ହେଲେ ଷ୍ଟେଟ ବ୍ୟାଙ୍କ ସାମନାରେ ଥିବା ବସଷ୍ଟାଣ୍ଡ ଟି ବିପର୍ଯ୍ୟସ୍ତ ହୋଇ ପଡ଼ିଥିଲା । ଏହାସହ ସ୍ଥାନୀୟ ଲୋକେ ଜବରଦଖଲ କରି ନେଇଥିଲେ । ତେବେ ସ୍ୱଚ୍ଛ ସ୍ଥାନରେ ବସ ଷ୍ଟାଣ୍ଡ ଟି ହେବା ସମ୍ଭବ ନଥିବାରୁ ପୂର୍ବ ସରକାର ପକ୍ଷରୁ ଘୋଡ଼ାଗଣ୍ଡ ନାଳ ନିକଟରେ ୟୁନାନୀ ମେଡିକାଲକୁ ଲାଗି ନୂଆ ବସଷ୍ଟାଣ୍ଡ ନିର୍ମାଣ କରିବାକୁ ନିଷ୍ପତି ହୋଇଥିଲା । ପ୍ରାଥମିକ ପର୍ଯ୍ୟାୟରେ ୨ କୋଟି ୯୧ ଲକ୍ଷ ଟଙ୍କା ମଞ୍ଜୁର କରାଯାଇଥିଲା । ପରବର୍ତୀ ମୁହୂର୍ତରେ ବସଷ୍ଟାଣ୍ଡ ପାଇଁ ୫ କୋଟି ୮୨ ଲକ୍ଷ ଟଙ୍କାର ବ୍ୟୟ ଅଟକଳ କରାଯାଇଥିଲା । ଆଉ ୨୦୨୩ ଅଗଷ୍ଟ ୨୩ରେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭର୍ଚୁଆଲରେ ଏହାର ଭିତିପ୍ରସ୍ତର ସ୍ଥାପନ କରିଥିଲେ । ସେହି ଅନୁସାରେ ରାଜ୍ୟ ସରକାର ଟେଣ୍ଡର ଆହ୍ୱାନ କରିଥିଲେ । ଠିକାଦାର କାମ ଆରମ୍ଭ କରିଥିଲା । ହେଲେ ବସ ଷ୍ଟାଣ୍ଡ ନିର୍ମାଣ ଲାଗି ଜାଗା ସମତୁଲ କରି ବାଉଣ୍ଡରି ଓ୍ୱାଲ ବା ସୁରକ୍ଷା ପ୍ରାଚୀର କରାଯିବା ଭିତରେ ରାଜ୍ୟରେ ସରକାର ବଦଳିଥିଲା ।ସ୍ଥାନୀୟ କିଛି ଲୋକ ଙ୍କ ବିରୋଧ ହେଉ କିମ୍ୱା ନୂଆ ସରକାର ଆସିବା ପରେ କିଛି କର୍ମୀ ଙ୍କ ଅହଙ୍କାର କାଳେ ପୂର୍ବ ସରକାର ନା ନେ ଇ ଯିବ ସେହି ଭୟରେ ସେଠାରେ ନିର୍ମାଣଧିନ ବସଷ୍ଟାଣ୍ଡ କିଛି ଲୋକ ବିରୋଧ କରିଥିଲେ । ଏ ସ୍ଥାନ ବଦଳରେ ପୁରୁଣା ବସଷ୍ଟାଣ୍ଡ ଜାଗାରେ ବସଷ୍ଟାଣ୍ଡ ନିର୍ମାଣ କରିବାକୁ ଦାବି ହୋଇଥିଲା । ପରେ ନୂଆ ସରକାରଙ୍କ ପକ୍ଷରୁ କାମ ବନ୍ଦ କରିବାକୁ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା । ପ୍ରଶାସନର ନିର୍ଦ୍ଦେଶ ପରେ ଠିକାଦାର କାମ ବନ୍ଦ କରିଥିଲେ । ଆଉ ପ୍ରକଳ୍ପ ସ୍ଥଳରେ ଗଦା କରିଥିବା ଲୁହା ରଡ଼, ସିମେଂଟ, ଚିପ୍ସ କୁ ପ୍ରତ୍ୟେକ ଦିନ ଗାଡ଼ି ଲଗାଇ ଉଠାଇ ନେଇଥିଲେ ।

# ଲୁଟ୍ ମାମଲାରେ ଅନ୍ୟ ଜଣେ ଅଭିଯୁକ୍ତ ଗିରଫ

ଜୟପୁର, ୧୨/୦୯ (ନି.ପ୍ର): ଲୁଟ ମାମଲାରେ ଅନ୍ୟ ଏକ ଅଭିଯୁକ୍ତକୁ ଗିରଫ କରିଛି ଜୟପୁର ଟାଉନ ପୋଲିସ । ଗିରଫ ଅଭିଯୁକ୍ତ ଜଣକ ହେଲା ଗୋପବନ୍ଧୁ ନଗରର କୃଷ୍ଣ ଟାକରି (୨୦) । ହାଡିଆର କମଲୋ ଲୋଚନ ଭତ୍ରା ଗତ ୩.୭.୨୫ ତାରିଖ ଜୟପୁର ଟାଉନ ଥାନାରେ ଲିଖିତ ଅଭିଯୋଗ କରିଥିଲେ । ଭତ୍ରା ୬ ଜଣଙ୍କ ସହ ଏକ ବୋଲେରୋରେ ଜୟପୁର ଆସି ଧାନ ବିକ୍ରୟ ଟଙ୍କା ୩ ଲକ୍ଷ ୯୦ ହଜାର ଉଠାଇ ଗାନ୍ଧୀଛକରେ ଥିବା ସାହୁ ହୋଟେଲେ ଖାଇଥିଲେ । ଔଷଧ କିଣିବା ପାଇଁ ବେଲ ରୋଡ ପଟେ ଯାଇଥିଲେ । ସେହି ସମୟରେ ଶୁଭମ କଲ୍ୟାଣ ମଣ୍ଡପ ନିକଟରେ ୩ ଜଣ ଦୁର୍ବୃତ ବାଇକ୍ ରେ ଆସି ୧ ଲକ୍ଷ ଟଙ୍କା ଲୁଟ୍ କରିନେଇ ଥିଲେ । ଏନେଇ ଅଭିଯୋଗ ହେବାରୁ ପୋଲିସ ୨୩୦/୨୫ ମାମଲା ରୁଜୁ କରିଥିଲା । ଗତ ୩୦ ତାରିଖରେ ବାପୁଜି ନଗର ରାମ ନାଥ ସୁନା ଓ ଗୋପବନ୍ଧୁ ନଗରର ରାଜୀବ ଖିଲ (୨୪) ଦୁଇ ଅଭିଯୁକ୍ତଙ୍କୁ ଗିରଫ କରିଥିବା ବେଳେ ଆଜି ଅନ୍ୟ ଏକ ଅଭିଯୁକ୍ତକୁ ଗିରଫ କରି କୋର୍ଟଚାଲାଣ କରିଥିବା

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

### ମୋହନ ସରକାରଙ୍କ...

୧୬୦ କୋଟି ଟଙ୍କା ହେବ ଖର୍ଚ୍ଚ ।
ସେହିପରି ଆଖି ଝଲସାଇ ଦେବ କୁଆଖାଇ ଓ କୁଶଭଦ୍ରା ନଦୀତଟ । ନଦୀକୂଳ ଘାଟର ବିକାଶ, ଭାସମାନ ଜେଟି, ଲକ୍‌ଗେଟ୍, ସେତୁ, ପାର୍କିଂ, କାଫେଟେରିଆ, ରିଂରୋଡ୍ ସଂଲଗ୍ନ ଦୃଶ୍ୟ ପଏଣ୍ଟ ବିକାଶ, ଆଭ୍ୟନ୍ତରୀଣ ପାଦଚଲା ରାସ୍ତା ନିର୍ମାଣ ହେବ । ଏଥିପାଇଁ ୩ ବର୍ଷରେ ଖର୍ଚ୍ଚ ହେବ ୮୦ କୋଟି । ମହାନଦୀ କୂଳର ନବକଳେବର ଦ୍ୱାରା ଓଡ଼ିଶା ପର୍ଯ୍ୟଟନକୁ ମିଳିବ ବୁଷ୍ଟରଡୋଜ । ମହାନଦୀ ଅବବାହିକାରେ ଥିବା ଗୁରୁତ୍ୱପୂର୍ଣ୍ଣ ସ୍ଥାନକୁ ସାଂସ୍କୃତିକ ଓ ଆଧାତ୍ମିକ ପର୍ଯ୍ୟଟନର ପ୍ରମୁଖ କେନ୍ଦ୍ରରେ ପରିଣତ କରାଯିବ । ଧାର୍ଯ୍ୟ ସମୟ ସୀମା ଭିତରେ ନିଜସ୍ୱ ପାଣ୍ଠିରୁ ଏଥିପାଇଁ ଖର୍ଚ୍ଚ କରିବେ ସରକାର । ପୂର୍ବ ସରକାର ସମୟରେ ମହାନଦୀ ତଟକୁ ସୁରକ୍ଷା ଦେବାକୁ ସବୁଜବଳୟ ସୃଷ୍ଟି କରିବାକୁ ନିଷ୍ପତ୍ତି ହୋଇଥିଲା । ଏଥିପାଇଁ ରାଜ୍ୟ ବଜେଟରୁ କୋଟି କୋଟି ଖର୍ଚ୍ଚ ହେଲା । ହେଲେ ଲକ୍ଷ୍ୟ ପୂରଣ କରିବାରେ ଫେଲ ମାରିଥିଲେ ପୂର୍ବ ସରକାର ।

### ୧୫ତମ ଉପ ରାଷ୍ଟ୍ରପତି ...

ଏବେ ତାଙ୍କୁ ରାଧାକ୍ରିଷ୍ଣନଙ୍କ ଶପଥ ପାଠ ଉତ୍ସବରେ ପ୍ରଥମଥର ଦେଖିବାକୁ ମିଳିଛି । ଧନଖଡ଼ ଜୁଲାଇ ୨୧ରେ ଉପ ରାଷ୍ଟ୍ରପତି ପଦରୁ ଇସ୍ତଫା ଦେଇଥିଲେ । ଏଥିଯୋଗୁ ସେପ୍ଟେମ୍ବର ୯ରେ ଉପ ରାଷ୍ଟ୍ରପତି ପଦ ପାଇଁ ନିର୍ବାଚନ ହୋଇଥିଲା । ରାଧାକ୍ରିଷ୍ଣନଙ୍କ ଶପଥ ପାଠ ଉତ୍ସବରେ ଧନଖଡ଼ଙ୍କ ବ୍ୟତୀତ ଭେଙ୍କିୟା ନାଇଡୁ ଓ ହମିଦ ଅନସାରୀଙ୍କ ମଧ୍ୟ ଉପ ରାଷ୍ଟ୍ରପତିଙ୍କ ଶପଥ ଉତ୍ସବରେ ସାମିଲ ହୋଇଥିଲେ । ଉଭୟ ଦେଶର ଉପ ରାଷ୍ଟ୍ରପତି ଭାବେ ଏକଦା କାମ କରିଥିଲେ । ଏମାନଙ୍କ ବ୍ୟତୀତ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ, ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ, ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, କର୍ଣ୍ଣାଟକା ରାଜ୍ୟପାଳ ଥୱରଚାନ୍ଦ ଗେହଲଟ, ଆନ୍ଧ୍ର ପ୍ରଦେଶ ମୁଖ୍ୟମନ୍ତ୍ରୀ ଏନ ଚନ୍ଦ୍ରବାବୁ ନାଇଡୁ, ପଞ୍ଜାବ ରାଜ୍ୟପାଳ ଗୁଲାବ ଚାନ୍ଦ କଟାରିଆ, ଝାରଖଣ୍ଡ ରାଜ୍ୟପାଳ ସନ୍ତୋଷ ଗଙ୍ଗୱାର ଓ ମଧ୍ୟପ୍ରଦେଶ ମୁଖ୍ୟମନ୍ତ୍ରୀ ମୋହନ ଯାଦବ ପ୍ରମୁଖ ଉପସ୍ଥିତ ରହିଥିଲେ । ଉପ ରାଷ୍ଟ୍ରପତି ଭାବେ ଶପଥ ନେବା ପରେ ରାଧାକ୍ରିଷ୍ଣନ ସିଧା ରାଜଘାଟ ଯାଇ ମହାତ୍ମା ଗାନ୍ଧିଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ ।

### ବିଜେଡିକୁ ଅଡୁଆ....

ମଧ୍ୟରୁ ୧୯ ଜଣ କାଉନସିଲର । ତେଣୁ ଖୁବଶୀଘ୍ର ବିଜେଡି ହାତରୁ ଖସିପାରେ ରାୟଗଡ଼ା ପୌରାଧ୍ୟକ୍ଷ ପଦ । ପ୍ରଫୁଲ୍ଲଙ୍କ ଭଳି ଅନେକ ବରିଷ୍ଠ ନେତା ଦଳର ପରିଚାଳନା ନେଇ ବୁଲେଇ ବଙ୍କେଇ ତୀର ମାରୁଛନ୍ତି । ହେଲେ ପ୍ରଫୁଲ୍ଲଙ୍କୁ ନିଲମ୍ବନର ରାସ୍ତା ଦେଖାଇଥିବା ବିଜେଡି ଅନ୍ୟ ନେତାଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନେବାକୁ ସାହସ ଜୁଟାଇ ପାରୁନି କି ?

### ଓଡ଼ିଶାକୁ ଲା-ନିନା...

ପାଣିପାଗ ବିଜ୍ଞାନୀ ପାଦେ ଆଗକୁ ଯାଇ କହିଲେଣି, ବଙ୍ଗୋପସାଗରରେ ମୌସୁମୀ ପରବର୍ତ୍ତୀ ସମୟରେ ଆଣ୍ଡାମାନ ସାଗର ଏବଂ ପାଶ୍ୱବର୍ତ୍ତୀ ଅଞ୍ଚଳରେ ସମୁଦ୍ର ପୃଷ୍ଠର ତାପମାତ୍ରା ୩୧ ଡିଗ୍ରି କିମ୍ବା ଅଧିକ ରୁହେ । ପରିଣାମରେ ଏସବୁ ଅଞ୍ଚଳ ବାତ୍ୟା ସୃଷ୍ଟି ପାଇଁ ଅଧିକ ସମ୍ବେଦନଶୀଳ ହୋଇପଡ଼ନ୍ତି । ଏହି ତିନିମାସରେ ପ୍ରଶାନ୍ତ ମହାସାଗର କିମ୍ବା ଚାଇନା ସାଗରରେ ସୃଷ୍ଟି ବାତ୍ୟା କିମ୍ବା ଲଘୁଚାପର ଅବଶିଷ୍ଟାଂଶ ବଙ୍ଗୋପସାଗରରେ ପ୍ରବେଶ କଲେ ବାତ୍ୟା ସୃଷ୍ଟି ପାଇଁ ସୁଯୋଗ ବଢ଼ିଯାଏ । ଏଥର ଏଭଳି ପରିସ୍ଥିତି ବାରମ୍ବାର ସୃଷ୍ଟି ହୋଇପାରେ । ଓଡ଼ିଶା ବାତ୍ୟା ଇତିହାସ ବି ପାଣିପାଗ ବିଜ୍ଞାନୀଙ୍କ ଏଭଳି ଆଶଙ୍କାକୁ ବଳ ଦେଉଛି । ଲା-ନିନା କେବଳ ଓଡ଼ିଶାକୁ ନୁହେଁ, ଆନ୍ଧ୍ର ଓ ପଶ୍ଚିମବଙ୍ଗରେ ଉପକୂଳ ପାଇଁ ବି ବିପଦ ଆଣିପାରେ ।

### ଅର୍ଚ୍ଚନା ନାଗଙ୍କ...

ଏଥି ସହିତ ଖଣ୍ଡଗିରି ଥାନାରେ ଶ୍ରଦ୍ଧାଞ୍ଜଳି ବେହେରାଙ୍କ ଏତଲା ଆଧାରରେ ଅର୍ଚ୍ଚନା ଓ ଅନ୍ୟମାନଙ୍କ ବିରୋଧରେ ମାମଲା ରୁଜୁ ହୋଇଥିଲା । ୨୦୨୨ ଅକ୍ଟୋବର ୬ ତାରିଖରେ ଅର୍ଚ୍ଚନା ଗିରଫ ହୋଇ ଜେଲ ଯାଇଥିଲେ । ଅର୍ଚ୍ଚନାଙ୍କ ବେଆଇନ କାର୍ଯ୍ୟକଳାପ ଓ କଳାଟଙ୍କା ପ୍ରସଂଗ ସମ୍ମୁଖକୁ ଆସିବା ପରେ ଇଡି ଘଟଣାର ତଦନ୍ତ କରିଥିଲା । ଗିରଫ ହେବାର ୧୪ ମାସ ପରେ ୨୦୨୩ ଡିସେମ୍ବର ୧୨ ତାରିଖରେ ଅର୍ଚ୍ଚନା ନାଗ ଝାରପଡ଼ା ଜେଲରୁ ବାହାରି ଥିଲେ । ଅର୍ଚ୍ଚନା ନାଗଙ୍କୁ ହାଇକୋର୍ଟ ସର୍ତ୍ତମୂଳକ ଜାମିନ ମଞ୍ଜୁର କରିଥିଲେ ।

### ଆଇଏଏସ୍ ସ୍ତରରେ...

ସେ ଏବେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗରେ ଅତିରିକ୍ତ ସଚିବ ଭାବେ କାର୍ଯ୍ୟ କରୁଛନ୍ତି । ଅବକାରୀ କମିଶନର ଥିବା ୨୦୧୭ ବ୍ୟାଚ୍‌ର ଆଇଏଏସ୍ ପି. ଅନ୍ୱେଷା ରେଡ୍ଡୀଙ୍କୁ ଇନ୍ସପେକ୍ଟର ଜେନେରାଲ ଅଫ୍ ରେଜିଷ୍ଟ୍ରେସନ ବା ଆଇଜିଆରର ଅତିରିକ୍ତ ଦାୟିତ୍ୱ ଦିଆଯାଇଛି ।

### ବାଜିଲା ମୋହର...

୨୦୧୨ ମଧ୍ୟରେ ଜନ୍ମଗ୍ରହଣ କରିଥିବା ଯୁବକମାନେ)ଙ୍କ ବିରୋଧ ପ୍ରଦର୍ଶନ କାରଣରୁ ପ୍ରଧାନମନ୍ତ୍ରୀ କେ.ପି. ଶର୍ମା ଓଲିଙ୍କୁ ଇସ୍ତଫା ଦେବାକୁ ପଡ଼ିଥିଲା । ଯୁବକମାନେ ସଂସଦ ଉପରେ ଆକ୍ରମଣ କରିଥିଲେ ଏବଂ ନିଆଁ ଲଗାଇ ଦେଇଥିଲେ । ଏହି ପ୍ରଦର୍ଶନ ପରେ ଓଲି ସରକାର ପଛକୁ ହଟିଥିଲା । ସୋସିଆଲ ମିଡିଆ ଉପରେ ଲଗାଇଥିବା ବ୍ୟାନ ହଟାଇଥିଲା । ନେପାଳର ପ୍ରତିନିଧି ସଭାର ଅଧ୍ୟକ୍ଷ ଦେବରାଜ ଘିମିରେ ଏବଂ ଉପର ସଦନ ରାଷ୍ଟ୍ରୀୟ ସଭାର ଅଧ୍ୟକ୍ଷ ନାରାୟଣ ଦାହାଲ ଶୁକ୍ରବାର ଆହ୍ୱାନ କରିଛନ୍ତି ଯେ ବର୍ତ୍ତମାନର ରାଜନୈତିକ ଗତିରୋଧକୁ ସମ୍ବିଧାନର ଆଖପାଖରେ ରହି ସମାଧାନ କରାଯିବା ଉଚିତ ।

### ଶ୍ରୀମନ୍ଦିରରେ ...

ପୂର୍ବରୁ, ଶ୍ରୀମନ୍ଦିର ଉପରେ ଡ୍ରୋନ୍ ଜାନୁଆରି ୫ରେ ୩୦ ମିନିଟ୍ ଧରି ଉଡ଼ିଥିଲା । ଜାନୁଆରି ୨୯ରେ ଶ୍ରୀମନ୍ଦିର ନିଷିଦ୍ଧାଞ୍ଚଳ ଉପରେ ଉଡ଼ିଲା । ୧୬ ମାର୍ଚ୍ଚ ୨୦୨୫ ରେ ବି ଘଟିଥିଲା ସମାନ ଘଟଣା । ୧୧ ଜୁନ୍ ସ୍ନାନ ପୂର୍ଣ୍ଣିମା ଦିନ ବି ଡ୍ରୋନ୍ ଉଡ଼ିଥିଲା । ୨୮ ଅଗଷ୍ଟରେ ବି ଅନୁରୂପ ଭାବରେ ନୋ ଫ୍ଲାଇଂ ଜୋନ୍ ?ରେ ଉଡ଼ିଥିଲା ଡ୍ରୋନ୍ । ବାରମ୍ବାର ଏଭଳି ଘଟଣା ଘଟୁଥିବାରୁ ଏହାକୁ ଗୁରୁତର ସହ ନେଇଛନ୍ତି ଡିଜିପି । କହିଛନ୍ତି, ଶ୍ରୀମନ୍ଦିର ସୁରକ୍ଷାକୁ କଡ଼ାକଡ଼ି କରାଯାଇଛି । ଶ୍ରୀମନ୍ଦିର ଦାୟିତ୍ୱରେ ଥିବା ସୁରକ୍ଷାକର୍ମୀଙ୍କୁ ପ୍ରଶିକ୍ଷଣ ଦିଆଯାଉଛି । ଯେମିତି ଏହି ଘଟଣାର ପୁନରାବୃତ୍ତି ନହେବ ସେଥିପାଇଁ ପଦକ୍ଷେପ ନିଆଯାଉଛି । ସବୁଥର ଏଭଳି ଘଟଣା ଘଟିବା ପରେ ମାମଲା ରୁଜୁ ହେଉଛି । କିନ୍ତୁ ଦୃଷ୍ଟାନ୍ତମୂଳକ ଦଣ୍ଡ ହେଉନଥିବାରୁ ବଢ଼ିବାରେ ଲାଗିଛି ସଂଖ୍ୟା । ପ୍ରଶ୍ନ ଉଠୁଛି, ଆଉ କେତେ ହେଲେ ଚେତିବ ପ୍ରଶାସନ ?

### ୩ଜଣ ସରକାରୀ ...

ମାନଙ୍କ ଠାରୁ ୬୦୦୦ ଟଙ୍କା ଲାଂଚ ନେଉଥିବା ବେଳେ ନୟାଗଡ଼ ଡିଏଲଓ ଚିତ ରଞ୍ଜନ ରାଉତଙ୍କୁ ଭିଜିଲାନ୍ସ ଗିରଫ କରିଛି । ଏହା ବ୍ୟତୀତ ମୟୁରଭଞ୍ଜ ପିଇଓ ପୁଷ୍ପିତା ମହାକୁଡ଼ ଙ୍କୁ ମଧ୍ୟ ଭିଜିଲାନ୍ସ ଗିରଫ କରିଛି । ବରିଷ୍ଠ ନାଗରିକଙ୍କ ପେନସନ ଟଙ୍କାକୁ ଆତ୍ମସାତ ଘଟଣାରେ ସେ ଗିରଫ ହୋଇଛନ୍ତି ।

### ପିଏମ କିଷାନ ...

ଏବେ ସିଏମ କିଷାନରେ ୫୧ ଲକ୍ଷ ୫୪ ହଜାର ଥିବା ବେଳେ ପିଏମ କିଷାନରେ ୩୪ ଲକ୍ଷ ୮୫ ହଜାର ହିତାଧିକାରୀ ସାମିଲ ଅଛନ୍ତି । ପୂର୍ବ ବର୍ଷ ଅପେକ୍ଷା ଅଧିକ ୬ ଲକ୍ଷ ହିତାଧିକାରୀ ପିଏମ କିଷାନରେ ସାମିଲ କରିଛନ୍ତି ନୂଆ ସରକାର । ଅଧିକ ଚାଷୀଙ୍କୁ ଯୋଡିବାକୁ ସରକାର କରୁଛନ୍ତି ସ୍ପେଶାଲ ଡ୍ରାଇଭ ।

# ବାଲିଆପାଳ ପଞ୍ଚାୟତ ସମିତିର ସ୍ୱତନ୍ତ୍ର ବୈଠକ

ବାଲିଆପାଳ , ୧୨/୯ (ନି.ପ୍ର): ଗ୍ରାମାଞ୍ଚଳର ବିକାଶ ପାଇଁ ବିକଶିତ ଗାଁ ବିକଶିତ ଓଡ଼ିଶା ମାଧ୍ୟମରେ ରାଜ୍ୟ ସରକାର ବାଲିଆପାଳ ବ୍ଲକକୁ ୪କୋଟି ୭୮ଲକ୍ଷ ୯୧ହଜାର ଟଙ୍କା ଚଳିତ ବର୍ଷ ଏପ୍ରିଲ ମାସ ଠାରୁ ଯୋଗାଇ ଦେଇଛନ୍ତି । ମାତ୍ର ରାଜନୈତିକ ଛକାପଞ୍ଝା ଲାଗି ରହିବା ଯୋଗୁଁ ବ୍ଲକରେ ପ୍ରକଳ୍ପ ଚୁଡାନ୍ତ ହୋଇ ନପାରି ଅର୍ଥ ଖର୍ଚ୍ଚ ହୋଇପାରୁ ନଥିଲା । ଏହି ପରିପ୍ରେକ୍ଷୀରେ ଆଜି ବାଲିଆପାଳ ବ୍ଲକ ସମ୍ମିଳନୀ କକ୍ଷରେ ପଞ୍ଚାୟତ ସମିତିର ସ୍ୱତନ୍ତ୍ର ବୈଠକ ଅନୁଷ୍ଠିତ ହୋଇଯାଇଛି । ପଞ୍ଚାୟତ ସମିତି ଅଧ୍ୟକ୍ଷା ରଞ୍ଜିତା ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ବସ୍ତା ବିଧାୟିକା ସୁବାସିନି ଜେନା ଯୋଗଦେଇ ତାଙ୍କ ଅଭିଭାଷଣରେ କହିଥିଲେ 'ଏକଦା



ଗାନ୍ଧୀଜୀ କହିଥିଲେ ଭାରତର ଆତ୍ମା ଏହାର ଗାଁ ମାନଙ୍କରେ ରହିଛି' ତେଣୁ ଏହି ପରିପ୍ରେକ୍ଷୀରେ ଆସନ୍ତୁ, ଆମ ଗାଁ, ଆମ ପଞ୍ଚାୟତ ତଥା ଆମ ବାଲିଆପାଳର ବିକାଶ ପାଇଁ ଦଳମତ ନିର୍ବିଶେଷରେ ସମସ୍ତେ ଏକାଠି ହୋଇ କାମ କରିବା । ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ସାଂସଦଙ୍କ ପ୍ରତିନିଧି ରବିନ୍ଦ୍ର ନାଥ ଅଣ୍ଡିଆ ଉପାଧ୍ୟକ୍ଷ ରାଜେଶ ଚୌଧୁରୀ,, ବିଡିଓ ରାଧା ରଞ୍ଜନ ଦାସ,ଏବିଡିଓ ଶରତ ମୁଦୁଲି ଜିଲ୍ଲାପରିଷଦ ସଦସ୍ୟ ବେଣୁଧର ଜେନା, ନିଶାକର ସେଠୀ, ବାବାଜୀ ଦେହୁରୀ, କାଞ୍ଚନ ଜେନା ଏବଂ ସମସ୍ତ ପଞ୍ଚାୟତର ସରପଞ୍ଚ ଓ ସମିତି ସଦସ୍ୟ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ବ୍ଲକରେ ମଞ୍ଜୁର ହୋଇଥିବା ପ୍ରକଳ୍ପ ଗୁଡ଼ିକ ଜିଲ୍ଲାପାଳଙ୍କ ଅନୁମୋଦନ ପାଇଁ ଯିବ । ଜିଲ୍ଲାପାଳଙ୍କ ଅନୁମୋଦନ ପରେ ପ୍ରକଳ୍ପ ଗୁଡ଼ିକର କାର୍ଯ୍ୟ ଆରମ୍ଭ ହେବ ବୋଲି ବିଡ଼ିଓ ସୂଚନା ଦେଇଛନ୍ତି । ତେବେ ଏଠାରେ ସୂଚନା ଥାଉକି ଏହି ବିକଶିତ ଗାଁ ବିକଶିତ ଓଡ଼ିଶା ପ୍ରକଳ୍ପ ଚୁଡାନ୍ତ ପାଇଁ ଫେବୃୟାରୀ ମାସରେ ଏକ ସ୍ୱତନ୍ତ୍ର ବୈଠକ ଆହ୍ୱାନ କରାଯାଇଥିଲା । ଯେଉଁଥିରେ କୌଣସି ଏକ କଥାକୁ ନେଇ ବଚସା ଆରମ୍ଭ ହୋଇଥିଲା ଏବଂ ଡଗରା ପଞ୍ଚାୟତର ସରପଞ୍ଚ ସତ୍ୟାନନ୍ଦ ମହାନ୍ତିଙ୍କ ମୁଣ୍ଡରେ ଆଘାତ ଲାଗି ଥିଲା । ସେହି ଦିନଠାରୁ ରାଜନୈତିକ ଛକାପଞ୍ଝା ଲାଗି ରହିବା କାରଣରୁ ବାଲିଆପାଳ ବ୍ଲକରେ ବିକଶିତ ଗାଁ ବିକଶିତ ଓଡ଼ିଶା ପାଇଁ ଆସିଥିବା ଅର୍ଥ ପ୍ରକଳ୍ପ ଚୁଡାନ୍ତ ହୋଇ ନପାରିବା ଯୋଗୁଁ ଖର୍ଚ୍ଚ ହୋଇ ନପାରି ପଡ଼ିରହିଛି । ତେବେ ଆଜର ବୈଠକରେ ଗଣ୍ଡଗୋଳର ଆଶଙ୍କା ଥିବାରୁ ପୋଲିସ ଉପସ୍ଥିତିରେ ବୈଠକ ଅନୁଷ୍ଠିତ ହୋଇଥିବା ଦେଖିବାକୁ ମିଳିଥିଲା ।

## ସ୍ୱେଚ୍ଛାସେବୀ ଅନୁଷ୍ଠାନ ଶିଷ୍ୟ ପକ୍ଷରୁ ଭରତ ସମ୍ମାନ

କେନ୍ଦ୍ରାପଡ଼ା, ୧୨/୯ (ନି.ପ୍ର):– ସାମାଜିକ ଅନୁଷ୍ଠାନ ଶିଷ୍ୟ ପକ୍ଷରୁ ଆଜି ରାଜକନିକାର ଓଳାଭର ଓ ବାରହା ଆଂଚଳିକ ବିଜ୍ଞାନ ମହାବିଦ୍ୟାଳୟରେ ଛାତ୍ର ଛାତ୍ରୀ ମାନଙ୍କୁ ନୈତିକ ସାମାଜିକ ସଂକଳ୍ପ ଦିଆଯିବା ସହ ଯୌଥ ପରିବାରରେ ଥିବା ଭାଇଚାରାକୁ ସମ୍ମାନ ଜଣାଇ ଏହି ଭାତୃତ୍ୱର ଭାବକୁ ଅଧିକ ପ୍ରଭାବୀ କରାଇବାକୁ 'ଭରତ ସମ୍ମାନ' ପ୍ରଦାନ କରାଯାଇଛି । ଏହି କ୍ରମରେ ପଗେରପଡାର ବିଦ୍ୟାଧର ବାରିକ, ପଧାନପଡାର ବିଷ୍ଣୁ ଚରଣ ମିଶ୍ର, ହାଟସାହି ର କିଶୋର ଦାସ, ଉଜାଙ୍ଗର ରଜତ କୁମାର ନାୟକ, ଦୁର୍ଗାଦେବୀପଡାର ଶଶଧର ଦାସ, କଇଥାପାଳର ଆନନ୍ଦ ଚନ୍ଦ୍ର ରାଉତ, ଦେଉଳତରାର ମାନଗୋବିନ୍ଦ ପଣ୍ଡା ଆଦି ପରିବାରକୁ ଭାଇଶ୍ରେଷ୍ଠ ଭାବେ ମାନପତ୍ର ଓ ଉତରୀୟ ପ୍ରଦାନ କରାଯାଇଛି । ସେହିଭଳି ଉଭୟ କଲେଜର ଛାତ୍ର ଛାତ୍ରୀ ମାନଙ୍କୁ ପରିବାରରେ ମା ଓ ମାତୃଭୂମିର ସେବା କରିବା,ପିତାମାତା ଙ୍କୁ ହାତଦର ନ କରିବା, ବୃଦ୍ଧାଶ୍ରମକୁ ନ ଛାଡିବା, ନିଶା ଠାରୁ ଦୂରେଇ ରହିବା, ଯୌତୁକ ନନେବା ଭଳି ସମାଜିକ କର୍ତବ୍ୟ ଓ ଦାୟିତ୍ୱବୋଧର ସଙ୍କଳ୍ପ କରାଯାଇଛି । ଶିଷ୍ୟର ଉପ ସଭାପତି ସୁକାନ୍ତ ଦାଶଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସମାବେଶରେ ପ୍ରତିଷ୍ଠାତା ସମ୍ପାଦକ ଡ଼ଃ ସଞ୍ଜୟ ବେହୁରା ଉଦ୍ଦେଶ୍ୟ ଜ୍ଞାପନ କରିଥିବାବେଳେ ମୁଖ୍ୟଅତିଥି ଭାବେ ହରିହରାନନ୍ଦ ବାଳାଶ୍ରମର ପରିଚାଳକ ସ୍ୱାମୀ ସୁଗୀତାନନ୍ଦ ଗିରି ଭବିଷ୍ୟତର ସୁନାଗରିକ ହୋଇ ଜୀବନଯାପନ ପାଇଁ ମାର୍ଗଦର୍ଶନ କରାଇଥିଲେ ।

## ୨ ଟି ସ୍ଥାନରେ ମହାନଦୀ ତଟର ବିକାଶ କରାଯିବ: ସୁରେଶ ପୂଜାରୀ

ଭୁବନେଶ୍ୱର, ୧୨/୯ (ନି.ପ୍ର): ପ୍ରଥମ ଥର ପାଇଁ ଓଡ଼ିଶାରେ ବହୁଥିବା ନଦୀରେ ବିକାଶ ପାଇଁ ପ୍ଲାନ । ମହାନଦୀରୁ କାର୍ଯ୍ୟ ଆରମ୍ଭ ହେବ । ମହାନଦୀ ନଦୀ ତଟ ବିକାଶ ଯୋଜନାକୁ ମୁଖ୍ୟମନ୍ତ୍ରୀଙ୍କ ଅନୁମୋଦନ ମିଳିଛି । ତିନି ବର୍ଷରେ ଖର୍ଚ୍ଚ ହେବ ୨୪୦ କୋଟି ଟଙ୍କା,ରାଜ୍ୟ ସରକାରଙ୍କ ନିଜସ୍ୱ ପାଣ୍ଠିରୁ ଖର୍ଚ୍ଚ ହେବ ବୋଲି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି । ସେ କହିଛନ୍ତି ୨ ଟି ସ୍ଥାନ ରେ ନଦୀ ତଟର ବିକାଶ କରାଯିବ । ପ୍ରଥମଟି ହେଉଛି ସମ୍ବଲପୁରର ମନ୍ଦଲିଆରୁ ଚଉଁରପୁର ପର୍ଯ୍ୟନ୍ତ ମହାନଦୀରେ ନଦୀକୂଳ ବିକାଶ । ଏଥିରେ ପାର୍କିଂ ସ୍ଥାନ, ଜଗିଙ୍ଗ୍ ପାର୍କ, ସେଲ୍‌ଫି ପଏଂଟ, ପାର୍କ, ଖୋଲା ଜିମ୍, ଘାଟର ଉନ୍ନତି କରଣ, ସ୍ନାନ ଘାଟ ନିର୍ମାଣ, ଆରତୀ ଘାଟ, ଥିମ୍ ପ୍ଲାଜା, ସପିଂ କମ୍ପ୍ଲେକ୍ସ, ଶୌଚାଳୟ ଆଦିର ବିକାଶ କରାଯିବ । ଏଥିପାଇଁ ୧୬୦ କୋଟି ଟଙ୍କା ବିନିଯୋଗ ହେବ । ଦ୍ୱିତୀୟଟି ହେଉଛି, ଭୁବନେଶ୍ୱର ପାଣ୍ଡରା ନିକଟ କୂଆଖାଇ ଓ କୁଶଭଦ୍ରା ନଦୀରେ ନଦୀତଟ ବିକାଶ । ଏଥିରେ ସୁରକ୍ଷା କାର୍ଯ୍ୟ ସହିତ ନଦୀକୂଳ ଘାଟର ବିକାଶ, ରିଙ୍ଗ୍ ରୋଡ ସହିତ ଦୃଶ୍ୟ ପଏଂଟ ବିକାଶ, ଭାସମାନ ଜେଟି, ଲକ୍‌ଗେଟ୍, ସେତୁ, ପାର୍କିଂ, କାଫେଟେରିଆ, ଶୌଚାଳୟ, ନଦୀପଥ ସହିତ ଆଭ୍ୟନ୍ତରୀଣ ପାଦଚଲା ରାସ୍ତା ନିର୍ମାଣ କରାଯିବ । ଏଥିପାଇଁ ୮୦ କୋଟି ଟଙ୍କା ବିନିଯୋଗ କରାଯିବ ।

# ଅନ୍ତିମ ସଂସ୍କାର ପାଇଁ କାଠ କାଟିବାକୁ ନେଇ ଦୁଇ ଗାଁ ମଧ୍ୟରେ ଉତ୍ତେଜନା

ବେତନଟୀ, ୧୨/୯(ନି.ପ୍ର) : ଗତକାଲି ଗୁରୁବାର ବିଳମ୍ବିତ ରାତିରେ ଦୁର୍ଗାପୁର ଗାଁର ସ୍ୱର୍ଗତ ମଧୁସୂଦନ ପ୍ରଧାନଙ୍କ ପୁଅ ବେଣୁଧର ପ୍ରଧାନ (୯୨)ଙ୍କ ର ଦେହାନ୍ତ ଘଟିଥିଲା । ତେବେ ପରିବାର ଓ ସାହିପଡିଶା ଲୋକ ବେଣୁଧରଙ୍କ ଅନ୍ତିମ ସଂସ୍କାର ପାଇଁ ସ୍ଥାନୀୟ ମଶାଣି ମହୁଲପତଡି ପଡିଆରେ କାଠ ଚିରିବାକୁ ଯାଇଥିବାବେଳେ ଦଲେଇ ସାହି ଗ୍ରାମର ଶତାଧିକ ମହିଳା ପୁରୁଷ ଏକତ୍ରିତ ହୋଇ ସେମାନଙ୍କୁ କାଠ ଚିରିବାକୁ ବାରଣ କରିବା ସହିତ ସେଠାରେ ଶବଦାହ କରିବାକୁ ସଫା ସଫା ମନା କରିଥିଲେ । ଫଳରେ ଘଟଣା ସ୍ଥଳରେ ଦୁଇ ଗ୍ରାମର ଲୋକଙ୍କ ମଧ୍ୟରେ ପୁଣି ଉତ୍ତେଜନା ସୃଷ୍ଟି ହୋଇଥିଲା । ପରେ ମୃତକଙ୍କ ପରିବାର ଲୋକ ବୈଶିଙ୍ଗା ଥାନାର ଦ୍ୱାରସ୍ଥ ହୋଇଥିଲେ । ଥାନା ଅଧିକାରୀ ବେତନଟୀ ବିଡ଼ିଓ ତଥା ତହସିଲଦାର ଦାୟିତ୍ୱରେ ଥିବା ସୁଶାନ୍ତ କୁମାର ସୁତାରଙ୍କୁ ଖବର ଦେଇ ଥିଲେ । ପରେ ତହସିଲଦାର, ଥାନା ଅଧିକାରୀ, ବୈଶିଙ୍ଗା ସରପଞ୍ଚ, ପିଏସ ମେମ୍ବର ପ୍ରମୁଖ ଥାନା ପରିସରରେ ଉପସ୍ଥିତ ରହି ଦୁଇ ପକ୍ଷକୁ ବୁଝାଇ ଥିଲେ ଓ ଘଟଣା ସ୍ଥଳକୁ ଯାଇଥିଲେ । ସେଠାରେ ତହସିଲଦାର ଦୁଇ ଗାଁ ପାଇଁ ସଙ୍ଗେ ସଙ୍ଗେ ୧୫ ଡିସଲିମର ମଶାଣି ଜମି ଚିହ୍ନଟ କରିଥିଲେ । ପରେ ନିଜେ ତହସିଲଦାର ଶ୍ରୀ ସୁତାର ଓ ବୈଶିଙ୍ଗା ଥାନା ଅଧିକାରୀ ବାରିଣୀ ଦାସ ଉପସ୍ଥିତ ରହି ମୃତ୍ୟୁର ପ୍ରାୟ ୧୦ଘଣ୍ଟା ପରେ ବେଣୁଧରଙ୍କ ମୃତ ଦେହ ଦାହ ପ୍ରକ୍ରିୟା ଆରମ୍ଭ କରାଇଥିଲେ ।

# ସୀତାରାମ ୟଚୁରୀଙ୍କ ପ୍ରଥମ ମୃତ୍ୟୁ ବାର୍ଷିକୀରେ ଶ୍ରଦ୍ଧାଞ୍ଜଳି ସଭା

ଜଳେଶ୍ୱର, ୧୨/୯ (ନି.ପ୍ର): ସି ପି ଏମ୍ ଜଳେଶ୍ୱର ଆଞ୍ଚଳିକ କମିଟି ଆନୁକୂଲ୍ୟରେ ଦଳର ସର୍ବଭାରତୀୟ ପ୍ରାକ୍ତନ ସାଧାରଣ ସମ୍ପାଦକ ସୀତାରାମ ୟୁଚୁରୀଙ୍କ ପ୍ରଥମ ମୃତ୍ୟୁ ବାର୍ଷିକୀରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି । ନିଜସ୍ୱ କାର୍ଯ୍ୟାଳୟରେ ଅନୁଷ୍ଠିତ ଏହି ସଭାର ପ୍ରାରମ୍ଭରେ ୟଚୁରୀଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ ପୂର୍ବକ ଶ୍ରଦ୍ଧା ନିବେଦନ କରାଯାଇଥିଲା ।ଏହାପରେ ଆଞ୍ଚଳିକ କମିଟି ସମ୍ପାଦକ ଅକ୍ଷୟ କୁମାର ମିଶ୍ରଙ୍କ ସଭାପତିତ୍ୱରେ ଏକ ସ୍ମୃତି ଚାରଣ ସଭା ଅନୁଷ୍ଠିତ ହୋଇଥିଲା ।ଏହି ସଭାରେ ପାର୍ଟିର ବାଲେଶ୍ୱର ଜିଲ୍ଲା କମିଟି ସଦସ୍ୟ ଦିଲ୍ଲୀପ କୁମାର ଗିରି,ଜିଲ୍ଲାର



ସମ୍ପାଦକ ମଣ୍ଡଳୀ ସଦସ୍ୟ ଦିପ୍ତିମାନ ଆଚାର୍ଯ୍ୟ,କୃଷକ ନେତା ଜୀବନ ପରିଡ଼ା ଓ ରାଜୀବ ପଣ୍ଡା,ଶ୍ରମିକ ନେତା ପଲ୍ଟୁ ଦାସ,ଯୁବ ନେତା ତଥା ପ୍ରାକ୍ତନ ସରପଞ୍ଚ ଦିଲ୍ଲୀପ ପରିଡ଼ା, ଲକ୍ଷ୍ମୀଧର ପଲାଇ, ଅବଦୁଲ୍ ଜିଲାନୀ ଖାଁ,ଶଙ୍କର ଗୋଚ୍ଛାୟତ,ଚନ୍ଦନ ଗୋଚ୍ଛାୟତ ପ୍ରମୁଖ ପ୍ରିୟ ନେତାଙ୍କର ସ୍ମୃତି ଚାରଣ କରିଥିଲେ । ସୀତାରାମ ୟୁଚୁରୀ ଛାତ୍ର ଜୀବନରୁ ମାର୍କ୍ସବାଦ ପ୍ରତି ଆକୃଷ୍ଟ ହୋଇ ରାଜନୀତିରେ ଯୋଗ ଦେଇଥିଲେ ।ସିବିଏସ ଇର ମାଧ୍ୟମିକ ପରୀକ୍ଷାରେ ଦେଶରେ ପ୍ରଥମ ସ୍ଥାନ ଅଧିକାର କରିବା ଏବଂ ଜେ ଏନ୍ ୟୁ ଭଳି ବିଶ୍ୱ ପ୍ରସିଦ୍ଧ ବିଶ୍ୱବିଦ୍ୟାଳୟରୁ ଅର୍ଥନୀତିରେ ସ୍ନାତକୋତ୍ତର ଲାଭ କରିବା ସତ୍ତ୍ୱେ ସେ ନିଜର ସୁନେଲି ଭବିଷ୍ୟତ ପଛରେ ନଧାଇଁ ସମାଜରେ ପରିବର୍ତ୍ତନ ଆଣିବା ଏବଂ ଏକ ଶୋଷଣ ବିହୀନ ସମାଜ ଗଠନ ଦିଗରେ ନିଜକୁ ଉତ୍ସର୍ଗ କରିଥିଲେ । କେବଳ ବାମପନ୍ଥୀ ଦଳ ମାନଙ୍କ ଭିତରେ ନୁହେଁ ସମସ୍ତ ଧର୍ମନିରପେକ୍ଷ ରାଜନୈତିକ ଦଳରେ ତାଙ୍କର ଗ୍ରହଣୀୟତା ଥିଲା । ଗଣତନ୍ତ୍ର, ଧର୍ମ ନିରପେକ୍ଷତା, ଅର୍ଥନୈତିକ ସାର୍ବଭୌମତ୍ୱ, ସାମାଜିକ ନ୍ୟାୟ ପାଇଁ ତାଙ୍କର ଆଜୀବନ ଲଢେଇ ଅବିସ୍ମରଣୀୟ ହୋଇ ରହିବ ନିଶ୍ଚୟ । ରାଜନୈତିକ ବାଗ୍ମୀତା, ତୀକ୍ଷ୍ଣ ବୁଦ୍ଧିମତ୍ତା ଓ ପରିସ୍ଥିତିର ଉପଯୁକ୍ତ ବିଶ୍ଲେଷଣ ସାଙ୍ଗକୁ ସରଳ ଜୀବନ ଯାପନ ପ୍ରଣାଳୀ ସାମ୍ପ୍ରତିକ ରାଜନୀତିରେ ବିରଳ ବୋଲି ସଭାରେ ମତପ୍ରକାଶ ପାଇଥିଲା । ଏଭଳି ଜଣେ ଜନନାୟକଙ୍କର ବିୟୋଗ କେବଳ ସିପିଏମ ପାଇଁ କ୍ଷତି ଘଟାଇ ନାହିଁ ବାମ ଗଣତାନ୍ତ୍ରିକ ଆନ୍ଦୋଳନ ପ୍ରତି ଏକ ଶକ୍ତ ଧକ୍କା ବୋଲି ବକ୍ତାମାନେ ମତବ୍ୟକ୍ତ କରିଥିଲେ ।

## ଉତରପ୍ରଦେଶରୁ ସାଇବର ଠକ ଗିରଫ

ଭୁବନେଶ୍ୱର, ୧୨/୯ (ନି.ପ୍ର): କୋଟିଏ ଟଙ୍କାର ସାଇବର ଠକେଇ ଅଭିଯୋଗରେ ଜଣଙ୍କୁ ଗିରଫ କରିଛି ଭୁବନେଶ୍ୱର ସାଇବର ପୋଲିସ । ଅଭିଯୁକ୍ତକୁ ମହମ୍ମଦ ସାଦବକୁ ଭୁବନେଶ୍ୱର ସାଇବର ପୋଲିସ ଉତରପ୍ରଦେଶର ବିଜିନୋରରୁ ଗିରଫ କରିଛି । ତା ନିକଟରୁ ମୋବାଇଲ ଫୋନ, ସିମ କାର୍ଡ, ଏକାଧିକ ଆକାଉଂଟ ଜବତ ହୋଇଛି । ଭୁବନେଶ୍ୱରରୁ ଏକାଧିକ ଲୋକଙ୍କ ଠାରୁ ଲିଙ୍କ୍ ପଠାଇ ମହମ୍ମଦ ଟଙ୍କା ଠକେଇ କରିଥିବା ଅଭିଯୋଗ ହୋଇଥିଲା ।

# ରମାକାନ୍ତ ସେବା ଫାଉଣ୍ଡେସନ ପକ୍ଷରୁ ସହାୟତା ପ୍ରଦାନ

ବାସୁଦେବପୁର, ୧୨/୯ (ନି.ପ୍ର): ବାସୁଦେବପୁର ବ୍ଲକ ଅନ୍ତର୍ଗତ ନାୟକାଣୀଡିହି ଠାରେ ପ୍ରତିଷ୍ଠା ହୋଇଛି ରମାକାନ୍ତ ସେବା ଫାଉଣ୍ଡେସନ । ଏହି ଫାଉଣ୍ଡେସନ ପକ୍ଷରୁ ବିଭିନ୍ନ ସମୟରେ ଦୁଃଖୀ ଗରିବ ଲୋକଙ୍କୁ ସାହାଯ୍ୟ ସହଯୋଗ ଯୋଗାଇ ଦିଆ ଯାଉଛି । ଏହି ରମାକାନ୍ତ ସେବା ଫାଉଣ୍ଡେସନ ପକ୍ଷରୁ ଗତ କାଲି ଚାନ୍ଦବାଲି ବ୍ଲକର ଇଟୁଆ ଗ୍ରାମରେ ଆନନ୍ଦ ଜେନାଙ୍କୁ ସାହାଯ୍ୟ ସହଯୋଗ ଯୋଗାଇ ଦିଆ ଯାଇଛି । ଏହି ଗରିବ ପରିବାରକୁ ଏକ ବର୍ଷ ପାଇଁ ପ୍ରତ୍ୟେକ ମାସ ଏକ ହଜାର ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରିବା ପାଇଁ ରମାକାନ୍ତ ସେବା ଫାଉଣ୍ଡେସନର ଅଧ୍ୟକ୍ଷ ରତିକାନ୍ତ ପ୍ରଧାନ ଓରଫ୍ ପିଣ୍ଟୁ ବାବୁ କଥା ଦେଇଥିଲେ ଏବଂ ଆର୍ଥିକ ସହାୟତା ଦେଇ କଥା ମଧ୍ୟ ରକ୍ଷା କଲେ । ରତିକାନ୍ତ ପ୍ରଧାନ ଓରଫ୍ ପିଣ୍ଟୁ ବାବୁଙ୍କ ଧର୍ମପତ୍ନୀ ବିଜୟା ଲକ୍ଷ୍ମୀ ପ୍ରଧାନ ବର୍ତ୍ତମାନ ରମାକାନ୍ତ



ସେବା ଫାଉଣ୍ଡେସନର ପରିଚାଳିକା ଅଛନ୍ତି । ବିଜୟା ଲକ୍ଷ୍ମୀ ପ୍ରଧାନ ମଧ୍ୟ ଆର୍ଥିକ ସହାୟତା ପ୍ରଦାନ ସମୟରେ ଯୋଗ ଦେଇଥିଲେ ଓ ରମାକାନ୍ତ ସେବା ଫାଉଣ୍ଡେସନର ସଦସ୍ୟ ମାନେ ମଧ୍ୟ ଉପସ୍ଥିତ ଥିଲେ । ଆଉ ଏକ ପରିବାର ହେଉଛନ୍ତି ଚାନ୍ଦବାଲି ବ୍ଲକର ଉତୁକୁଡ଼ା ପଞ୍ଚାୟତର ଅମୂଲ୍ୟ ବଳ । ଅମୂଲ୍ୟ ବଳଙ୍କ ବୟସ ବର୍ତ୍ତମାନ ସତୁରି ହେବ । ଏହି ବୁଢ଼ା ମଉସାଙ୍କ ଘର ଅଗ୍ନିକାଣ୍ଡ ଘଟି ସମ୍ପୂର୍ଣ୍ଣ ଧ୍ୱଂସ ହୋଇ ଯାଇଛି । ଏହି ବୃଦ୍ଧ ବ୍ୟକ୍ତି ଅମୂଲ୍ୟ ବଳଙ୍କ ପାଖରେ ଚଳିବା ପାଇଁ ପଇସା ପତ୍ର ଆଦୌ ନାହିଁ । ସରକାରୀ ସାହାଯ୍ୟ ଯୋଗାଇ ଦେବାକୁ ଜନ ସାଧାରଣରେ ଦାବି ହୋଇଛି । କିନ୍ତୁ ଏହି ଘଡି ସନ୍ଧି ମୁହୂର୍ତ୍ତରେ ଦୁଃଖ ବିପଦ ସମୟରେ ପହଞ୍ଚିଥିଲେ ରମାକାନ୍ତ ସେବା ଫାଉଣ୍ଡେସନ । ଏହି ବୃଦ୍ଧ ବ୍ୟକ୍ତିଙ୍କୁ ରମାକାନ୍ତ ସେବା ଫାଉଣ୍ଡେସନ ପକ୍ଷରୁ ଶୁଖିଲା ଖାଦ୍ୟ ଯୋଗାଇ ଦିଆଯିବା ସହିତ ଲୁଗାପଟା ଦିଆ ଯାଇଛି ଓ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି ।

## ନିଖୋଜ ପୁଅକୁ ଫେରିପାଇଲେ ବାପା

ବେତନଟୀ,୧୯(ନି.ପ୍ର) : ବେତନଟୀ ଥାନା ଅଧୀନ ଇଦର ଗ୍ରାମର ନୟନ କୁମାର ମୁର୍ମୁଙ୍କ ପୁଅ ହରିରାମ ମୁର୍ମୁ ମୋରଡା ବ୍ଲକରେ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଭାବରେ କାର୍ଯ୍ୟ କରୁଥିବା ବେଳେ ଗତ ଅଗଷ୍ଟମାସ ୬ତାରିଖରେ ହଠାତ ରହସ୍ୟଜନକ ଭାବରେ



ନିଖୋଜ ହୋଇଯାଇଥିଲେ । ପରିବାରବର୍ଗ ବ୍ୟସ୍ତବିବ୍ରତ ହୋଇପଡିଥିବା ବେଳେ ଶେଷରେ ନିରାଶହୋଇ ବାପା ନୟନ ମୁର୍ମୁ ଗତମାସ ୨୩ତାରିଖରେ ବେତନଟୀ ଥାନାରେ ପୁଅ ନିଖୋଜ ନେଇ ଏତଲା ଦାଏର କରିଥିଲେ । ଏନେଇ ବେତନଟୀ ଥାନାରେ ୫୭ ନମ୍ବରରେ ଏକ ନିଖୋଜ ମାମଲା ରୁଜୁ କରାଯାଇଥିଲା । ମାମଲାର ତଦନ୍ତକାରି ଅଧିକାରୀ ବଡଜାମ ବଣି ଫାଣ୍ଡି ଅଧିକାରୀ ଏଏସଆଇ ଅଶେଷ କୁମାର ଦାସ କଟକ ମାଲଗୋଦାମ ଥାନା ଏରିଆ ସମେତ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରି ନିରାଶହୋଇ ଫେରିଥିଲେ । ତେବେ ପୁନର୍ବାର ବିଶ୍ୱସ୍ତସୂତ୍ରରୁ ଖବରପାଇ ଭୁବନେଶ୍ୱର ରେଳଷ୍ଟେସନ ନିକଟ ଶ୍ରୀଜଗନ୍ନାଥ ନାମକ ଏକ ହୋଟେଲରେ ଚଢାଉକରି ହରିରାମଙ୍କୁ ଉଦ୍ଧାର କରିବାରେ ସଫଳ ହୋଇଥିଲେ । ହରିରାମଙ୍କୁ ସାଙ୍ଗରେ ନେଇ ତଦନ୍ତକାରୀ ଅଧିକାରୀ ଏଏସଆଇ ଅଶେଷ କୁମାର ଦାସ ବେତନଟୀ ପ୍ରତ୍ୟାବର୍ତ୍ତନ କରିଥିବା ବେଳେ ବାପା ହରିରାମଙ୍କ ଜିମାରେ ପୁଅକୁ ଛାଡିଛନ୍ତି । ତେବେ ମୋରଡାବ୍ଲକରେ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଭାବେ ହରିରାମ ଚାକିରୀ କରୁଥିଲେ ହେଁ ଏହା ୨ବର୍ଷ ପାଇଁ ଚୁକ୍ତିଭିତ୍ତିକ ଥିଲା । ଚୁକ୍ତିନାମା ଅନୁସାରେ ଦୁଇବର୍ଷ ପୂରଣ ହୋଇଯାଇଥିବାରୁ ମାନସିକସ୍ତରରେ ବିଚଳିତ ହୋଇ ସେ ଏକାକୀ ସମୟ ବିତାଇବାକୁ ପଳାଇଥିଲେ ବୋଲି ଉଦ୍ଧାର ପରେ ପ୍ରକାଶ କରିଛନ୍ତି ।

# ମିଳିତ ନିଶା ନିବାରଣ ଅଭିଯାନ ବାଲେଶ୍ୱର ପକ୍ଷରୁ ବ୍ୟାପକ ସଚେତନତା କାର୍ଯ୍ୟ କରିବାପାଇଁ ନିଷ୍ପତ୍ତି

ବାଲେଶ୍ୱର, ୧୨/୯ (ନି.ପ୍ର): ମିଳିତ ନିଶା ନିବାରଣ ଅଭିଯାନ (ମନା) ବାଲେଶ୍ୱରର ମାସିକ ବୈଠକ ସଭାପତି ଆଇନଜୀବୀ ପ୍ରଭାକର ସାହୁଙ୍କ ସଭାପତିତ୍ୱରେ ନେଳିଆବାଗସ୍ଥିତ କାର୍ଯ୍ୟାଳୟରେ ହୋଇଯାଇଛି । ସାଧାରଣ ସମ୍ପାଦିକା ମମତା ମହାପାତ୍ର ଗତ ମାସିକ ବୈଠକର ବିବରଣୀ ପାଠ କରିଥିଲେ ଓ ତାହା ସର୍ବସମ୍ମତି କ୍ରମେ ଗୃହୀତ ହେଲା । ଉକ୍ତ ବୈଠକରେ ନିଶା ନିବାରଣ କ୍ଷେତ୍ରରେ ସରକାରଙ୍କ ଆଭିମୁଖ୍ୟକୁ ପ୍ରଶଂସା କରାଯାଇଥିଲା ଏବଂ ଆଗାମୀ ଦିନରେ ବିଦ୍ୟାଳୟ ଓ



ମହାବିଦ୍ୟାଳୟ ମାନଙ୍କରେ ସଚେତନତା କାର୍ଯକ୍ରମକୁ ବ୍ୟାପକ କରିବା ପାଇଁ ନିଷ୍ପତ୍ତି ନିଆଗଲା । ବୈଠକରେ ଉପଦେଷ୍ଟା ସୁବ୍ରତ କର, ଡ. କ୍ଷିତୀଶ୍ୱର ଦାଶ, ଗୀତାଞ୍ଜଳି ସିଂହ, ପ୍ରଫୁଲ୍ଲ କୁମାର ଦାସ, ଅକ୍ଷୟ କୁମାର ତ୍ରିପାଠୀ, ସୀତାରାମ ପ୍ରଧାନ, ଯୋଗେଶ ପ୍ରଧାନ, ପ୍ରଭାକର ସାହୁ (ଖ), ଶଚୀନ୍ଦ୍ର ଦାସ, ରବିନାରାୟଣ ଭୋଳ, ରମେଶ ଜେନା, ସନାତନ ଦାସ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ତ୍ରିଦିବ ନାୟକ ଧନ୍ୟବାଦ ଦେଇଥିଲେ ।

ଧ୍ୱନି ପ୍ରତିଧ୍ୱନି

# ବାମଡାରୁ ୮୨ଶହ କେଜି ପୋଚ ଓ ୬୨୦ଲିଟର ଦେଶି ଚୋରା ମଦ ଜବତ କଲା ଅବକାରୀ ବିଭାଗ

ବୈଶିଙ୍ଗା , ୧୨/୯ (ନି.ପ୍ର): ଜନ ସଚେତନତା ଅଭାବରୁ ଦିନକୁ ଦିନ ଚୋରା ବିଦେଶୀ ଭଳି ଦେଶି ହାତ ତିଆରି ମଦ କାରଖାନା ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି । ବୈଶିଙ୍ଗା ଥାନା ଅଧୀନ ବାମଡା ଗ୍ରାମନିକଟରେ ଥିବା ଛୋଟ ବୁଦା ବୁଦା ଜଙ୍ଗଲ ଚୋରା ଦେଶି ରକ୍ଷା ମଦ ବ୍ୟବସାୟୀଙ୍କ ପେଣ୍ଠ ସ୍ଥଳି ପାଲଟିଛି । ଏହି ବାମଡା ଗ୍ରାମଟି ବାଲେଶ୍ୱର ଜିଲା ଓ ମୟୁରଭଞ୍ଜ ଜିଲା ସୀମାନ୍ତବର୍ତ୍ତୀ ଅଞ୍ଚଳ ହୋଇଥିବାରୁ ଉଭୟ ଜିଲାର ଶ୍ରମିକ ତଥା ନିଶାଖୋର ମାନଙ୍କର ଆଡ୍ଡାସ୍ଥଳୀ ପାଲଟିବା ସହ ଚୋରା ମଦ ବ୍ୟବସାୟୀ ମାନେ ଜିଲା ବାହାରକୁ ମଧ ଏହି ଦେଶି ଚୋରା ମଦ ଚାଲାଣ କରିଥାନ୍ତି । ଫଳରେ ଏହି ଅଞ୍ଚଳରେ ସବୁଦିନ କିଛି ନା କିଛି ଗଣ୍ଡଗୋଳ ହୋଇ ଥାନାରେ ମାମଲା ହେବାର ଅନେକ ନଜିର ରହିଛି । ବାମଡା ଠାରେ ବେଆଇନ ଦେଶି ମଦ କାରଖାନା ଚାଲୁଥିବା ଖବର ପାଇ ଶୁକ୍ରବାର ଅବକାରୀ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇଥିଲା । ଅବକାରୀ ଜିଲା ଅଧିକ୍ଷକ ପ୍ରଶାନ୍ତ କୁମାର କହଁରଙ୍କ ତତ୍ୱାବଧାନରେ ଉଦଳା ଅବକାରୀ ଥାନା ଅଧିକାରୀ ସଞ୍ଜୟ କୁମାର କାଣ୍ଡି, ବେତନଟୀ ଅବକାରୀ ଥାନା ଏସଆଇ ପ୍ରଦୀପ କୁମାର ବେହେରା, ଉଦଳା ଏସ ଆଇ ସୂର୍ଯ୍ୟକାନ୍ତ ମଲ୍ଲିକ ପ୍ରମୁଖ ସଦଳବଳେ ଏହି ଚଢ଼ାଉ କରି ୮୨ ଶହ କେଜି ପୋଚ ଓ ୬୨୦ ଲିଟର ଦେଶି ଚୋରା ମଦ ମାଟିରେ ପୋତା ହୋଇଥିବାବେଳେ ଏହାକୁ ଉଦ୍ଧାର କରି ନଷ୍ଟ କରିଦେଇଥିଲେ । ଏହି ପୋଚ ଓ ରକ୍ଷା ମଦ ଥିବା ପ୍ଲାଷ୍ଟିକ ଓ ସିଲଭର ପାତ୍ରକୁ ଜବତ କରିବା ସହ ମାମଲା ରୁଜୁ କରିଥିଲେ । ପ୍ରତ୍ୟେକ ଦିନ ସନ୍ଧ୍ୟାରେ ଏହି ବାମଡା ଓ ଆଖ ପାଖ ଅଞ୍ଚଳରେ ସନ୍ଧ୍ୟାରେ ମଦର ହାଟ ବସେ ବୋଲି ଆଲୋଚିତ ହେଉଛି ।

# ଲୁଧିଆ ମାଝୀଙ୍କ ନେତୃତ୍ୱରେ ବନ୍ଧୁକ ସହିତ ଶିକାରୀ କରୁଛନ୍ତି ଆତ୍ମସମର୍ପଣ



ଉଦଳା , ୧୨/୯ (ନି.ପ୍ର): ଯେ ହେଉଛି ଖୁଂଟା ବ୍ଲକ ଅନ୍ତର୍ଗତ ସପନଚୁଆ ପଂଚାୟତର ଦୃଶ୍ୟ । ଏହି ପଂଚାୟତଟି ଶିମିଳିପାଳ ଅଭୟାରଣ୍ୟକୁ ଲାଗିକରିଥିବାରୁ ଅନେକ ସମୟରେ ଜଙ୍ଗଲର ଜୀବଜନ୍ତୁ ଗ୍ରାମକୁ ପ୍ରବେଶ କରନ୍ତି । ଗ୍ରାମର ଲୋକେ ଶିକାର କରିବା ପାଇଁ ବେଶ ସୁନ୍ଦର ସୁଯୋଗ ପାଇଥାନ୍ତି । ଶିକାର ପାଇଁ ଗ୍ରାମର ଅଧିକାଂଶ ଲୋକଙ୍କ ଘରେ ବନ୍ଧୁକ ରହିଛି । ଅନେକ ସମୟରେ ଲୋକେ ଜଙ୍ଗଲରେ ନିଆଁ ମଧ ଲଗାଇଥାନ୍ତି । ତେବେ ଏହି ପଂଚାୟତର ସରପଂଚ ଲୁଧିଆ ମାଝୀ ତାଙ୍କର କିଛି ସହଯୋଗୀଙ୍କୁ ନେଇ ଘରକୁ ଘର ବୁଲିବା ସହ ଶିକାର ବନ୍ଦ କରିବା ଓ ଜଙ୍ଗଲରେ ନିଆଁ ନଲଗାଇବା ପାଇଁ ଲୋକଙ୍କୁ ବୁଝାଉଛନ୍ତି । ସରକାର ନିଯୁକ୍ତ କରିଥିବା ଜଙ୍ଗଲ ବିଭାଗର କର୍ମଚାରୀଙ୍କ ନିକଟରେ ଶିକାରୀ ମାନେ ବନ୍ଧୁକ ସହିତ ଆତ୍ମସମର୍ପଣ କରିବାକୁ ସରପଂଚ ଉଦ୍ୟମ ଚଳାଇଛନ୍ତି । ଫଳରେ ବର୍ତ୍ତମାନସୁଦ୍ଧା ପ୍ରାୟ ୨୨ରୁ ଉର୍ଦ୍ଧ ଶିକାରୀ ଆତ୍ମସମର୍ପଣ କରିସାରିଥିବାର ସରପଂଚ ଲୁଧିଆ ମାଝୀ ଜଣାଇଛନ୍ତି । ସରପଂଚଙ୍କର ଏତାଦୃଶ କାର୍ଯ୍ୟକଳାପ ପାଇଁ ଏବେ ବିଭିନ୍ନ ମହଲରେ ତାଙ୍କର ପ୍ରଶଂସା ଶୁଣିବାକୁ ମିଳୁଛି । ଲୁଧିଆ ମାଝୀ ଖୁଂଟା ମହାବିଦ୍ୟାଳୟରୁ କଳାରେ +୨ ପାସ କରିବା ପରେ ଲୋକଙ୍କ ସେବା ପାଇଁ ରାଜନୀତିରେ ଅଂଶ ଗ୍ରହଣ କରିଥିବାର କହିଛନ୍ତି । ସ୍ୱାଧିନତାର ଦିର୍ଘ ୭୫ ବର୍ଷ ବିତିଯାଇଥିଲେ ମଧ ସପନଚୁଆ ପଂଚାୟତକୁ ବିଦ୍ୟୁତ ଲାଇନ ସଂଯୋଗ ହୋଇନଥିଲା । ଫଳରେ ଲୋକେ ନାହିଁନଥିବା ଅସୁବିଧାର ସମ୍ମୁଖିନ ହେଉଥିଲେ । ସରପଂଚ ଲୁଧିଆ ମାଝୀଙ୍କ ଉଦ୍ୟମରେ ବର୍ତ୍ତମାନ ସମଗ୍ର ପଂଚାୟତର ସମସ୍ତ ଗ୍ରାମକୁ ବିଦ୍ୟୁତ ଲାଇନ ସଂଯୋଗ ହୋଇପାରିଛି । ଏହା ମୋର ସରପଂଚ କାର୍ଯ୍ୟକାଳର ସବୁଠାରୁ ବଡ଼କାମ ବୋଲି ଲୁଧିଆ କହିଛନ୍ତି । ସେହିପରି ପଂଚାୟତର ଅନେକ ଗୁଡ଼ିଏ ଗ୍ରାମରେ ପିଇବା ପାଣିର ସମସ୍ୟା ଲାଗି ରହିଥିଲା । ନଳକୂପ ଓ ଖୋଲାକୂପ ବସାଇ ବର୍ତ୍ତମାନ ପିଇବା ପାଣି ସମସ୍ୟାକୁ ବହୁ ମାତ୍ରାରେ କମାଇ ଦିଆଯାଇପାରିଛି ବୋଲି ସରପଂଚ କହିଛନ୍ତି । କୌଣସି କାମଧନ୍ଦା ନପାଇ ପଂଚାୟତର ଅନେକ ଲୋକ ଦାଦନ ଖଟିବାକୁ ବାହାରକୁ ଯାଉଛନ୍ତି । ଏହା ଆମ ପଂଚାୟତର ସବୁଠାରୁ ବଡ଼ ଦୁଃଖ ବୋଲି ଜଣାଇଛନ୍ତି । କିଛିଦିନ ପୂର୍ବରୁ ଖୁଂଟା ଓ ଗୋପବନ୍ଧୁନଗର ବ୍ଲକର ସମସ୍ତ ସରପଂଚ ମାନଙ୍କୁ ଡ଼ିଜିଟାଲ ସାକ୍ଷରତା ସମ୍ପର୍କରେ ଜନଜାଗୃତି ମଂଚର ଆୟୋଜନରେ ଏକ ତାଲିମ ଶିବିର ଅନୁଷ୍ଠିତ ହୋଇଥିଲା । ଉକ୍ତ ତାଲିମ ଶିବିରରେ ଲୁଧିଆ ଯୋଗ ଦେଇଥିଲେ । ତେବେ ଏହି ତାଲିମ ଶିବିର କିପରି ଆପଣଙ୍କ କର୍ମକ୍ଷେତ୍ରରେ ଦରକାରରେ ଆସୁଛି କୁହନ୍ତୁ ବୋଲି ପ୍ରଶ୍ନ କରିବାରୁ ସେ ଉତରରେ କହିଲେ ଏହି ଶିବିର ଖୁବ୍ ଅଳ୍ପଦିନ ପାଇଁ ହୋଇଥିବାରୁ ସବୁ ବିଷୟରେ ଆମେ ଠିକ୍ ଭାବେ ବୁଝି ପାରିଲୁ ନାହିଁ । ଆଉ ଅଧିକ କିଛିଦିନ ଏହି ଶିବିର ହୋଇଥିଲେ ଆମେ ଅନେକ କିଛି କଥା ଶିଖିପାରିଥାନ୍ତୁ ବୋଲି ଜଣାଇଥିଲେ । ପଂଚାୟତର ପ୍ରଗତିରେ ମୁଖ୍ୟ ବାଧକ କଣ ରହିଛି ବୋଲି ପ୍ରଶ୍ନ କରିବାରୁ ଉତରରେ ସେ କହିଲେ ନିଶା ଦ୍ରବ୍ୟ ସେବନ ଓ ଅନ୍ଧ ବିଶ୍ୱାସ ଆମ ପଂଚାୟତ ପ୍ରଗତିରେ ମୁଖ୍ୟ ବାଧକ ସାଜିଛି । ଆଗାମୀ ଦିନରେ ସପନଚୁଆ ପଂଚାୟତକୁ ସବୁ ଦିଗରୁ ଆଗକୁ ନେବା ପାଇଁ ସରପଂଚ ଉଦ୍ୟମ ଚଳାଇଥିବାର ଜଣାଯାଇଛି ।

# ବରିଷ୍ଠ ନାଗରିକ ତୀର୍ଥଯାତ୍ରା: ଆଧ୍ୟାତ୍ମିକତାର ଦିବ୍ୟ ଅନୁଭବ ତୀର୍ଥଯାତ୍ରୀଙ୍କ ଅଯୋଧ୍ୟା - ବାରଣାସୀ ଯାତ୍ରା

ଖୋର୍ଦ୍ଧା , ୧୨/୯ (ନି.ପ୍ର): ଆଜି ଖୋର୍ଦ୍ଧା ଜିଲ୍ଲା ପର୍ଯ୍ୟଟନ ବିଭାଗ ପକ୍ଷରୁ ଅଯୋଧ୍ୟା - ବାରଣାସୀ ବରିଷ୍ଠ ନାଗରିକ ମାନଙ୍କ ତୀର୍ଥଯାତ୍ରା ପର୍ଯ୍ୟଟନ ଅଧିକାରୀ ମୀରା ବେହେରାଙ୍କ ପରିଚାଳନାରେ ଶୁଭାରମ୍ଭ କରାଯାଇଅଛି । ଏହି ଉପଲକ୍ଷେ ଅତିରିକ୍ତ ଜିଲ୍ଲାପାଳ, ରାଜସ୍ୱ ଶ୍ରୀ ସାଫଲ୍ୟ ମଣ୍ଡିତ ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଲେ ଯେ ବରିଷ୍ଠ ନାଗରିକ ତୀର୍ଥ ଯାତ୍ରା ଯୋଜନା ଗରିବ ଗୁରବା ମାନଙ୍କ ପାଇଁ ଏକ ଅପୂର୍ବ ଯୋଜନା । ଓଡ଼ିଶାର ପରମ୍ପରା ସଂସ୍କୃତି ବାହାର ରାଜ୍ୟ ସହ ଆଦାନ ପ୍ରଦାନ ଏବଂ ଆଧ୍ୟାତ୍ମିକତାର ଦିବ୍ୟ ଅନୁଭୂତି ଏହି ଯୋଜନାର ମୂଳ ଲକ୍ଷ୍ୟ ଅଟେ । ରାଜ୍ୟ ସରକାରଙ୍କ ପକ୍ଷରୁ ବରିଷ୍ଠ ନାଗରିକ ତୀର୍ଥ ଯାତ୍ରା ଯୋଜନା ପ୍ରତିବର୍ଷ ଚାଲୁରହିଛି । ଯେଉଁମାନେ ଚଳିତ ବର୍ଷ ଯାଇପାରି ନାହାନ୍ତି ପୁନଶ୍ଚ ସରକାରଙ୍କ ବିଜ୍ଞପ୍ତି ପ୍ରକାଶ ପାଇଲେ ସେମାନେ ଅନ୍ ଲାଇନ୍ ମାଧ୍ୟମରେ ଆବେଦନ କରି ଏହି ତୀର୍ଥ ଭ୍ରମଣର ସୁଯୋଗ ନେଇ ପାରିବେ । ଆଜି ଖୋର୍ଦ୍ଧା ଜିଲ୍ଲାର ୧୬୯ ତୀର୍ଥ ଯାତ୍ରୀ ଯେଉଁ ମାନଙ୍କ ମଧ୍ୟରେ ସହଯୋଗୀ ତୀର୍ଥ ଯାତ୍ରୀ ୦୨ ଜଣ, ଦମ୍ପତି ତୀର୍ଥ ଯାତ୍ରୀ ୭୦ ଜଣ ଏବଂ ଏକକ ତୀର୍ଥ ଯାତ୍ରୀ ୯୭ ଜଣଙ୍କୁ ନେଇ ବସ ଗୁଡ଼ିକ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟ ଠାରୁ ଭୁବେଶ୍ୱରର ରେଳ ଷ୍ଟେସନ ଅଭିମୁଖେ ଯାତ୍ରା ଆରମ୍ଭ କରିଛି । ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ନିୟମାନୁସାରେ ପ୍ରତ୍ୟେକ ତୀର୍ଥ ଯାତ୍ରୀ ଙ୍କ ସ୍ୱାସ୍ଥ୍ୟ ଯାଞ୍ଚ କରାଯାଇଥିଲା । ମୁଖ୍ୟ ଅତିଥି ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ସାଫଲ୍ୟ ମଣ୍ଡିତ ପ୍ରଧାନ ପ୍ରତ୍ୟେକ ତୀର୍ଥ ଯାତ୍ରୀଙ୍କୁ ପୁଷ୍ପ ଗୁଚ୍ଛ ପ୍ରଦାନ କରି ସେମାନଙ୍କର ୬ଦିବସୀୟ ତୀର୍ଥ ଯାତ୍ରା ସଫଳ କାମନା କରି ଆନନ୍ଦ ର ସହ ଖୋର୍ଦ୍ଧା ଫେରିବାକୁ ମହାପ୍ରଭୁଙ୍କ ପାଖରେ ପ୍ରାର୍ଥନା ରଖି ଶ୍ରିଫଳ ବାଡେଇ ସବୁଜ ପତାକା ଦେଖାଇ ବସ୍ ଯାତ୍ରାର ଶୁଭାରମ୍ଭ କରିଥିଲେ । ସମସ୍ତ ତୀର୍ଥ ଯାତ୍ରୀ ଙ୍କ ସହାୟତା କାରୀ ଅଧିକାରୀ ମାନେ ସଦାସର୍ବଦା ଜାଗ୍ରତ ରହି ତୀର୍ଥ ଯାତ୍ରୀ ମାନଙ୍କ ଯତ୍ନ ନେଇ ସଫଳ ଭାବେ ଖୋର୍ଦ୍ଧା ଫେରିବାକୁ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ପ୍ରଧାନ ନିର୍ଦ୍ଦେଶ ଦେଇଥିଲେ । ସମ୍ମାନିତ ଅତିଥି ଭାବେ ଜିଲ୍ଲା କ୍ରୀଡା ଅଧିକାରୀ ଗୀତାଞ୍ଜଳି ପଣ୍ଡା ଯୋଗଦେଇ ତୀର୍ଥ ଯାତ୍ରୀ ମାନଙ୍କୁ ପ୍ରୋତ୍ସାହିତ କରିଥିଲେ । ଏସ୍କର୍ଟ ଅଫିସର ଭାବେ ନିହାର ରଞ୍ଜନ ମହାନ୍ତି, ବିନୋଦ ଚନ୍ଦ୍ର ବାରିକ, ସଂଗ୍ରାମ କେଶରୀ ଦାସ,ଅଟଳ କୁମାର ଧର୍ମରାଜ୍ ଏବଂ ସତ୍ୟବ୍ରତ ତ୍ରିପାଠୀ ତୀର୍ଥ ଯାତ୍ରା କାର୍ଯ୍ୟ ସମ୍ପାଦନ ନିମନ୍ତେ ନିଯୁକ୍ତି ଦିଆଯାଇଛି । ତୀର୍ଥ ଯାତ୍ରୀ ମାନେ ଆଜି ଭୁବନଶ୍ୱରରେ ରାତ୍ରୀ ଯାପନ କରି ଆସନ୍ତା କାଲି ସ୍ୱତନ୍ତ୍ର ଟ୍ରେନ୍ ରେ ଅଯୋଧ୍ୟା ବାରଣାସୀ ଅଭିମୁଖେ ଯାତ୍ରା ଆରମ୍ଭ କରିବେ । ଭୁବନେଶ୍ୱର ଠାରେ ଏହି ଶୁଭାରମ୍ଭ କାର୍ଯ୍ୟକ୍ରମ ରେ ମାନ୍ୟବର ମୁଖ୍ୟମନ୍ତ୍ରୀ, ଓଡ଼ିଶା ଶ୍ରୀଯୁକ୍ତ ମୋହନ ଚରଣ ମାଝୀ ଯୋଗଦାନ କରି ଅଯୋଧ୍ୟା ବାରଣାସୀ ଟ୍ରେନ୍ ର ଶୁଭାରମ୍ଭ କାର୍ଯ୍ୟକ୍ରମ ରହିଅଛି । ଆଜିର ଏହି କାର୍ଯ୍ୟ କ୍ରମରେ ଅନ୍ୟ ମାନଙ୍କ ମଧ୍ୟରେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଲକ୍ଷ୍ମଣ କୁମାର ବେହେରା, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟ, ଜିଲ୍ଲା ପର୍ଯ୍ୟଟନ କାର୍ଯ୍ୟଳୟ ଏବଂ ଜିଲ୍ଲା ସଂସ୍କୃତି କାର୍ଯ୍ୟାଳୟ ଏବଂ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଅଧିକାରୀ ଏବଂ କର୍ମଚାରୀ ଓ ଗଣ ମାଧ୍ୟମ ପ୍ରତିନିଧି ମାନେ ଯୋଗ ଦେଇଥିଲେ ।

## ଫାଶୀ ଘେନି ବୃଦ୍ଧଙ୍କ ଆତ୍ମହତ୍ୟା

ବସ୍ତା, ୧୨/୯ (ନି.ପ୍ର): ରୂପସା ଥାନା ଅନ୍ତର୍ଗତ ଦଲଦଲି ପଡିଆ ରେ ଜନୈକ ବୃଦ୍ଧ ଆତ୍ମହତ୍ୟା କରିଥିବା ଜଣାପଡ଼ିଛି ।ସୂଚନାରୁ ପ୍ରକାଶ ଯେ ଆଜି ଏହି ବୃଦ୍ଧ ରୋହିତ ଡୁମ (୬୨ ବର୍ଷ) ଘର ପଛପଟେ ବେକରେ ଦଉଡି ଲଗାଇ ପ୍ରାଣ ହରାଇଥିଲେ। ଖବର ପାଇ ପୁଲିସ ଘଟଣା ସ୍ଥଳରୁ ମୃତଦେହ ଉଦ୍ଧାର କରି ଅପମୃତ୍ୟୁ ମାମଲା ରୁଜୁ ସହ ଶବ ବ୍ୟବଚ୍ଛେଦ କରାଇଛି। ଆତ୍ମହତ୍ୟାର ସଠିକ କାରଣ ଜଣାପଡିନାହିଁ।

## ସୀତାରାମ୍ ୟେଚୁରୀଙ୍କ ଶ୍ରଦ୍ଧାଞ୍ଜଳି ସଭା

ନୀଳଗିରି, ୧୨/୯ (ନି.ପ୍ର): ଭାରତୀୟ କମ୍ୟୁନିଷ୍ଟ ପାର୍ଟି(ମାର୍କ୍ସବାଦୀ )ନୀଳଗିରି ଆଂଚଳିକ କମିଟିପକ୍ଷରୁ ପାର୍ଟିର ପୂର୍ବତନ ସର୍ବଭାରତୀୟ ସମ୍ପାଦକ କମ୍ରେଡ ସୀତାରାମ୍ ୟେଚୁରୀଙ୍କ ଶ୍ରଦ୍ଧାଞ୍ଜଳି ସଭା ଶୁକ୍ରବାର ନୀଳଗିରି ପାର୍ଟି କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଶ୍ରଦ୍ଧାଞ୍ଜଳି ସଭାରେ ରାଜ୍ୟ କମିଟି ସଭ୍ୟ ସିତାଂଶୁ ସେନାପତି ଉପସ୍ଥିତ ରହି ସୀତାରାମ୍ ୟେଚୁରୀଙ୍କ ଜୀବନୀ ଉପରେ ଆଲୋଚନା କରିଥିଲେ। ୟେଚୁରୀ ଜଣେ ପ୍ରବୀଣ ରାଜନୀତିଜ୍ଞ ଥିଲେ। ସେ ଭାରତର ସମସ୍ତ ରାଜନୈତିକ ଦଳ ଦ୍ୱାରା ଆଦୃତ ଥିଲେ। ତାଙ୍କର ମୃତ୍ୟୁରେ ଦଳର ଯେଉଁ କ୍ଷତି ହୋଇଛି ତାହା ଅପୂରଣୀୟ। ଉକ୍ତ ଶ୍ରଦ୍ଧାଞ୍ଜଳି ସଭାରେ ଜିଲ୍ଲାସମ୍ପାଦକ ମଣ୍ଡଳୀସଭ୍ୟ ବିଜୟ କୁମାର ପାତ୍ର କମ୍ରେଡ ସୀତାରାମ୍ ୟେଚୁରୀଙ୍କ ଅବର୍ତ୍ତମାନରେ ପାର୍ଟୀର ବଡ କ୍ଷତି ହୋଇଛି ବୋଲି କହିଥିଲେ। ଆଂଚଳିକ କମିଟି ସମ୍ପାଦକ ଜ୍ୟୋତିର୍ମୟ ରାଉତ , ଅମରେନ୍ଦ୍ର ନାୟକ, ମନୋରଞ୍ଜନ ସାହୁ, ହେମେନ୍ଦ୍ର ସେଠୀ, ଲକ୍ଷ୍ମଣ ସ,କରୁଣାକର ବାରିକ, ଶ୍ୟାମ ସିଂ, ପୁରୁଷୋତ୍ତମ ଖଣ୍ଡେଇ ପ୍ରମୁଖ ଉକ୍ତ ଶ୍ରଦ୍ଧାଞ୍ଜଳି ସଭାରେ ଉପସ୍ଥିତ ରହି ୟେଚୁରୀଙ୍କ ଫଟୋଚିତ୍ରରେ ପୁଷ୍ପମାଳା ପ୍ରଦାନ ପୂର୍ବକ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ।

# ମନ୍ଦାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଆତ୍ମହତ୍ୟା ନିରୋଧ ସପ୍ତାହ ପାଳିତ



ବାସୁଦେବପୁର, ୧୨/୯ (ନି.ପ୍ର): ଭଦ୍ରକ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଓ ମନ୍ଦାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ସହଯୋଗରେ ଆତ୍ମହତ୍ୟା ନିରୋଧ ସପ୍ତାହ ଏକ କର୍ମଶାଳା ମାଧ୍ୟମରେ.ପାଳିତ ହୋଇଯାଇଛି। ବିଭିନ୍ନ ମାନସିକ ଚାପର ବଶବର୍ତ୍ତୀ ହୋଇ ବିଷାଦଗ୍ରସ୍ତ ଜୀବନ ବରଦାସ୍ତ କରିନ ପାରି ବହୁ ଲୋକ ଆତ୍ମହତ୍ୟା ବାଟ ଖୋଜିବା ସମାଜରେ ଏକ ଚିନ୍ତାର ବିଷୟ ହୋଇଛି। ଏହାକୁ ପ୍ରତିହତ କରିବାକୁ ହେଲେ ଏହି ମାନସିକ ରୋଗର କାରଣ ଲକ୍ଷଣ ପ୍ରତିକାର ନିମିତ୍ତ ସଚେତନତାର ଆବଶ୍ୟକ ଅଛି ବୋଲି ଅଧକ୍ଷ ସତ୍ୟବ୍ରତ ଦାସଙ୍କର ସଭାପତିତ୍ୱ ରେ ଆୟୋଜିତ କର୍ମଶାଳାରେ ମୁଖ୍ୟ ଅତିଥି ଅବସରପ୍ରାପ୍ତ ଅଧକ୍ଷ ସୂର୍ଯ୍ୟମଣି ସତପଥୀ ମୁଖ୍ୟ ବକ୍ତା ଲୋନି ଲିଓନି ବେହେରା ଉପସ୍ଥିତ ଶତାଧିକ ଛାତ୍ର ଛାତ୍ରୀଙ୍କୁ ପରାମର୍ଶ ଦେଇ ଛନ୍ତି । କର୍ମଶାଳାରେ ଅବସରପ୍ରାପ୍ତ ଅଧାପକ ରମେଶ. ବେହେରା ସଂଚାଳନ କରିଥିବା ବେଳେ ଦେବେନ୍ଦ୍ର ନାୟକ, ନସିମା ଅକତାର ସହଯୋଗ କରିଥିଲେ। ଆୟୋଜନ ସଂଯୋଜକ ଅବସର ପ୍ରାପ୍ତ ପ୍ରାଧାପକ ସଂଗ୍ରାମ କିଶୋର ମହାନ୍ତି କର୍ମଶାଳାର ସଫଳତା ପାଇ ମହାବିଦ୍ୟାଳୟର କର୍ମଚାରୀଙ୍କୁ କୃତଜ୍ଞତା ପ୍ରକାଶ କରିଛନ୍ତି ।

# ପ୍ରତିଭା ଆଗରେ ହାରମାନିଲା ଦାରିଦ୍ର୍ୟ: ଦେଶ ପାଇଁ ଖେଳିବେ ମୟୂରଭଞ୍ଜର ସନ୍ଧ୍ୟାରାଣୀ



ବାରିପଦା , ୧୨/୯ (ନି.ପ୍ର): ଚଳିତ ମାସ ୨୦ ଓ ୨୧ ତାରିଖ ଚାଇନାର ହାଙ୍ଗଜଉ ଠାରେ ଅନୁଷ୍ଠିତ ହେବାକୁ ଥିବା ଲେଗ୍-୧ ଏସିଆ ରଗବୀ ଇମିରେଟ୍ ସେଭେନ ସିରିଜ୍-୨୦୨୫ ପ୍ରତିଯୋଗିତାରେ ଭାରତୀୟ ଦଳରେ ସ୍ଥାନ ପାଇଛନ୍ତି ମୟୂରଭଞ୍ଜ ଜିଲ୍ଲା ଫ୍ୟୁଚର ଷ୍ଟାର୍ ସ୍ପୋର୍ଟସ ଏକାଡେମୀର ସନ୍ଧ୍ୟାରାଣୀ ଟୁଡୁ ଓ ବାରିପଦା ବ୍ଲକ ଅନ୍ତର୍ଗତ ରାଧିକାଶୋଳ ଗ୍ରାମର ଲକ୍ଷ୍ମୀଧର ଟୁଡୁ ଓ ଫୁଲମଣୀ ଟୁଡୁଙ୍କ ଦ୍ୱିତୀୟ ଝିଅ ସନ୍ଧ୍ୟା ରାଣୀଭୋଳ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ଷଷ୍ଠ ଶ୍ରେଣୀରେ ପଢୁଥିବା ବେଳେ କୋଚ ରୁପାଲୀ ସୋରେନଙ୍କ ତତ୍ୱାବଧାନରେ ୨୦୧୭ ମସିହାରେ ରଗବୀ ଖେଳ ଆରମ୍ଭ କରିଥିଲେ ଓ ଅତି ଗରିବ ପରିବାରରୁ ଆସିଥିଲେହେଁ କୋଠର ପରିଶ୍ରମ ଓ ଦୃଢ଼ ଇଚ୍ଛାଶକ୍ତି ବଳରେ ସେ ଆଜି ବରିଷ୍ଠ ଭାରତୀୟ ରଗବୀ ଦଳରେ ସ୍ଥାନ ପାଇଥିବା ପ୍ରଥମ ମୟୁରଭଞ୍ଜ ଖେଳାଳୀ ହେବାର ସୌଭାଗ୍ୟ ପାଇଛନ୍ତି । ହାଇସ୍କୁଲ ପରୀକ୍ଷାରେ ପାସ କଲାପରେ ଫ୍ୟୁଚର ଷ୍ଟାର ସ୍ପୋର୍ଟସ ଏକାଡେମୀରେ ରହି ଖେଳ ଜାରି ରଖିଥିବା ସନ୍ଧ୍ୟା ଛୋଟ ବେଳୁ ପରିଶ୍ରମୀ ଓ ଶୃଙ୍ଖଳିତ ଓ ପ୍ରକାଶ ଥାଉକି ସନ୍ଧ୍ୟାରାଣୀ ବହୁବାର ଜାତୀୟ ସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବାର ସୌଭାଗ୍ୟ ଅର୍ଜନ କରିବା ସହ ୨୦୨୩ ଓ ୨୦୨୫ ମସିହାରେ ଅନୁଷ୍ଠିତ ଜାତୀୟ କ୍ରୀଡ଼ାରେ ଓଡିଶା ପାଇଁ ସ୍ୱର୍ଣ୍ଣ ପଦକ ଆଣିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ ଓ ଫ୍ରାନ୍ସ ଠାରେ ଅନୁଷ୍ଠିତ ଆନ୍ତର୍ଜାତୀୟ ବିଶ୍ୱବିଦ୍ୟାଳୟ ସ୍ତରୀୟ ରଗବୀ ପ୍ରତିଯୋଗିତା-୨୦୨୪ରେ ଭାରତୀୟ ବିଶ୍ୱବିଦ୍ୟାଳୟ ଦଳରେ ସ୍ଥାନ ପାଇ ଜିଲ୍ଲା ତଥା ରାଜ୍ୟ ପାଇଁ ଗୌରବ ଆଣିଥିଲେ ଓ ଖବର ପାଇ ମୟୁରଭଞ୍ଜ ମହାରାଜା ପ୍ରବୀଣ ଚନ୍ଦ୍ର ଭଞ୍ଜଦେଓ, ମହାରାଣୀ ରଶ୍ମି ରାଜ୍ୟଲକ୍ଷ୍ମୀ ଭଞ୍ଜଦେଓ, ଜିଲ୍ଲା କ୍ରୀଡ଼ା ଅଧିକାରୀ ଶୁଭାଶିଷ ନାୟକ, ଜିଲ୍ଲା ଶାରୀରିକ ଶିକ୍ଷା କ୍ରୀଡ଼ା ଅଧିକାରୀ ଭାଗିରଥୀ ମଲ୍ଲିକ, ଏଥଲେଟିକ ଏସୋସିଏସନର ସାଧାରଣ ସମ୍ପାଦକ ବିଜୟ କୁମାର ଦାସ, ବାରିପଦା ପୌର ପରିଷଦର ଅଧକ୍ଷ କୃଷ୍ଣାନନ୍ଦ ମହାନ୍ତି, ଭଞ୍ଜସେନା ପ୍ରତିଷ୍ଠାତା କଳିଙ୍ଗ କେଶରୀ ଜେନା, ଡିଭାଇନ ଅନୁଷ୍ଠାନର ନିର୍ଦ୍ଦେଶକ ବିପ୍ଳବ ଭଞ୍ଜନ ଭୁଗୁଡେଇ, ଏକାଡେମୀର ନିର୍ଦ୍ଦେଶକ ଅମର କୁମାର ସେଠୀ, ଉପଦେଷ୍ଟା ସୋମନାଥ ସିଂହ, ମଙ୍ଗଲ ହାଁସଦା, କୋଚ ରୁପାଲୀ ସୋରେନ, ବାରିପଦା ଶାଖା ପରିଚାଳକ ରଣଜିତ ରାଉତ, ପ୍ରଶିକ୍ଷକ ଚନ୍ଦନ ସିଂ, ରାଜକିଶୋର ପାତ୍ର, ତରଣୀସେନ ନାୟକ, ପ୍ରତିଷ୍ଠାତା ଦିବ୍ୟରଞ୍ଜନ ଦାସଙ୍କ ସମେତ ବହୁ କ୍ରୀଡ଼ାବିତ ଅଭିନନ୍ଦନ ଜଣାଇବା ସହ ସଫଳତା କାମନା କରିଛନ୍ତି ।

# କେ. ସି. ହାଇସ୍କୁଲ, ହେମପୁରରେ କାର୍ବନ ଫୁଟ୍ ପ୍ରିଣ୍ଟ ସମନ୍ଧୀୟ ଆଲୋଚନାଚକ୍ର




ବୈଶିଙ୍ଗା, ୧୨/୯ (ନି.ପ୍ର): ବୈଶିଙ୍ଗା ଥାନା ଅନ୍ତର୍ଗତ କୈଳାସ ଚନ୍ଦ୍ର ସରକାରୀ ଉଚ୍ଚ ବିଦ୍ୟାଳୟ, ହେମପୁରର ଶକ୍ତି ଏବଂ ଇକୋ କ୍ଲବ ଆନୁକୂଲ୍ୟରେ ପ୍ରଧାନଶିକ୍ଷକ ସମରଜିତ ମହାପାତ୍ର ଙ୍କ ପୌରହିତ୍ୟ ରେ ଈକାର୍ବନ ଫୁଟ ପ୍ରିଣ୍ଟ : ଏହାର ପ୍ରଭାବ ଓ ନିୟନ୍ତ୍ରଣ ରେ ଆମର ଭୂମିକାଈ ଶୀର୍ଷକ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି । ପ୍ରଧାନଶିକ୍ଷକ ଙ୍କ ସମେତ ବିଜ୍ଞାନ ଶିକ୍ଷକ ଚନ୍ଦନ କୁମାର ଦାସ ଆଲୋଚ୍ୟ ପ୍ରସଙ୍ଗ ସମ୍ପର୍କ ରେ ପ୍ରାରମ୍ଭିକ ବକ୍ତବ୍ୟ ରଖି ଥିଲେ । ମୁଖ୍ୟବକ୍ତା ରୂପେ ମୟୁରଭଞ୍ଜ ଜିଲ୍ଲାର ପୂର୍ବତନ ବିଜ୍ଞାନ ପରିଦର୍ଶକ ତଥା ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ନଳିନୀ ଚୌଧୁରୀ ଯୋଗଦେଇ କାର୍ବନ ଫୁଟପ୍ରିଣ୍ଟ କଣ, ଏହାର ପରିବେଶୀୟ ପ୍ରଭାବ, ଏହାକୁ କିପରି ଆକଳନ କରାଯାଏ ଏବଂ କାର୍ବନ ଫୁଟପ୍ରିଣ୍ଟ ହ୍ରାସ କରିବାରେ ଛାତ୍ର ଛାତ୍ରୀ ଓ ସାଧାରଣ ନାଗରିକ ର ଭୂମିକା ସମ୍ପର୍କ ରେ ସାରଗର୍ଭକ ଆଲୋଚନା କରିଥିଲେ । ବରିଷ୍ଠ ଶିକ୍ଷକ ତୁଷାରକାନ୍ତ ପାତ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ଏହି ଅବସରରେ ରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ପରିବେଶ ସୁରକ୍ଷା ସଂକ୍ରାନ୍ତୀୟ କୁଇଜ ଓ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀ ଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା । କାର୍ଯ୍ୟକ୍ରମ ପରିଚାଳନା ରେ ଶିକ୍ଷୟିତ୍ରୀ ରାଜନନ୍ଦିନୀ ପାତ୍ର, ପ୍ରଭାତୀ ପ୍ରଧାନ, ସବିତା ବାରିକ ଓ ଜଗନ୍ନାଥ ମହାନ୍ତ ପ୍ରମୁଖ ସହଯୋଗ କରିଥିଲେ ।

## ମହିଳା ଟ୍ରାଫିକ କନେଷ୍ଟବଳ ନିଖୋଜ

ଭୁବନେଶ୍ୱର, ୧୨/୯ (ନି.ପ୍ର): ଭୁବନେଶ୍ୱର ଟ୍ରାଫିକ -୨ରେ କାର୍ଯ୍ୟରତ ମହିଳା କନେଷ୍ଟ ବଳ ଶୁଭମିତ୍ରା ସାହୁ ନିଖୋଜ ନେଇ ଅଭିଯୋଗ ହୋଇଛି। ସୂର୍ଯ୍ୟନଗରରୁ ନିଖୋଜ ଥିବା ନେଇ ପରିବାର ଲୋକ କ୍ୟାପିଟାଲ ଥାନାରେ ଅଭିଯୋଗ କରିଛନ୍ତି। ଗତ ୬ତାରିଖରୁ ନିଖୋଜ ଅଛନ୍ତି ଶୁଭମିତ୍ରା। ହେଲେ କମିସନରେଟ ପୋଲିସ ପକ୍ଷରୁ କୌଣସି ସୂଚନା ପରିବାର ଲୋକଙ୍କୁ ଦିଆଯାଇନଥିବା ଅଭିଯୋଗ ହୋଇଛି।

# ଅଧିକ ଉପସ୍ଥାନ ଦେଖାଇ ଭାରାପ୍ରାପ୍ର ପ୍ରଧାନଶିକ୍ଷକଙ୍କ ମଧ୍ୟାହ୍ନଭୋଜନ ହଡ଼ପ ଘଟଣାର ତଦନ୍ତ ଆରମ୍ଭ




ନୀଳଗିରି, ୧୨/୯ (ନି.ପ୍ର):ନୀଳଗିରି ବ୍ଲକ୍ ନରସିଂହପୁର ପଞ୍ଚାୟତ ଦୁର୍ଗାପୁର ନୋଡାଲ୍ ଉଚ୍ଚପ୍ରାଥମିକ ବିଦ୍ୟାଳୟରେ ଅଧିକ ଉପସ୍ଥାନ ଦେଖାଇ ମଧ୍ୟାହ୍ନଭୋଜନ ହଡ଼ପ ଘଟଣାର ଖବରପ୍ରସାରଣ ପରେ ନୀଳଗିରି ବିଇଓ ସତ୍ୟରଞ୍ଜନ ଭୂୟାଁଙ୍କ ନିର୍ଦ୍ଦେଶରେ ଏବିଓ ଲମ୍ବୋଧର ସିଂ ଆଜି ଉକ୍ତ ବିଦ୍ୟାଳୟକୁ ଯାଇ ତଦନ୍ତକରିଥିବା ବେଳେ ଘଟଣାର ସତ୍ୟତାକୁ ସ୍ୱୀକାର କରିଛନ୍ତି। ସୂଚନାଯୋଗ୍ୟ ଉକ୍ତ ବିଦ୍ୟାଳୟରେ ପ୍ରଥମରୁ ସପ୍ତମଶ୍ରେଣୀ ପର୍ଯ୍ୟନ୍ତ ମୋଟ ୧୨୧ ଜଣ ପିଲା - ପଢ଼ନ୍ତି। ଗତ ୧୦ତାରିଖ ଦିନ ୬୯ ଜଣ ଛାତ୍ରଛାତ୍ରୀ ଉପସ୍ଥିତ ଥିବାବେଳେ ଭାରପ୍ରାପ୍ତ ପ୍ରଧାନଶିକ୍ଷକ କପିଳେଶ୍ୱର ସାମଲ ତଞ୍ଚକତା କରି ରେଜିଷ୍ଟରରେ ୧୧୬ ଜଣ ପିଲାଙ୍କ ଉପସ୍ଥାନ ଦର୍ଶାଇଥିଲେ । ଅନୁରୂପ ଭାବେ ୧୧ ତାରିଖ ଦିନ ୪୨ଜଣ ଛାତ୍ରଛାତ୍ରୀ ଉପସ୍ଥିତ ଥିବାବେଳେ ରେଜିଷ୍ଟରରେ ୧୦୬ ଜଣ ପିଲାଙ୍କ ଉପସ୍ଥାନ ଦର୍ଶାଯାଇଥିଲା।ତେବେ ଏହି ଘଟଣାକୁ ନେଇ ସ୍ଥାନୀୟ ବୁଦ୍ଧିଜୀବୀ ଓ ଅଭିଭାବକ କ୍ଷୋଭ ପ୍ରକାଶ କରିଥିଲେ। ଗୋଷ୍ଠୀ ଶିକ୍ଷାଧିକାରୀ ଓ ଜିଲ୍ଲାପାଳ ଉଚ୍ଚସ୍ତରୀୟ ତଦନ୍ତ କରିବା ସହ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାପାଇଁ ଦାବି ଉଠିଥିଲା।ଏନେଇ ଭାରାପ୍ରାପ୍ତ ପ୍ରଧାନଶିକ୍ଷକ ଶ୍ରୀ ସାମଲଙ୍କ ପ୍ରତିକ୍ରିୟା ନିଆଯାଇଥିଲା ବେଳେ ମୁଁ ଏକା ସଂପୃକ୍ତ ନୁହେଁ ବିଦ୍ୟାଳୟର ଅନ୍ୟ ଶିକ୍ଷକ/ଶିକ୍ଷୟିତ୍ରୀ ସିଆରସିସିଙ୍କର ମଧ ଭାଗିଦାରୀ ରହିଛିବୋଲି କହିଥିଲେ।ଘଟଣା ସମ୍ପର୍କରେ ତଦନ୍ତକାରୀ ଅଫିସର ଲମ୍ବୋଧର ସିଂଙ୍କୁ ପଚାରିବାରୁ ତଦନ୍ତ ବେଳେ ଅଭିଯୁକ୍ତ ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଆବଶ୍ୟକୀୟ ସଠିକ୍ କାଗଜପତ୍ର ଦେଇନାହାଁନ୍ତି।ରିପୋର୍ଟ ବିଇଓଙ୍କୁ ଦେବି, ବିଇଓ ଯାହା କାର୍ଯ୍ୟାନୁଷ୍ଠାନ ନେବେ ବୋଲି କହିଛନ୍ତି।

# ଟ୍ରାକ୍ଟର ଛଡ଼ାଇନେବା ଘଟଣାରେ ଜଣେ ଗିରଫ: ଅଭିଯୁକ୍ତ କୋର୍ଟ ଚାଲାଣ

ନୀଳଗିରି , ୧୨/୯ (ନି.ପ୍ର): ପୋଲିସ ଏବଂ ଖଣି ଅଧିକାରୀଙ୍କ କବଜାରେ ଥିବା ଗୋଟିଏ ଚୋରା ବାଲିବୋଝେଇ ଟ୍ରାକ୍ଟରକୁ ଅଧାରାସ୍ତାରେ କିଛି ବାଲିମାଫିଆ ପୋଲିସକୁ ମାରଣାସ୍ତ୍ର ଦେଖାଇ ଟ୍ରାକ୍ଟରଟିକୁ ଜୋରଜବରଦସ୍ତି ଛଡାଇ ନେବା ଘଟଣାରେ ଗୁରୁବାର ରାତିରେ ଜଣେ ମାଫିଆକୁ ଗିରଫ କରିଛି ନୀଳଗିରି ପୋଲିସ। ସଂପୃକ୍ତ ଅଭିଯୁକ୍ତ ଜଣକ ନରସିଂହପୁର ପଞ୍ଚାୟତ ତିନିଦେଶ ଗ୍ରାମର ଶମ୍ଭୁନାଥ ପାତ୍ରଙ୍କ ପୁଅ ରମାକାନ୍ତ ପାତ୍ର (୩୩)। ଅଯୋଧ୍ୟା ଫାଣ୍ଡି ଅଧିକାରୀ ସରୋଜ ଦାସଙ୍କ ନେତୃତ୍ୱରେ ଏକ ଟିମ୍ ଜାଲ ବିଛାଇଥିବା ବେଳେ ଗୁରୁବାର ବିଳମ୍ବିତ ରାତିରେ ଅଭିଯୁକ୍ତ ରମାକାନ୍ତଙ୍କୁ ତାଙ୍କ ଘରୁ ଉଠାଇ ଆଣିଥିଲା। ଏନେଇ ନୀଳଗିରି ଥାନାରେ ୩୬୩/୨୫ରେ କେସ ରୁଜୁ କରାଯାଇଥିବା ବେଳେ ଆଜି ତାଙ୍କୁ ମାନ୍ୟବର କୋର୍ଟରେ ହାଜର କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ଅଭିଯୁକ୍ତ ରମାକାନ୍ତକୁ ଜେଲ ହାଜତକୁ ପଠାଇ ଦିଆଯାଇଥିବା ସୂଚନା ମିଳିଛି।

❒ ସଂପାଦିକା : ସୈରିନ୍ଧ୍ରୀ ସାହୁ
❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Editor: Sairindhree Sahoo
❒ Managing & Executive Editor : Srustidhar Parida